# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୬/୨୦୨୧ (୧୨ ପୃଷ୍ଠା) | Bhubaneswar, Friday, July 16/2021 | ★★★★★★

୪୭ଶ ଭାଗ ୨୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



DSPL - 88

ମିଶନ ଶକ୍ତି



୭୦ ଲକ୍ଷ ସଶକ୍ତ ମହିଳା



- ୩୩୮ ବ୍ଲକ ମିଶନ ଶକ୍ତି ଭବନ ନିର୍ମାଣ ପାଇଁ ଟ.୧୬୯ କୋଟି ।
- ୩୩୮ ବ୍ଲକ ମିଶନ ଶକ୍ତି ମହାସଂଘକୁ ଟ.୮୪.୫୦ କୋଟି ଆବର୍ତ୍ତନ ପାଣ୍ଠି ।
- ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମିଶନ ଶକ୍ତି ଋଣ ସୁଧ ରିହାତି ନିମନ୍ତେ ଟ.୨୦୦ କୋଟି ।

କୌଣସି ପରିବାର, ସମାଜ, ରାଜ୍ୟ ଅଥବା ରାଷ୍ଟ୍ର
ମହିଳାମାନଙ୍କ ସଶକ୍ତିକରଣ ବିନା କେବେ ବି
ଅଗ୍ରଗତି ହାସଲ କରିପାରିବ ନାହିଁ ।

ନବୀନ ପଟ୍ଟନାୟକ



OIPR-48001/13/0004/2122

Mission Shakti Department, Government of Odisha

ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପରେ ମଧ ଦେଶଦ୍ରୋହ ଆଇନର ଆବଶ୍ୟକତା କ'ଣ? ଏହା ଔପନିବେଶିକ ଆଇନ, ଯାହାର ଦୁରୁପଯୋଗ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବିରୋଧରେ କରାଯାଉଥିଲା। ତେଣୁ ଉକ୍ତ ଆଇନକୁ କାହିଁକି ହଟାଯାଉ ନାହିଁ ବୋଲି ସିଜେଆଇ ଏନ୍.ଭି. ରମନାଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ଟିପ୍ପଣୀ ପରେ ଭାରତରେ ଦେଶଦ୍ରୋହ ଆଇନର ଅପବ୍ୟବହାରକୁ ନେଇ ପୁଣି ଥରେ ମୁଣ୍ଡ ଟେକିଛି ବିବାଦ ଓ ବିତର୍କ।





# କାଠଗଡ଼ାରେ 'ଦେଶଦ୍ରୋହ'

## ମାମଲା କ'ଣ

ଭାରତୀୟ ସେନାର ଅବସରପ୍ରାପ୍ତ ଅଧିକାରୀ ମେଜର ଜେନେରାଲ ଭୋମ୍ବାଟ୍‌କେରେ ଦେଶଦ୍ରୋହ ଆଇନର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଆଇପିସି ଦଫା ୧୨୪-ଏ ଅଭିବ୍ୟକ୍ତି ସ୍ୱାଧୀନତାକୁ ପ୍ରଭାବିତ କରୁଛି। ମତବ୍ୟକ୍ତ କରିବା ସମ୍ବିଧାନ ପ୍ରଦତ୍ତ ଏକ ମୌଳିକ ଅଧିକାର ହୋଇଥିବାବେଳେ ଏହି ନିୟମ ଏହା ଉପରେ ଅନାବଶ୍ୟକ ହସ୍ତକ୍ଷେପ କରୁଛି। ୧୨୪-ଏ ସମ୍ପୂର୍ଣ୍ଣ ରୂପେ ଅସାମ୍ବିଧାନିକ ହୋଇଥିବାରୁ ଏହାକୁ ଉଚ୍ଛେଦ କରାଯାଉ ବୋଲି ଭୋମ୍ବାଟ୍‌କେରେ ନିଜ ପିଟିଶନରେ ପ୍ରାର୍ଥନା କରିଛନ୍ତି। ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଆବେଦନକାରୀଙ୍କ ବିଶ୍ୱସନୀୟତାର ଅବତାରଣା କରି କହିଛନ୍ତି, ଦେଶକୁ ସେ ସାରା ଜୀବନ ଦେଇଛନ୍ତି। ତାଙ୍କ ପିଟିଶନ ପଛର ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ କରାଯାଇ ନ ପାରେ। ଏହା ପୂର୍ବରୁ ମଧ ଦେଶଦ୍ରୋହ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ଖବରଦାତା କିଶୋରଚନ୍ଦ୍ର ୱାଙ୍ଗ୍‌ଖେମ୍‌ଚା (ମଣିପୁର) ଏବଂ କହ୍ନେୟାଲାଲ ଶୁକ୍ଳା (ଛତିଶଗଡ଼) ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ପିଟିଶନର ଶୁଣାଣି ଏକ ଭିନ୍ନ ଖଣ୍ଡପୀଠରେ ଚାଲିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ସୌରୀ ମଧ ସୁପ୍ରିମକୋର୍ଟରେ ଆଇପିସି ଧାରା ୧୨୪-ଏ (ଦେଶଦ୍ରୋହ)କୁ ଚ୍ୟାଲେଞ୍ଜ କରି ଏକ ପିଟିଶନ ଦାଏର କରିଛନ୍ତି।




ଦିଶା ରବି


ସରଫୁରା ଜରଗର

## ବିବାଦ ଓ ବିତର୍କ

ସମାଜରେ ଶାନ୍ତି ଓ ଆଇନର ବ୍ୟବସ୍ଥା ବଜାୟ ରଖିବା ପାଇଁ ଦେଶଦ୍ରୋହ ଆଇନ ସରକାରଙ୍କୁ ବଳ ଦେଇଥାଏ। କିନ୍ତୁ ଭାରତରେ ଏହି ଆଇନର ବହୁଳ ଅପବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ବରିଷ୍ଠ ସାମ୍ବାଦିକ ବିନୋଦ ଦୁଆ, ଜଳବାୟୁ ପରିବର୍ତ୍ତନ କର୍ମୀ ଦିଶା ରବି ଏବଂ ଅଧ୍ୟାପକ ଡ. କଫିଲ ଖାନ୍‌ଙ୍କଠାରୁ ନେଇ ଷ୍ଟୁଡେଣ୍ଟ ଆକ୍ଟିଭିଷ୍ଟ ସରଫୁରା ଜରଗରଙ୍କ ପର୍ଯ୍ୟନ୍ତ ଅନେକ ବୁଦ୍ଧିଜୀବୀଙ୍କ ବିରୋଧରେ ଦେଶଦ୍ରୋହ ଆଇନ ବଳରେ ମାମଲା ରୁଜୁ ହୋଇସାରିଛି। ନିକଟରେ ବିନୋଦ ଦୁଆଙ୍କ ବିରୋଧରେ ରୁଜୁ ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିଥିଲେ। ଅଧିକାରୀମାନଙ୍କ କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରିବା ଅଧିକାର ନାଗରିକଙ୍କର ରହିଛି ବୋଲି ଅଦାଲତ କହିଥିଲେ। ୨୦୧୦ରେ ଦେଶରେ ମାତ୍ର ୧୦ ଦେଶଦ୍ରୋହ ମାମଲା ରୁଜୁ ହୋଇଥିବାବେଳେ ୨୦୨୦ରେ ୬୭ ଜଣ ଖବରଦାତାଙ୍କ ବିରୋଧରେ ଏହି ଆଇନ ବଳରେ ମାମଲା ହୋଇଥିଲା। ଖବରଦାତାଙ୍କ ବିରୋଧରେ ଏପରି ମାମଲା ଦେଶଦ୍ରୋହ ନାମରେ ସେନ୍‌ସରଶିପ୍ ବୋଲି ମତ ପ୍ରକାଶ ପାଇଛି। ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପକ୍ଷରୁ କୁହାଯାଇଥିଲା, ୨୦୨୦ରେ ୭୦ରୁ ଊର୍ଦ୍ଧ୍ୱ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା। ୨୦୧୯ରେ ୯୩ ମାମଲା ରୁଜୁ ହୋଇଥିବାବେଳେ ୯୬ ଜଣଙ୍କୁ ଗିରଫ କରାଯାଇଥିଲା।


ଯୋଗେନ୍ଦ୍ର ଯାଦବ

## କାର୍ କାଚ ଭାଙ୍ଗିବା ଦେଶଦ୍ରୋହ?

**ନୂଆଦିଲ୍ଲୀ, ୧୫।୭**

ଦେଶଦ୍ରୋହ ଆଇନ ବିରୋଧରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀକୁ ଦେଶର ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି। ରାହୁଲଙ୍କ ଟୁଇଟ୍‌କୁ ନେଇ ଭାଜପା ସାଧାରଣ ସମ୍ପାଦକ ସି.ଟି. ରବି କହିଛନ୍ତି, ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ତୁମେ କ୍ଷମତାରେ ଥିଲ। ଏହି ୧୦ ବର୍ଷ ମଧ୍ୟରେ ତୁମେ କ'ଣ କରିଛ? ଦେଶଦ୍ରୋହ ଆଇନକୁ ଉଚ୍ଛେଦ କରିବାରେ ତୁମ ସରକାରଙ୍କୁ କିଏ ଅଟକାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହା ସହ ଲେଖିଛନ୍ତି, ଓଃ ହଁ, ତୁମେମାନେ ଧର୍ମନିରପେକ୍ଷତା ନାମରେ ଦେଶକୁ ଲୁଟିବାରେ ବ୍ୟସ୍ତ ଥିଲ।

ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ର ଓ ସ୍ୱରାଜ ଇଣ୍ଡିଆ ଅଧ୍ୟକ୍ଷ ଯୋଗେନ୍ଦ୍ର ଯାଦବଙ୍କ ସମେତ ଅନେକ ନେତା ଟୁଇଟ୍ କରି ଦେଶରେ ସେଡିଶନ ଲ'ର ଦୁରୁପଯୋଗ ହେଉଥିବା କହିଛନ୍ତି। ହରିୟାଣାରେ କୃଷି ଆଇନ ବିରୋଧରେ ବିକ୍ଷୋଭରତ ଚାଷୀ ଉପବାଚସ୍ପତିଙ୍କ କାର୍ କାଚକୁ ଭାଙ୍ଗିଥିବା ଅଭିଯୋଗ ହୋଇଥିବାବେଳେ ସେମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା କାହିଁକି ରୁଜୁ କରାଯାଇଛି ବୋଲି ଯୋଗେନ୍ଦ୍ର ପ୍ରଶ୍ନ କରିଛନ୍ତି। ମହୁଆ କହିଛନ୍ତି, ଏହି ପୁରୁଣାକାଳିଆ ଆଇନକୁ ଫିଙ୍ଗିଦିଆଯିବ। ଭାଜପା ନେତାଙ୍କ କାର୍‌କୁ ଆକ୍ରମଣ କରୁଥିବା ଚାଷୀଙ୍କ ବିରୋଧରେ ଏହାର ଅପବ୍ୟବହାର କରାଯାଉଛି ବୋଲି ସେ ଟୁଇଟ୍ କରିଛନ୍ତି। ସେହିପରି ପୂର୍ବତନ କେନ୍ଦ୍ର ଆଇନ ମନ୍ତ୍ରୀ ଅଶ୍ୱିନୀ କୁମାର ମଧ ଦେଶଦ୍ରୋହ ଆଇନକୁ ପ୍ରତ୍ୟାହାର କରାଯିବା ଉଚିତ ବୋଲି କହିଛନ୍ତି।

### ସୁପ୍ରିମକୋର୍ଟ ନିଷ୍ପତ୍ତିକୁ ସ୍ୱାଗତ

## କେନ୍ଦ୍ରର ଯୁକ୍ତି

କେନ୍ଦ୍ର ସରକାରଙ୍କ ସର୍ବୋଚ୍ଚ ଆଇନ ଅଧିକାରୀ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପଳ କହିଛନ୍ତି, ଦେଶଦ୍ରୋହ ଆଇନକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ ନ କରି ଏହାର ଉପଯୋଗ ଉପରେ ଗାଇଡ୍‌ଲାଇନ୍ ଜାରି କରାଯାଇପାରିବ। ୨୦୧୯ ଜୁଲାଇରେ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ କହିଥିଲେ, ଦେଶଦ୍ରୋହ ଆଇନକୁ ଉଚ୍ଛେଦ କରାଯିବ ନାହିଁ। ଦେଶ ବିରୋଧୀ, ବିଚ୍ଛିନ୍ନତାବାଦୀ ଓ ଆତଙ୍କବାଦୀ ତତ୍ତ୍ୱଙ୍କ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା ପାଇଁ ଏହି ଆଇନ ଜରୁରୀ।



## ୧୦୦ ଚାଷୀଙ୍କ ନାଁରେ ଦେଶଦ୍ରୋହ ମାମଲା

**ଚଣ୍ଡିଗଡ଼, ୧୫।୭**

ଦେଶଦ୍ରୋହ ଆଇନକୁ କାହିଁକି ଉଚ୍ଛେଦ କରାଯାଉ ନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ପ୍ରଶ୍ନ କରିବାର କିଛି ସମୟ ପରେ କେନ୍ଦ୍ରର ବିବାଦୀୟ କୃଷି ଆଇନ ବିରୋଧରେ ବିକ୍ଷୋଭ କରୁଥିବା ଶତାଧିକ ଚାଷୀଙ୍କ ବିରୋଧରେ ଏହି ଆଇନ ବଳରେ ମାମଲା ରୁଜୁ କରାଯାଇଥିବା ବିଷୟ ସାମ୍ନାକୁ ଆସିଛି। ହରିୟାଣାର ଭାଜପା-ଜନନାୟକ ଜନତା ପାର୍ଟି ସରକାରଙ୍କ ବିରୋଧରେ ଚାଷୀମାନେ ବିକ୍ଷୋଭ କରି କୃଷି ଆଇନକୁ ବିରୋଧ କରୁଥିଲେ। ସେହି ବାଟ ଦେଇ ହରିୟାଣା ବିଧାନସଭାର ଉପବାଚସ୍ପତି ରଣବୀର ଗଙ୍ଗୱା କାର୍‌ରେ ଯାଉଥିଲେ। ସେମାନେ ତାଙ୍କ କାର୍‌କୁ ଟାର୍ଗେଟ କରି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଗତ ୧୧ ତାରିଖରେ ସିର୍ସାରେ ଏହି ଘଟଣା ଘଟିଥିବାବେଳେ ସେହିଦିନ ଏଫ୍‌ଆଇଆର୍ ହୋଇଥିଲା। ପୋଲିସ ସେମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିଛି। ଚାଷୀ ହରଚରଣ ସିଂ ଓ ପ୍ରହ୍ଲାଦ ସିଂଙ୍କ ବିରୋଧରେ ଦେଶଦ୍ରୋହ ସହ ହତ୍ୟା ଉଦ୍ୟମ ମାମଲା ମଧ ରୁଜୁ କରାଯାଇଛି। ଆନ୍ଦୋଳନକାରୀ ସଙ୍ଗଠନ ସାମ୍ଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଜାରି ଏକ ବିବୃତିରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରାଯାଇଛି। ଭାଜପା ସରକାରଙ୍କ କୃଷକବିରୋଧୀ ନୀତି ପ୍ରତିବାଦରେ ବିକ୍ଷୋଭ କରାଯାଇଥିବାରୁ ମିଥ୍ୟା ମାମଲାରେ ଫସାଯାଇଥିବା ଏଥିରେ ଅଭିଯୋଗ ଅଣାଯାଇଛି।

## ଆଫଗାନିସ୍ତାନରେ ଅସ୍ଥିରତାର କାରଣ ଆତଙ୍କବାଦ: ଏସ୍‌ସିଓ

**ଦୁଶାନବେ, ୧୫।୭**

ଆଫଗାନିସ୍ତାନରେ ଅସ୍ଥିରତାର ମୁଖ୍ୟ କାରଣ ଆତଙ୍କବାଦୀ କାର୍ଯ୍ୟକଳାପ ବୋଲି ସାଂଘାଇ ସହଯୋଗୀ ସଂଗଠନ (ଏସ୍‌ସିଓ) ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକରେ କୁହାଯାଇଛି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନରୁ ଦୂରେଇ ରହିବାକୁ ସବୁ ପକ୍ଷକୁ ଏସ୍‌ସିଓ ପକ୍ଷରୁ ଆହ୍ୱାନ ଦିଆଯାଇଛି। କାରଣ କାର୍ଯ୍ୟାନୁଷ୍ଠାନର ପରିଣତି କ'ଣ ହେବ ତାହା କଳ୍ପନା ବାହାରେ ବୋଲି କୁହାଯାଇଛି। ଏହା ପରିବର୍ତ୍ତେ ଆଫଗାନିସ୍ତାନର ବିକାଶ ଓ ସ୍ଥିରତା ଲାଗି ସମସ୍ତ ଆଗ୍ରହୀ ରାଷ୍ଟ୍ର ଏବଂ ବିଶ୍ୱ ସଂଗଠନ ସହଯୋଗର ହାତ ବଢ଼ାଇବା ପାଇଁ ଏସ୍‌ସିଓ ପରାମର୍ଶ ଦେଇଛି। ତାଜିକସ୍ତାନ ରାଜଧାନୀ ଦୁଶାନବେଠାରେ ବୁଧବାର ଅନୁଷ୍ଠିତ ବୈଠକରେ ଭାରତ, ଚାଇନା, ପାକିସ୍ତାନ, ରୁଷିଆ ଆଦି ୮ଟି ଦେଶର ବହିର୍ବ୍ୟାପାର ମନ୍ତ୍ରୀ ଯୋଗ ଦେଇଥିଲେ। ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର କରୁଥିବାବେଳେ ସେଠାରେ ତାଲିବାନ ଆତଙ୍କବାଦୀଙ୍କ ପ୍ରଭାବ ବଢ଼ୁଥିବାରୁ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ରାଜନୈତିକ ଆଲୋଚନା ଜରିଆରେ ଆଫଗାନ ବିବାଦର ସମାଧାନ ପାଇଁ ଏସ୍‌ସିଓ ପୁଣିଥରେ ଦୋହରାଇଛି।

## ନାକୁ ଲାରେ ସ୍ଥାୟୀ ସାମରିକ ଶିବିର ନିର୍ମାଣ କରୁଛି ଚାଇନା

**ନୂଆଦିଲ୍ଲୀ, ୧୫।୭**

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଦୀର୍ଘ ଅବସ୍ଥିତି ଲାଗି ଚାଇନା ଏହାର ସୈନ୍ୟବାହିନୀ (ପିଏଲ୍‌ଏ)କୁ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ସୈନ୍ୟମାନଙ୍କ ଲାଗି ବେଜିଂ ପୂର୍ବ ଲଦାଖର ନାକୁ ଲା ନିକଟରେ ସ୍ଥାୟୀ କଂକ୍ରିଟ ଶିବିର ନିର୍ମାଣ ଆରମ୍ଭ କରିଛି, ଯେଉଁଠୁ ଅବିଳମ୍ବେ ବିବାଦୀୟ ସ୍ଥଳରେ ପହଞ୍ଚି ହେବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଚାଇନାର ନୂଆ ସାମରିକ କ୍ୟାମ୍ପ ସମ୍ପର୍କରେ ଭାରତୀୟ ଏଜେନ୍ସି ଜାଣିବାକୁ ପାଇଛି। କେବଳ ନାକୁ ଲା ନୁହେଁ ପୂର୍ବ ଲଦାଖର ବିପରୀତ ପାର୍ଶ୍ୱ ଏବଂ ଅରୁଣାଚଳ ପ୍ରଦେଶ ନିକଟବର୍ତ୍ତୀ ଅଞ୍ଚଳରେ ମଧ ଚାଇନା ଅନୁରୂପ କଂକ୍ରିଟ ଶିବିର ସ୍ଥାପନ କରୁଥିବା ଜଣାପଡ଼ିଛି। ଗତ କିଛି ବର୍ଷ ମଧ୍ୟରେ ଚାଇନା ପାର୍ଶ୍ୱରେ ସଡ଼କ ଭିତ୍ତିଭୂମିର ଯଥେଷ୍ଟ ଉନ୍ନତି ହୋଇଛି। ଏଲ୍‌ଏସିରେ ସୈନ୍ୟ ମୁତୟନ ଆବଶ୍ୟକ ପଡ଼ିଲେ ସେମାନେ ଖୁବ୍‌ଶୀଘ୍ର ଆସି ପହଞ୍ଚିପାରିବେ। ସୀମା ନିକଟବର୍ତ୍ତୀ ଅଞ୍ଚଳରେ ସ୍ଥାୟୀ କ୍ୟାମ୍ପ ନିର୍ମାଣ ଫଳରେ ଯେକୌଣସି ସ୍ଥିତିରେ ସେମାନେ ତୁରନ୍ତ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

## ସଂକ୍ଷେପରେ

### ଆର୍‌ଟିଆଇ କର୍ମୀଙ୍କ ହାତଗୋଡ଼ ହାଣିଦେଲେ


ଭେଙ୍କଟେଶ

**ରାମନଗର (କର୍ଣାଟକ), ୧୫।୭:** ତଥ୍ୟ ଜାଣିବା ଅଧିକାର ବଳରେ କର୍ଣାଟକ ସରକାରଙ୍କ ବିଭିନ୍ନ ବିଭାଗର ତଥ୍ୟ ମାଗିବା ଜଣେ କର୍ମୀଙ୍କ ପାଇଁ ମରଣାନ୍ତକ ହୋଇଛି। କେତେଜଣ ଦୁର୍ବୃତ୍ତ ଗୁରୁବାର ସ୍ପଷ୍ଟ ଦିବାଲୋକରେ ଉକ୍ତ ଆର୍‌ଟିଆଇ କର୍ମୀଙ୍କ ହାତ ଗୋଡ଼ ହାଣିଦେଇଛନ୍ତି। ବେଙ୍ଗାଲୁରୁ ଉପକଣ୍ଠ ଟାଭାରେକେରେଠାରେ ଲୋକଙ୍କ ଉପସ୍ଥିତିରେ ଦୁର୍ବୃତ୍ତମାନେ ଏଭଳି ଜଘନ୍ୟ କାଣ୍ଡ ଘଟାଇ ଫେରାର ହୋଇଯାଇଛନ୍ତି। ଗୁରୁତର ଅବସ୍ଥାରେ ରକ୍ତ ଜୁଡ୍‌ବୁଡ୍ଡୁ ହୋଇ ରାସ୍ତାରେ ପଡ଼ିଥିବା ଆର୍‌ଟିଆଇ କର୍ମୀ ଭେଙ୍କଟେଶଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାର ତଦନ୍ତ ପାଇଁ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ରାମନଗର ଏସ୍‌ପି କହିଛନ୍ତି।

### ସମୁଦ୍ରରେ ଟ୍ରଲର ବୁଡ଼ି ୯ ମତ୍ସ୍ୟଜୀବୀ ମୃତ

**କୋଲକାତା, ୧୫।୭:** ବଙ୍ଗୋପସାଗରରେ ଏକ ମାଛଧରା ଟ୍ରଲର ବୁଡ଼ିଯିବାରୁ ୯ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହେବା ସହ ଜଣେ ନିଖୋଜ ଅଛନ୍ତି। ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲାର କେତେଜଣ ମତ୍ସ୍ୟଜୀବୀ ଟ୍ରଲର ନେଇ ମାଛ ଧରିବାକୁ ଯାଇଥିଲେ। ବୁଧବାର ଭୋର ସମୟରେ ବଖାଲି ଉପକୂଳ ରକ୍ତେଶ୍ୱରୀ ଦ୍ୱୀପ ନିକଟରେ ହଠାତ୍ ଉଚ୍ଚ ଜୁଆର ଆସିବାରୁ ହୈମବତୀ ନାମକ ଉକ୍ତ ଟ୍ରଲରଟି ବୁଡ଼ିଯାଇଥିଲା। ଏହି ସମୟରେ ମତ୍ସ୍ୟଜୀବୀମାନେ ଇଲିଶି ଧରି ଫେରୁଥିଲେ। ଟ୍ରଲର ଡେକ୍‌ରେ ଥିବା ଦୁଇଜଣ ସମୁଦ୍ରକୁ ଡେଇଁପଡ଼ିଥିଲା ବେଳେ ଅନ୍ୟ ବୋଟ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ବୁଡ଼ିଯାଇଥିବା ଟ୍ରଲର କ୍ୟାବିନରୁ ୯ ମତ୍ସ୍ୟଜୀବୀଙ୍କ ମୃତଦେହ ମିଳିଛି।

### ଜର୍ମାନୀ ବନ୍ୟାରେ ୧୯ ମୃତ

**ବର୍ଲିନ, ୧୫।୭:** ଜର୍ମାନୀରେ ପ୍ରବଳ ବର୍ଷା ଫଳରେ ବିଭିନ୍ନ ନଦୀରେ ବନ୍ୟା ଆସି ୧୯ ଜଣଙ୍କର ମୃତ୍ୟୁ ଘଟିବା ସହ ଅନେକେ ନିଖୋଜ ହୋଇଛନ୍ତି। ବନ୍ୟାରେ କେତେକ କାର ଭାସିଯାଇଥିବାବେଳେ ଅନେକ ବିଲ୍ଡିଂ ଭୁଶୁଡ଼ି ପଡ଼ିଛି। ଫୋନ୍ ଏବଂ ଇଣ୍ଟରନେଟ ସଂଯୋଗ ବିଚ୍ଛିନ୍ନ ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପଶ୍ଚିମ ୟୁସ୍କିର୍‌ଚେନ୍ କାଉଣ୍ଟିରେ ୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅର୍‌ୱେଇଲର କାଉଣ୍ଟିରେ ୫ ଜଣ ପ୍ରାଣ ହରାଇଛନ୍ତି। ୬ଟି ଘର ଭୁଶୁଡ଼ି ପଡ଼ିଛି।

### ଆର୍‌ଏଏସ୍ ପରୀକ୍ଷାରେ ୩ ଭଉଣୀ କୃତକାର୍ଯ୍ୟ



**ଜୟପୁର, ୧୫।୭:** ରାଜସ୍ଥାନ ପ୍ରଶାସନିକ ସେବା(ଆର୍‌ଏଏସ୍)-୨୦୧୮ ପରୀକ୍ଷାରେ ହନୁମାନଗଡ଼ର ୩ ଭଉଣୀ କୃତକାର୍ଯ୍ୟ ହୋଇଛନ୍ତି। ପୂର୍ବରୁ ଆଉ ୨ ଭଉଣୀ ଆର୍‌ଏଏସ୍‌ରେ ଅଫିସର ଥିବାବେଳେ ଏବେ ଏହି ୩ ଜଣ ସେମାନଙ୍କ ସହ ରାଜସ୍ଥାନ ପ୍ରଶାସକ ହେବେ। ଆଇଏଫ୍‌ଏସ୍ ପ୍ରବୀଣ କସୱାନ ଏ ବାବଦରେ ଟୁଇଟ୍ କରିଛନ୍ତି। ପରୀକ୍ଷାରେ ସଫଳତା ପାଇଥିବା ଅଂଶୁ, ରିତୁ ଓ ସୁମନଙ୍କୁ ଅଭିନନ୍ଦନ ବୋଲି ସେ ଲେଖିଛନ୍ତି। ଅନ୍ୟ ୨ ଭଉଣୀ ରୋମା ଓ ମଞ୍ଜୁ ମଧ ଆର୍‌ଏଏସ୍ ଅଧିକାରୀ।

### ପୂର୍ବତନ ବିଧାୟକଙ୍କ ହାତୀ ଜବତ

**ଗୁଆହାଟୀ, ୧୫।୭:** ଜଣେ ୧୪ ବର୍ଷର ବାଳକଙ୍କୁ ପାଦରେ ଦଳି ମାରିଦେଇଥିବା ଆସାମର ପୂର୍ବତନ ବିଧାୟକ ଜିତେନ ଗୋଗାଇଙ୍କ ଏକ ହାତୀକୁ ପୋଲିସ ଜବତ କରିଛି। ଡୁଲୁମୋନି ନାମକ ଏହି ହାତୀକୁ ଓ ଏହାର ୮ ମାସର ଛୁଆ ଲକ୍ଷ୍ମୀକୁ କାଜିରଙ୍ଗା ଜାତୀୟ ଉଦ୍ୟାନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ବିଟୁ ଗୌଡ଼ ନାମକ ବାଳକଙ୍କ ମୃତ୍ୟୁ ହେବା ପରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିଥିଲେ। ଗତ ବର୍ଷ ମଧ ଡୁଲୁମୋନି ଆଉ ଜଣଙ୍କ ଜୀବନ ନେଇଥିଲା। ଏହି ଘଟଣାବେଳେ ହାତୀ ସହ ଥିବା ମାହୁନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି। କଠୋରପନ୍ଥୀ ଗୋଷ୍ଠୀ ୟୁନାଇଟେଡ୍ ଫ୍ରଣ୍ଟ ଅଫ୍ ଆସାମ ସଦସ୍ୟ ଥିବା ଜିତେନ ୨ ଥର ବିଧାୟକ ହୋଇଥିଲେ।

## 'ରୁଦ୍ରାକ୍ଷ' ଲୋକାର୍ପିତ

### ବାରାଣସୀରେ ମୋଦି
### ୧,୫୦୦ କୋଟିର ପ୍ରକଳ୍ପ ଶିଳାନ୍ୟାସ

**ବାରାଣସୀ, ୧୫।୭**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉତ୍ତରପ୍ରଦେଶର ବାରାଣସୀଠାରେ ଅନ୍ତର୍ଜାତୀୟ ସହଯୋଗ ଏବଂ ସମ୍ମିଳନ କେନ୍ଦ୍ର 'ରୁଦ୍ରାକ୍ଷ' ଉଦ୍‌ଘାଟନ କରିଛନ୍ତି। ଏଥିରେ ପ୍ରାଚୀନ ସହର କାଶୀର ସାଂସ୍କୃତିକ ସମୃଦ୍ଧତାର ଝଲକ ରହିଛି। ଜାପାନ ସହାୟତାରେ ନିର୍ମିତ ଏହି ପ୍ରୋଜେକ୍ଟ ଇଣ୍ଡୋ-ଜାପାନ ବନ୍ଧୁତ୍ୱର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସିଗ୍ରାର ୨.୮୭ ହେକ୍ଟର ଜାଗାରେ ୧୮୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨ ମହଲାର ଏହି ସମ୍ମିଳନ କେନ୍ଦ୍ରରେ ୧୨ ଶହ ଲୋକ ବସିପାରିବେ। ୨୦୧୫ରେ ଜାପାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ଭାରତ ଗସ୍ତବେଳେ ଏହି ପ୍ରୋଜେକ୍ଟର ମୂଳଦୁଆ ପଡ଼ିଥିଲା। ଏହାକୁ ମିଶାଇ ମୋଦି ବାରାଣସୀରେ ୧,୫୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଉଦ୍‌ଘାଟନୀ ସମାରୋହରେ ଜନସାଧାରଣଙ୍କୁ ସମ୍ବୋଧିତ କଲାବେଳେ ମୋଦି ଉତ୍ତରପ୍ରଦେଶରେ କୋଭିଡ୍ ପରିଚାଳନାକୁ ପ୍ରଶଂସା କରିଥିଲେ।

## ସେନା କର୍ମଚାରୀ, ଫଳ ବିକ୍ରେତା ଗିରଫ

### ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି ଅଭିଯୋଗ


ପରମ୍‌ଜିତ କୌର ହବିବ୍ ଖାନ

**ନୂଆଦିଲ୍ଲୀ, ୧୫।୭:** ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି କରି ଭାରତୀୟ ସେନାର ସମ୍ବେଦନଶୀଳ ତଥ୍ୟ ଲିକ୍ କରିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ଦିଲ୍ଲୀ କ୍ରାଇମବ୍ରାଞ୍ଚ ପୋଲିସ ଓ ଗୋଇନ୍ଦା ବ୍ୟୁରୋର ଜଏଣ୍ଟ ଅପରେଶନରେ ଉଭୟେ ଧରା ପଡ଼ିଥିବା ଜଣାପଡ଼ିଛି। ସେମାନେ ହେଲେ ରାଜସ୍ଥାନ ବିକାନେର୍‌ର ହବିବ୍ ଖାନ ଓରଫ ହବିବୁର ରହମାନ ଏବଂ ଆଗ୍ରାରେ ନିୟୋଜିତ ହୋଇଥିବା ଜଣେ ସେନା କର୍ମଚାରୀ ପରମ୍‌ଜିତ କୌର। ପୂର୍ବରୁ ପରମଜିତ୍ ପୋଖରାନ୍‌ରେ ନିଯୁକ୍ତ ହୋଇଥିଲେ। ହବିବ୍ ରାଜସ୍ଥାନର ପୋଖରାନ୍‌ଠାରେ ଥିବା ଭାରତୀୟ ସେନା ବେସ୍‌ରେ କିଛି ବର୍ଷ ପାଇଁ ଫଳ ଯୋଗାଣର ଠିକା ନେଇଥିଲେ। ହବିବ୍‌ଙ୍କ ନିକଟରୁ ଭାରତୀୟ ସେନା ପ୍ରତିଷ୍ଠାନର କେତେକ ମ୍ୟାପ୍ ଓ ଡକ୍ୟୁମେଣ୍ଟ ଜବତ ହୋଇଛି। ପରମଜିତ୍ କୌର ଏହି ଦସ୍ତାବିଜ୍ ହବିବ୍‌ଙ୍କୁ ଦେଇଥିଲେ ବୋଲି ଦିଲ୍ଲୀ କ୍ରାଇମବ୍ରାଞ୍ଚ ପୋଲିସ ଜାଣିବାକୁ ପାଇଛି। ଏଥିରେ ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଉଚ୍ଚାୟୁକ୍ତର ହାତ ରହିଥିବା ଜଣାପଡ଼ିଛି। ହବିବ୍‌ଙ୍କୁ ହାଇକମିଶନ୍‌ରେ ଥିବା କମଲ କୋଡ୍‌ୱାର୍ଡ ନାମଧାରୀ ଜଣେ ବ୍ୟକ୍ତି ବ୍ଲାକମେଲ କରୁଥିଲେ। ଭାରତୀୟ ସେନା ଓ ପ୍ରତିରକ୍ଷା ପ୍ରତିଷ୍ଠାନ ବାବଦରେ ଡାଟା ଦେଲେ ପାକିସ୍ତାନରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କୁ ଭେଟିବାକୁ ଭିସା ମିଳିବ ବୋଲି ହବିବ୍‌ଙ୍କୁ କୁହାଯାଇଥିଲା।

## ଅଣଭାଜପା ନେତାଙ୍କୁ ଭେଟିବେ ମମତା

**କୋଲକାତା, ୧୫।୭**



### ବିରୋଧୀ ମେଣ୍ଟ ଗଠନ ଚର୍ଚ୍ଚା

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା ବିରୋଧୀ ମେଣ୍ଟ ଗଠନ ନେଇ ଚର୍ଚ୍ଚା ଜୋର୍ ଧରିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନୂଆଦିଲ୍ଲୀ ଯାଇ ଅଣଭାଜପା ନେତାମାନଙ୍କୁ ଭେଟିବେ ବୋଲି ଜଣାପଡ଼ିଛି। ୨୧ ତାରିଖରେ କୋଲକାତାରେ ଶହୀଦ ଦିବସ ରାଲି ପରେ ମମତା ଯେକୌଣସି ସମୟରେ ନୂଆଦିଲ୍ଲୀ ଯାଇପାରନ୍ତି ବୋଲି ଟିଏମ୍‌ସି କହିଛି।

ଗତ ମାସରେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ନୂଆଦିଲ୍ଲୀ ବାସଭବନରେ ବିଭିନ୍ନ ଦଳର ନେତା ଏକାଠି ହେବା ପରେ ଭାଜପା ବିରୋଧୀ ମେଣ୍ଟ ଗଠନ ଚର୍ଚ୍ଚା ପୁଣିଥରେ ଜୋର୍ ଧରିଛି। ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ଏନ୍‌ସିପି ନେତାଙ୍କ ସମେତ ଗାନ୍ଧୀ ପରିବାର ସଦସ୍ୟଙ୍କୁ ଭେଟିବା ପରେ ମେଣ୍ଟ ଗଠନ ନେଇ କଳ୍ପନାଜଳ୍ପନା ସୃଷ୍ଟି କରିଛି। ମମତା ନୂଆଦିଲ୍ଲୀରେ କିଛିଦିନ ରହି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ପାୱାରଙ୍କୁ ଭେଟିପାରନ୍ତି।

### ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା

## ସିବିଆଇ ତଦନ୍ତ ସୁପାରିସ

**କୋଲକାତା, ୧୫।୭(ପି.ଟି.)**

ପଶ୍ଚିମବଙ୍ଗରେ ସ୍ଥିତି ଯାହା, ସେଠାରେ ଆଇନର ଶାସନ ପରିବର୍ତ୍ତେ ଶାସକଙ୍କ ଆଇନ ଜାହିର କରାଯାଉଥିବା ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କହିଛି। ରାଜ୍ୟରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟଣାର ତଦନ୍ତ କରୁଥିବା ଏନ୍‌ଏଚ୍‌ଆର୍‌ସି କମିଟି କାଲକାଟା ହାଇକୋର୍ଟରେ ମଙ୍ଗଳବାର ଉପସ୍ଥାପନ କରିଥିବା ରିପୋର୍ଟରେ ଏହା କୁହାଯାଇଛି। ପଶ୍ଚିମବଙ୍ଗରେ ନିର୍ବାଚନ ପରେ ହତ୍ୟା, ବଳାତ୍କାର ଭଳି ଗୁରୁତର ଅପରାଧ ଘଟିଥିବାରୁ ଏହାର ସିବିଆଇ ତଦନ୍ତ କରାଯିବାକୁ କମିଟି ସୁପାରିସ କରିଛି। ଏଥିସହିତ ମାମଲାର ବିଚାର ରାଜ୍ୟ ବାହାରେ କରିବା ପାଇଁ କମିଟି ପରାମର୍ଶ ଦେଇଛି।

ହାଇକୋର୍ଟଙ୍କ ୫ ଜଣିଆ ପୀଠଙ୍କ ନିର୍ଦ୍ଦେଶକ୍ରମେ ଏନ୍‌ଏଚ୍‌ଆର୍‌ସି ଅଧ୍ୟକ୍ଷ ଘଟଣାର ତଦନ୍ତ ପାଇଁ କମିଟି ଗଠନ କରିଥିଲେ। ମଙ୍ଗଳବାର କମିଟି ତାଙ୍କ ରିପୋର୍ଟ ହାଇକୋର୍ଟରେ ଦାଖଲ କରିଥିଲେ। ସୂଚନାଯୋଗ୍ୟ ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସାରେ ଅନେକେ ମୃତାହତ ହେବା ସହ ବହୁ ଲୋକ ଘରଦ୍ୱାର ଛାଡ଼ି ପଳାଇଯାଇଥିଲେ। ବହୁ ସମ୍ପତ୍ତି କ୍ଷୟକ୍ଷତି ହୋଇଥିଲା। ଏହା ବିରୋଧରେ ହାଇକୋର୍ଟରେ ଏକାଧିକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଶାସକ ଦଳର ସମର୍ଥକମାନଙ୍କ ଦ୍ୱାରା ମୁଖ୍ୟ ବିରୋଧୀ ଦଳର ସମର୍ଥକଙ୍କ ବିରୋଧରେ ଏହି ହିଂସାକାଣ୍ଡ ଘଟିଥିବା ଏନ୍‌ଏଚ୍‌ଆର୍‌ସି କମିଟି କହିଛି।

### ଏନ୍‌ଏଚ୍‌ଆର୍‌ସି ରିପୋର୍ଟ ପ୍ରଘଟକୁ ମମତାଙ୍କ ସମାଲୋଚନା



ଏନ୍‌ଏଚ୍‌ଆରସି କମିଟି ରିପୋର୍ଟକୁ ଗଣମାଧ୍ୟମରେ ପ୍ରକାଶ କରିବା ଅଦାଲତ ପ୍ରତି ଅସମ୍ମାନ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର କହିଛନ୍ତି। ରିପୋର୍ଟ ଲିକ୍ ପଛରେ ଭାଜପାର ଷଡ଼ଯନ୍ତ୍ର ରହିଛି। ରାଜ୍ୟ ସରକାରଙ୍କ ମତାମତ ନ ନେଇ ଏନ୍‌ଏଚ୍‌ଆର୍‌ସି କିପରି ସିଦ୍ଧାନ୍ତରେ ପହଞ୍ଚିଲା ତାକୁ ନେଇ ମମତା ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ରିପୋର୍ଟକୁ ଗଣମାଧ୍ୟମରେ ପ୍ରଘଟ ନ କରି ପ୍ରଥମେ କୋର୍ଟରେ ଉପସ୍ଥାପନ କରିବା ଆବଶ୍ୟକ ଥିଲା ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୬/୨୦୨୧ | Bhubaneswar, Friday, July 16/2021 | ପୃଷ୍ଠା-୧



**ବିଦେଶୀ ଟିକା ନେଇ ଟ୍ରୋଲ୍**

ଫାଇଜର କରୋନା ଟିକା ନେଇ ସୋସିଆଲ ମିଡିଆରେ ଟ୍ରୋଲ୍ ହୋଇଛନ୍ତି ଅଭିନେତ୍ରୀ ପରିଣିତି ଚୋପ୍ରା।

୦୮

୧୦

**ପୋଗାକାର ୧୮ତମ ଷ୍ଟେଜ୍ ବିଜେତା**

ସ୍ଲୋଭେନିଆର ଟାଡେଜ ପୋଗାକାର ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ୧୮ତମ ଷ୍ଟେଜ ବିଜେତା ହୋଇଛନ୍ତି।






ରିପୋର୍ଟ: ପୃଷ୍ଠା-୫

ପେଟ୍ରୋଲ, ଡିଜେଲ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ପ୍ରତିବାଦରେ ବାମଦଳ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ପାଳନ ବେଳେ ଭୁବନେଶ୍ୱର ଜୟଦେବ ବିହାର ଓଭରବ୍ରିଜ୍‌କୁ ଅବରୋଧ କରାଯାଇଛି।

# ଦେଶଦ୍ରୋହ ଆଇନ ହଟାଉନ କାହିଁକି

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ



**ନୂଆଦିଲ୍ଲୀ,୧୫।୭**

ଭାରତରେ ଉପନିବେଶବାଦ ଅମଳର କଠୋର ଦେଶଦ୍ରୋହ ଆଇନର ବ୍ୟାପକ ଦୁରୁପଯୋଗକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କ ବିରୋଧରେ ବ୍ରିଟିଶ୍ ସରକାର ଏହି ପୁରୁଣାକାଳିଆ ଆଇନକୁ ଅସ୍ତ୍ର ରୂପେ ବ୍ୟବହାର କରୁଥିଲେ। ବର୍ତ୍ତମାନର କେନ୍ଦ୍ର ସରକାର ଅନେକ ଆଇନକୁ ଉଚ୍ଛେଦ କରୁଥିବାବେଳେ ଏହାକୁ କାହିଁକି ହଟାଉନାହାନ୍ତି ବୋଲି ଗୁରୁବାର ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି।

ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଏବଂ ପୂର୍ବତନ ସେନା ମେଜର ଜେନେରାଲ ଏସ୍.ଜି. ଭୋମ୍ବାଟ୍‌କେରେଙ୍କ ପକ୍ଷରୁ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଧାରା ୧୨୪(ଏ) (ଦେଶଦ୍ରୋହ)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ସେମାନଙ୍କ ପିଟିଶନଗୁଡ଼ିକୁ ଗ୍ରହଣ କରି ଉକ୍ତ ଆଇନର ସମୀକ୍ଷା ପାଇଁ ରାଜି ହୋଇଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣି କରି ଖଣ୍ଡପୀଠ

- ଅନେକ ଆଇନ ଉଚ୍ଛେଦ କରାଯାଉଛି, 'ଦେଶଦ୍ରୋହ'କୁ କାହିଁକି ହଟାଯାଉ ନାହିଁ
- ବ୍ୟାପକ ଦୁରୁପଯୋଗକୁ ନେଇ ଚିନ୍ତାବ୍ୟକ୍ତ କଲେ ସିଜେଆଇ

ଆଇପିସି ୧୨୪ (ଏ)ର ଅପବ୍ୟବହାରକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ କେନ୍ଦ୍ର ସରକାରଙ୍କୁ ନୋଟିସ କରିଛନ୍ତି। ଏଥିରେ ଥିବା ଜାମିନ-ବିହୀନ ବ୍ୟବସ୍ଥା ଅନୁସାରେ ଘୃଣା ସୃଷ୍ଟି କରୁଥିବା କିମ୍ବା ଅବମାନନା ଅଥବା ଭାରତୀୟ ଆଇନ ଦ୍ୱାରା ପ୍ରତିଷ୍ଠିତ ସରକାରଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରୁଥିବା ଯେକୌଣସି ଅଭିବ୍ୟକ୍ତି ଓ ପରିପ୍ରକାଶ ଏକ ଅପରାଧ। ଏଭଳି ଅପରାଧ ଘଟାଉଥିବା ବ୍ୟକ୍ତିଙ୍କୁ ସର୍ବାଧିକ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ରହିଛି। ତେଣୁ ଆମେ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କୁ କିଛି ପ୍ରଶ୍ନ କରିବାକୁ ଚାହୁଁଛୁ। ଏହା ଏକ ପୁରୁଣାକାଳିଆ ଆଇନ, ଯାହାକୁ ସ୍ୱାଧୀନତା ଆନ୍ଦୋଳନ ବେଳେ ମହାତ୍ମା ଗାନ୍ଧୀ, ଗୋପାଳକୃଷ୍ଣ ଗୋଖଲେ ଓ ଅନ୍ୟମାନଙ୍କୁ ଚୁପ୍ କରାଇବା ଲାଗି ବ୍ରିଟିଶ ସରକାର ବ୍ୟବହାର କରୁଥିଲେ। ଦେଶ ସ୍ୱାଧୀନତା ପାଇବାର ୭୫ ବର୍ଷ ପରେ ମଧ୍ୟ ଏହାର କି ପ୍ରାସଙ୍ଗିକତା ରହିଛି ବୋଲି ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ହୃଷୀକେଶ ରାୟ ସାମିଲ ଥିବା ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ସେହିପରି ସୂଚନା ପ୍ରଯୁକ୍ତିବିଦ୍ୟା ☞ପୃଷ୍ଠା-୨

# ସାରା ରାଜ୍ୟରେ ଗଡ଼ିବ ବସ୍

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ଉପକୂଳ ଜିଲାକୁ ବାଦ୍‌ଦେଲେ ରାଜ୍ୟରେ ସୁଧୁରୁଛି କରୋନା ସ୍ଥିତି। ଜୁଲାଇ ୧ରୁ ଅଦ୍ୟାବଧି ଟେଷ୍ଟ ପଜିଟିଭିଟି ରେଟ୍ (ଟିପିଆର୍) ୫%ରୁ ୩%କୁ ହ୍ରାସ ପାଇଛି। ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସି ନ ଥିବାବେଳେ ରାଜ୍ୟବାସୀଙ୍କ ଜୀବନଜୀବିକାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର କୋହଳ କରିଛନ୍ତି କଟକଣା। ସବୁଠାରୁ ବଡ଼ ନିଷ୍ପତ୍ତିକ୍ରମେ ଶୁକ୍ରବାରଠାରୁ ପୁରୀକୁ ବାଦ୍‌ଦେଲେ ଅନ୍ୟ ସବୁ ଜିଲାରେ ସିଟ୍‌ସଂଖ୍ୟା ଅନୁଯାୟୀ ଯାତ୍ରୀଙ୍କୁ ନେଇ ବସ୍ ସେବା ଆରମ୍ଭ ହେବ। ନବଦିନାତ୍ମକ ଘୋଷଯାତ୍ରାକୁ ନଜରରେ ରଖି ପୁରୀ ଜିଲାରେ ଜୁଲାଇ ୨୫ ଯାଏ ବସ୍ ଏବଂ ଟ୍ରେନ୍ ଚଳାଚଳ ବନ୍ଦ ରଖାଯାଇଛି। ସେହିପରି ବିୟୁଟି ପାର୍ଲର, ସ୍ପା, ଜିମ୍, କ୍ରୀଡ଼ା ଏବଂ ଆଉଟ୍‌ଡୋର ସିନେମା ଶୁଟିଂ ପାଇଁ ଅନୁମତି ମିଳିଛି। କିନ୍ତୁ ଶିକ୍ଷାନୁଷ୍ଠାନ, ଶପିଂ ମଲ୍, ବାର୍, ସିନେମା ହଲ୍, ମଲ୍ଟିପ୍ଲେକ୍ସ, ୱାଟର-ପାର୍କ ଆଦି ପୂର୍ବଭଳି ବନ୍ଦ ରହିବ। ଜୁଲାଇ ୧୬ ସକାଳ ୬ଟାରୁ ଅଗଷ୍ଟ ୧ ସକାଳ ୬ଟା ଯାଏ ରାଜ୍ୟରେ ଆଂଶିକ

**ଲକ୍‌ଡାଉନ୍‌ରେ କୋହଳ**



- ପୁରୀ ଜିଲାରେ ୨୫ ଯାଏ ବସ୍ ଚଳାଚଳ ଉପରେ କଟକଣା
- ନାଇଟ୍ କର୍ଫ୍ୟୁ ବଳବତ୍ତର, ୧୦ ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ
- ଅଟୋରିକ୍ସା, ଟ୍ୟାକ୍ସିକୁ ଅନୁମତି

**କ'ଣ ଖୋଲିବ**

ବିୟୁଟି ପାର୍ଲର, ସ୍ପା, ଜିମ୍, ଆଉଟ୍‌ଡୋର କ୍ରୀଡ଼ା, ସିନେମା ଶୁଟିଂ

**ବନ୍ଦ**

ଶିକ୍ଷାନୁଷ୍ଠାନ, ଶପିଂ ମଲ୍, ସିନେମା ହଲ୍, ଯାତ୍ରା ପରିବେଷଣ, ମଲ୍ଟିପ୍ଲେକ୍ସ, ପାର୍କ, ମୁକ୍ତାକାଶ ରଙ୍ଗମଞ୍ଚ

ଲକ୍‌ଡାଉନ ବଳବତ୍ତର ରହିବ ବୋଲି ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି।

ସଂକ୍ରମଣ ତାରତମ୍ୟ ଅନୁଯାୟୀ ରାଜ୍ୟର ସମସ୍ତ ଜିଲାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ୫%ରୁ କମ୍ ସଂକ୍ରମଣ ହାର ଥିବା ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଜିଲାକୁ କାଟେଗୋରି-ଏରେ ରଖାଯାଇଛି। ସେହିପରି ୫%ରୁ ଅଧିକ ସଂକ୍ରମଣ ଥିବା ୧୦ ଜିଲା ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ମୟୂରଭଞ୍ଜ କାଟେଗୋରି-ବିରେ ରହିଛନ୍ତି। କାଟେଗୋରି-ଏ ତାଲିକାଭୁକ୍ତ ୨୦ ଜିଲାରେ ପୂର୍ବରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଦୋକାନ ଖୋଲୁଥିବାବେଳେ ଏହାକୁ ରାତି ୮ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି କାଟେଗୋରି-ବି ଜିଲାରେ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନବଜାର ଖୋଲୁଥିବାବେଳେ ଏହି ସମୟକୁ ଅପରାହ୍ନ ୫ଟା ଯାଏ ବଢ଼ାଯାଇଛି। ଅଗଷ୍ଟ ୧ ପର୍ଯ୍ୟନ୍ତ ସାରା ରାଜ୍ୟରେ ରାତ୍ରିକାଳୀନ କର୍ଫ୍ୟୁ ଜାରି କରାଯାଇଛି। କାଟେଗୋରି-ଏ ଜିଲାରେ ଏହା ରାତ୍ରି ୮ଟାରୁ ସକାଳ ୬ଟା ଏବଂ କାଟେଗୋରି-ବି ଜିଲାରେ ଅପରାହ୍ନ ୫ଟାରୁ ସକାଳ ୬ଟା ଯାଏ ଲାଗୁ ହେବ। କାଟେଗୋରି-ବି ଜିଲାରେ ଶନିବାର ଏବଂ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ ବଳବତ୍ତର ରହିବ। ଅପରପକ୍ଷେ ସାରା ରାଜ୍ୟରେ ଟ୍ୟାକ୍ସି, ଅଟୋରିକ୍ସା ଚଳାଚଳକୁ ☞ପୃଷ୍ଠା-୨




## ୧୧ ସପ୍ତାହରେ ୧୧ ଟଙ୍କା ବଢ଼ିଲାଣି ପେଟ୍ରୋଲ



**ଭୁବନେଶ୍ୱର/ନୂଆଦିଲ୍ଲୀ,୧୫।୭:** ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ଦେଶବ୍ୟାପୀ ବିରୋଧ ଓ ଆନ୍ଦୋଳନ ଚାଲିଛି। ଏହା ସତ୍ତ୍ୱେ ମଧ୍ୟ ତୈଳ ଦର ହ୍ରାସ ପାଉନାହିଁ। ଦୁଇ ଦିନର ବିରତି ପରେ ପୁଣି ଥରେ ତୈଳ ଦରରେ ପରିବର୍ତ୍ତନ ଘଟିଛି। ଗତ ୧୧ ସପ୍ତାହ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୧୧.୨୪ ଟଙ୍କା ଏବଂ ଡିଜେଲ ୯.୯୭ ଟଙ୍କା ବୃଦ୍ଧି ଘଟିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ର ସୂଚନା ଅନୁସାରେ ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ୩୫ ଏବଂ ଡିଜେଲ ୧୭ ପଇସା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଯୁଦ୍ଧର ପୂର୍ବାଭାସ**

# ପଞ୍ଜାବରୁ କଟକ ଆସୁଥିଲା ସୁନା

**କଟକ ଅଫିସ,୧୫।୭**

ପଞ୍ଜାବରୁ ଓଡ଼ିଶାକୁ ଆସୁଥିଲା ପୁଳା ପୁଳା ସୁନା। ପରେ କଟକର ବିଭିନ୍ନ ଦୋକାନରେ ବିକ୍ରି ହେଉଥିଲା। ଏଥିପାଇଁ ଦୋକାନୀଙ୍କୁ ଜିଏସ୍‌ଟି ଦେବାକୁ ପଡୁ ନ ଥିଲା। ଟ୍ରେନ୍‌ରେ କୌଣସି ଧରପଗଡ଼ ନ ଥିବାରୁ ଦୀର୍ଘଦିନ ଧରି ଏହି ବେଆଇନ କାରବାର ଚାଲିଥିଲା। ଗୁରୁବାର ଏହି କାରବାରର ରହସ୍ୟ ଉନ୍ମୋଚନ କରିଛି କମିଶନରେଟ୍ ପୋଲିସ। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ କାବୁ କରିବା ସହ ୨ କିଲୋ ୨୯ ଗ୍ରାମ ମିଶ୍ରିତ ସୁନା ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୫୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏତଦ୍‌ବ୍ୟତୀତ ୨୭,୮୦୦ ଖଣ୍ଡ ଗୋଲ୍ଡ ପ୍ଲେଟେଡ୍ ଅଳଙ୍କାର ଜବତ ହୋଇଛି। ପରେ ଜିଏସ୍‌ଟି ବିଭାଗ ପକ୍ଷରୁ ସେମାନଙ୍କଠାରୁ ୩ ଲକ୍ଷ ୨୩ ହଜାର ୧୧୮ ଟଙ୍କା ଜରିମାନା ଆଦାୟ କରାଯାଇଛି।

ଏ ସମ୍ପର୍କରେ କଟକ ଡିସିପି ପ୍ରତୀକ୍ ସିଂ କହିଛନ୍ତି, ବାହାର ଅଞ୍ଚଳରୁ ସୁନା ଅଣାଯାଇ କଟକରେ ବେଆଇନ ଭାବେ କାରବାର କରାଯାଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବୁଧବାର ସନ୍ଧ୍ୟାରେ ମାଲଗୋଦାମ ପୋଲିସ ଷ୍ଟେଶନବଜାର



### କେମିତି ଚାଲିଥିଲା ବେଆଇନ କାରବାର

କଟକରେ ଏହି ବେଆଇନ ସୁନା କାରବାର ବର୍ଷ ବର୍ଷ ଧରି ଚାଲିଆସିଛି। ପଞ୍ଜାବର ଅମୃତସର, ଜଳନ୍ଧରରୁ ଏହି ସୁନା ଟ୍ରେନ୍‌ରେ କଟକ ଅଣାଯାଇଥାଏ। ପରେ କଟକର ନୟାସଡ଼କ, ନିମ୍‌ଚୌଡ଼ି, ମଙ୍ଗଳାବାଗ ଅଞ୍ଚଳରେ ସୁନା ଦୋକାନୀଙ୍କୁ ବିକ୍ରି କରାଯାଇଥାଏ। ଏହାଦ୍ୱାରା ବ୍ୟବସାୟୀ ଟିକସ ନ ଦେଇ ବେଶ୍ ଲାଭବାନ୍ ହୋଇଥା'ନ୍ତି। ପୂର୍ବରୁ ଏ ନେଇ ଅନେକଥର ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କିମ୍ବା ଆୟକର ବିଭାଗ ପକ୍ଷରୁ କେବେ ଚଢ଼ାଉ କରାଯାଇ ନ ଥିଲା। ହେଲେ ଗୁରୁବାର ୩ଜଣଙ୍କୁ ଅଟକ ରଖିବା ପରେ ପୋଲିସର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ଉଠିଛି। ପୂର୍ବରୁ ଏହି ବେଆଇନ କାରବାର ସମ୍ପର୍କରେ ପୋଲିସ ସୂଚନା ପାଉ ନ ଥିଲା ନା ସବୁ ଜାଣି ଚୁପ୍ ରହୁଥିଲା, ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

- ଜିଏସ୍‌ଟି ଟିକସ ଫାଙ୍କି ଚାଲିଥିଲା କାରବାର
- ୩ ଲକ୍ଷ ୨୩ ହଜାର ୧୧୮ ଟଙ୍କା ଜରିମାନା ଆଦାୟ
- ୨ କିଲୋ ୨୯ ଗ୍ରାମ ମିଶ୍ରିତ ସୁନା, ୨୭,୮୦୦ ଗୋଲ୍ଡ ପ୍ଲେଟେଡ୍ ଅଳଙ୍କାର ଜବତ

ଅଞ୍ଚଳରେ ଚଢ଼ାଉ କରିଥିଲା। ସେଠାରୁ ରଞ୍ଜନ ସାହୁ, ଗୁରୁଜିତ ସିଂ ଓ ମନପ୍ରୀତ ସିଂଙ୍କୁ ପୋଲିସ କାବୁ କରିଥିଲା। ପଞ୍ଜାବ ଅମୃତସରରୁ ଗୁରୁଜିତ ଓ ମନପ୍ରୀତ ଟ୍ରେନ୍ ଯୋଗେ ରଞ୍ଜନଙ୍କୁ ସୁନା ଦେବାକୁ ଆସିଥିବା ପଚରାଉଚରା ପରେ ଜଣାପଡିଥିଲା।

ଯାଞ୍ଚ ସମୟରେ ସୁନା ଅଳଙ୍କାରର କାଗଜପତ୍ର ଦେଖାଇପାରି ନ ଥିଲେ। ଫଳରେ ଜିଏସ୍‌ଟି ଫାଙ୍କିଥିବା ସମ୍ପର୍କରେ ଜଣାପଡିଥିଲା। ଜିଏସ୍‌ଟି ବିଭାଗ ଅଧିକାରୀ ପହଞ୍ଚି ସମସ୍ତ କାଗଜପତ୍ର ଯାଞ୍ଚ କରିବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରିବା ପରେ ସେମାନଙ୍କୁ ଛଡ଼ାଯାଇଥିବା ମାଲଗୋଦାମ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକ କହିଛନ୍ତି।

# ତିନିରଥ ଚକ, ପ୍ରଭାରେ ଫାଟ

**ପୁରୀ ଅଫିସ,୧୫।୭**

ତିନି ରଥର ଚକ ଓ ପ୍ରଭାରେ ଫାଟ ହୋଇଛି। ତାଳଧ୍ୱଜ ରଥ ଆଗପାର୍ଶ୍ୱ ଚକରେ ବଡ଼ ଫାଟ ହୋଇ ଚକଟି ଗୋଟିଏ ପାର୍ଶ୍ୱକୁ ମୋଡ଼ିଯାଇଥିବାବେଳେ ଦର୍ପଦଳନ ଓ ନନ୍ଦିଘୋଷରେ ସାମାନ୍ୟ ଫାଟ ହୋଇଥିବା ଦେଖିବାକୁ ମିଳିଛି। ଦକ୍ଷିଣମୋଡ଼ ପୂର୍ବରୁ ତିନି ରଥର ଯାଞ୍ଚ ପ୍ରକ୍ରିୟା ସମୟରେ ଏହା ଜଣାପଡ଼ିଛି। ଏ ନେଇ ରଥନିର୍ମାଣ କମିଟିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ସବୁବର୍ଷ ରଥ ଦକ୍ଷିଣମୋଡ଼ ଲାଗି ନାକଚଣା ଦ୍ୱାରକୁ ଯିବା ପୂର୍ବରୁ ଯାଞ୍ଚ କରାଯାଇଥାଏ। ସେହିଭଳି ରଥ ଦକ୍ଷିଣମୋଡ଼ ନେବା ପରେ ମଧ୍ୟ ଚକ, ପ୍ରଭା ଇତ୍ୟାଦି ଯାଞ୍ଚ ହୁଏ। ଚଳିତବର୍ଷ ବାରମ୍ବାର ବ୍ରେକ୍ ଦିଆଯିବାରୁ ଚାପରେ ଏଭଳି ଫାଟ ହୋଇଛି। ଗୁରୁବାର ଏହି ଯାଞ୍ଚ ପ୍ରକ୍ରିୟାରେ ପୂର୍ବତଟ ରେଲ୍‌ୱେର ୪୫ଜଣିଆ ଟେକ୍ନିସିଆନଙ୍କ ସମେତ ୧୦ ମହାରଣା, ୬ ଭୋଇସେବାୟତ ଓ ୩ଜଣ କମାରସେବକ ସାମିଲ ଥିଲେ। ଏମାନେ ରଥଗୁଡ଼ିକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ନନ୍ଦିଘୋଷ ଓ ଦର୍ପଦଳନ ରଥରେ ଥିବା ସମସ୍ୟା ମଧ୍ୟ ସମାଧାନ କରାଯାଇଛି। ରେଲ୍‌ୱେ ଟେକ୍ନିସିଆନ୍ ରବିନାରାୟଣ ପାଣିଗ୍ରାହୀ କହିଛନ୍ତି, ସବୁ ଫାଟକୁ ମରାମତି କରାଯାଇଛି। ୧୭ତାରିଖରେ ରଥ ଦକ୍ଷିଣ ମୋଡ଼ ହେବ। ତେଣୁ ପରେ ରଥ ଯାଞ୍ଚ କରାଯିବ।



ବୈଷୟିକ ଟିମ୍ ରଥ ଚକ ମରାମତି କରୁଛନ୍ତି।

**ଆଜିର ମନ୍ତବ୍ୟ**

ଟିକାକରଣ କେନ୍ଦ୍ର ବାହାରେ 'ନୋ ଭାକ୍ସିନ' ବୋର୍ଡ ଲାଗିଥିବାବେଳେ ଟିକା ଅଭାବ ନ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହୁଛନ୍ତି। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ରାସ୍ତାରେ ନୂଆ ମନ୍ତ୍ରୀ ଚାଲୁଛନ୍ତି। **-ପି. ଚିଦାମ୍ବରମ୍, କଂଗ୍ରେସ ନେତା**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରଚିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ହେରାପଞ୍ଚମୀ | ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପନ୍ନ

**ପୁରୀ ଅଫିସ, ୧୫।୭:** ଆଷାଢ଼ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଶୁକ୍ରବାର ହେରାପଞ୍ଚମୀରେ ମା' ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଥିବା ମହାପ୍ରଭୁଙ୍କ ନିକଟକୁ ବିଜେ କରିବେ। ତାଙ୍କୁ ମହାପ୍ରଭୁ ସାଙ୍ଗରେ ନବଦିନାତ୍ମକ ଯାତ୍ରାରେ ନେଇ ନ ଥିବାରୁ ସେ ଅଭିମାନରେ ନନ୍ଦିଘୋଷ ରଥ ଭାଙ୍ଗିବେ। ତେବେ ପରମ୍ପରା ଅନୁଯାୟୀ ଏହା ପୂର୍ବଦିନ ଅର୍ଥାତ୍ ଗୁରୁବାର ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ ହୋଇଛି। ଦ୍ୱିତୀୟ ଭୋଗ ମଣ୍ଡପ, ମଇଲମ, ତଡପ ଲାଗି ଓ ପହୁଡ଼ ଆଳତି ସରିବା ପରେ ଶ୍ରୀଗୁଣ୍ଡିଚା ମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଅପରାହ୍ନ ୫ଟା ୩୫ରେ ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହକୁ ପ୍ରବେଶ କରି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ରାତି ପ୍ରାୟ ୮ଟାରେ ବନକଲାଗି ନୀତି ପରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ନୀତି ସହ ଅନ୍ୟାନ୍ୟ ନୀତି ବଢ଼ି ରାତ୍ରପହୁଡ଼ ହୋଇଥିଲା।

# ଯୁକ୍ତ୨ ସିଟ୍ ବୃଦ୍ଧି ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ସିଟ୍ ବୃଦ୍ଧି ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଭିତ୍ତିଭୂମି ଥିବା ଶିକ୍ଷାନୁଷ୍ଠାନର ସିଟ୍ ବୃଦ୍ଧି ନେଇ ଆବେଦନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଇଚ୍ଛୁକ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକ ସାମ୍ସ ପୋର୍ଟାଲ www.samsodisha.gov.inରେ ଆବେଦନ କରିପାରିବେ। ବୁଧବାରଠାରୁ ଏହି ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୦ ତାରିଖ ସନ୍ଧ୍ୟା ୬ଟାରେ ଶେଷ ହେବ। ୨୦୨୧-୨୨ ଶିକ୍ଷା ବର୍ଷରେ ସିଟ୍ ବୃଦ୍ଧି ପାଇଁ ଏହି ଆବେଦନ କରିପାରିବେ ଉଚ୍ଚ ମାଧ୍ୟମିକ ସ୍କୁଲ। ସୂଚନାଯୋଗ୍ୟ, ଚଳିତବର୍ଷ ମାଟ୍ରିକ୍‌ରେ ରେକର୍ଡ ସଂଖ୍ୟକ ପିଲା ପାସ୍ ହୋଇଥିବାରୁ ସେହି ଅନୁସାରେ ଯୁକ୍ତ୨ ସିଟ୍ ନ ଥିବାରୁ ନାମଲେଖା ପାଇଁ ଆଶଙ୍କା ସୃଷ୍ଟି ହୋଇଥିଲା। ଶେଷରେ ଉଚ୍ଚମାଧ୍ୟମିକ ସ୍କୁଲଗୁଡ଼ିକରେ ସିଟ୍ ବୃଦ୍ଧି କରିବାକୁ ବିଭାଗ ନିଷ୍ପତ୍ତି ନେଇଥିଲା।

**୨୦ ସୁଦ୍ଧା ଆବେଦନ ନିର୍ଦ୍ଦେଶ**

# ପକ୍ଷାଘାତରେ ପୀଡ଼ିତ ବଡ଼ ମା'ଙ୍କୁ ହତ୍ୟା, ପୁତୁରା ଗିରଫ

**ଛତ୍ରପୁର, ୧୫।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ପକ୍ଷାଘାତରେ ପୀଡ଼ିତ ନିଜ ବଡ଼ ମା'ଙ୍କୁ ପୁତୁରା କାତିରେ ହାଣି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ପଦ୍ମାବତୀ ମଣ୍ଡଳ(୮୦)। ଅଭିଯୁକ୍ତ ପୁତୁରା ସୀତାରାମ ମଣ୍ଡଳଙ୍କୁ ପୋଲିସ ଗିରଫ କରିଛି। ବଡ଼ ମା' ରୋଗରେ ପଡ଼ି କଷ୍ଟ ପାଉଥିଲେ। ତେଣୁ ତାଙ୍କୁ ମାରିଦେଲି ବୋଲି ସୀତାରାମ ପୋଲିସ ଆଗରେ ବୟାନ ଦେଇଛନ୍ତି। ସୁନ୍ଦରପୁର ଗ୍ରାମର ଦୁର୍ଗାଚରଣ ମଣ୍ଡଳଙ୍କ ମା' ପଦ୍ମାବତୀ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ଗୁରୁବାର ମଧ୍ୟାହ୍ନରେ ସେ ଘରେ ଶୋଇଥିଲେ। ଏହି ସମୟରେ ପୁତୁରା ସୀତାରାମ ଆସି ତାଙ୍କ ମୁଣ୍ଡକୁ କାତିରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଅନ୍ୟ ଏକ ଘରେ ଥିବା ଦୁର୍ଗାଚରଣ ଆସି ଦେଖିଲା ବେଳକୁ ମା'ଙ୍କ ମୃତ୍ୟୁ ଘଟିସାରିଥିଲା। ଏ ନେଇ ଦୁର୍ଗାଚରଣ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ଥାନା ଏସଆଇ ସତ୍ୟଜିତ ବେଣିଆ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତ ସୀତାରାମ ଫେରାର ହୋଇଯାଇଥିଲେ। ତାଙ୍କୁ ବଳରାମପୁର ରାସ୍ତା ଡାଳଖାଇ ମନ୍ଦିର ନିକଟରୁ କାବୁ କରିବା ପରେ ଗିରଫ କରାଯାଇଛି। ହତ୍ୟାରେ ବ୍ୟବହୃତ କାତିକୁ ପୋଲିସ ଜବତ କରିଛି। ଏ ନେଇ ନଂ. ୩୫୧/୨୧ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।


## classifieds Everyday 0674-2580101, 2549302



### SALE

ଭୁବନେଶ୍ୱର ଜୟଦେବ ବିହାର ବିଜୁ ପଟ୍ଟନାୟକ କଲେଜ ପାଖରେ ଏକ ଦୁଇ ମହଲା ଘର ବିକ୍ରି ହେବ। **plot size approx 4000sqft., constructed area 1750x2=3500sqft., Price- 5.5crore which negotiable, only genuine buyers can contact: 9439058752. Time 12 PM to 6 PM.** D-61082

Own gharabari plot at Hanspal, 1 km from NH, good location, with boundary. Contact: 8217477600. D-71116

**Gated Colony gharabari advance boundarywall plot sale Gudiapokhari near KEC College with 30' road, electricity plantation. 8763887357, 9238902929.** D-70858

"Land for sale 17,400 sqft. in Gayalbank Bus stop @ Rs. 260/ per sqft. Call 8763701977". D-21076

ଖୋର୍ଦ୍ଧାରୋଡ୍ ରେଲ୍‌ୱେ ଷ୍ଟେସନ୍‌ରୁ 1km ଦୂରତାରେ ଜଟଣୀ ହାଟ ବଜାରରେ ନିଜସ୍ୱ ମାଲିକାନାରେ ଥିବା ଘରବାରି ସ୍ଥିତିବାନ୍ 5 ଡିସିମିଲ୍ ଜାଗା ସହିତ ଦୁଇ ବଖରା ଆଜବେଷ୍ଟ ଘର ତୁରନ୍ତ ବିକ୍ରିହେବ। @ 45Lakhs Owner-9439270333. D-70866

### GENERAL

### SALE

**Only 6 months used Nipple Line drinking system for Broiler Farm for sale. 7978991126, 7008403582.** D-70461



**2BHK fully secured ground-floor house at Lower Police Colony, Tulsipur. Contact- 8895201895.** D-21087

Shoproom (10'x10') opposite Biju Patnaik College, Jayadev Vihar main road. Contact: 9938511622. D-21086

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**


# ପରିଚାଳନା ନିର୍ଦ୍ଦେଶକଙ୍କ ୨ ଭାଇ ଗିରଫ

**ଗ୍ରୀନ୍-ରେ ଇଣ୍ଟରନ୍ୟାଶନାଲ ଚିଟ୍‌ଫଣ୍ଡ ମାମଲା**

**୭ବର୍ଷ ପରେ ସିବିଆଇର ତତ୍ପରତା**

**ଜଳେଶ୍ୱର, ୧୫।୭(ଡି.ଏନ.ଏ.)**

ଦୀର୍ଘ ୭ବର୍ଷ ପରେ ଗ୍ରୀନ୍-ରେ ଇଣ୍ଟରନ୍ୟାଶନାଲ ଚିଟ୍‌ଫଣ୍ଡ ମାମଲାରେ ପୁଣି ସିବିଆଇ ତତ୍ପରତା ଦେଖାଇଛି। ଭୁବନେଶ୍ୱରରୁ ଡିଏସ୍‌ପି ଅଶୋକ କୁମାରଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ୍ ଗୁରୁବାର ଜଳେଶ୍ୱରରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ମିର ସାହିରୁଦ୍ଦିନଙ୍କ ଦୁଇ ଭାଇ ମିର ସୈମତ୍ ଓରଫ କାଲୁ, ମିର୍ ଜମିରୁଦ୍ଦିନ ଓରଫ ବୁଜାଙ୍କୁ ଗିରଫ କରି ପରେ ଉଭୟଙ୍କୁ ଭୁବନେଶ୍ୱର ନେଇଯାଇଥିବା ଜଣାପଡ଼ିଛି। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ମିର ସାହିରୁଦ୍ଦିନଙ୍କୁ ସାଢେ ୪ବର୍ଷ ପୂର୍ବରୁ କୋଲକାତାରୁ ଗିରଫ କରାଯାଇଥିଲା। ଗ୍ରୀନ୍-ରେ ଇଣ୍ଟରନ୍ୟାଶନାଲ ଉପରେ ସିବିଆଇ ଚଢାଉ ପରେ ଅନ୍ୟ ଚିଟ୍‌ଫଣ୍ଡ କମ୍ପାନୀ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତା' ଉପରେ ସମସ୍ତଙ୍କ ନଜର ରହିଛି।

୧୯୯୮ରେ ବାଲେଶ୍ୱର ଜିଲା ଜଳେଶ୍ୱରରେ ଗ୍ରୀନ୍-ରେ ଇଣ୍ଟରନ୍ୟାଶନାଲ ଲିମିଟେଡ୍ ନାମକ ସଂସ୍ଥା ଗଢ଼ି ଉଠିଥିଲା। ପରେ ଏହା ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼, ମହାରାଷ୍ଟ୍ର, ଆନ୍ଧ୍ର, ତେଲଙ୍ଗାନା, ପଣ୍ଡିଚେରୀ, ଗୋଆ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ରାଜ୍ୟରେ ତାର ଶାଖା ଖୋଲିଥିଲା। ମୋଟ ୧୦୫ଟି ଶାଖା ମଧ୍ୟରୁ ଓଡ଼ିଶାର ୫୭ଟି ଶାଖା ଥିବା କୁହାଯାଇଥିଲା। ଏହି ସଂସ୍ଥା ସମଗ୍ର ଦେଶରେ ୨ହଜାର କୋଟି ଟଙ୍କା ବ୍ୟବସାୟ କରିଥିବା ବେଳେ ଓଡ଼ିଶାରେ ୫୦୦ କୋଟି ଟଙ୍କାର ବ୍ୟବସାୟ କରିଥିଲା। ଏହି ସଂସ୍ଥା ସୁନା ମୁଦ୍ରା ବ୍ୟବସାୟ, ପୋଷାକ (ଗାର୍ମେଣ୍ଟ), ଔଷଧ, ଘରୋଇ ବିଦ୍ୟାଳୟ ବ୍ୟବସାୟ ଆଦି ଆରମ୍ଭ କରିଥିଲା।



ସିବିଆଇ ଗିରଫ କରି ନେଉଛି।

୨୦୧୨ରେ ବହୁ ଜମାକାରୀଙ୍କ ଅବଧି ପୂରିଥିବାରୁ ସେମାନଙ୍କ ପ୍ରାପ୍ୟ ଅର୍ଥ ଦେବାରେ ଗ୍ରୀନ୍-ରେ ଅସମର୍ଥ ହେବାରୁ ଜମାକାରୀଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ୨୦୧୩ ମେ' ୨ ତାରିଖରେ ଏହି ସଂସ୍ଥା ଉପରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଶାଖା ପକ୍ଷରୁ ରୋକ ଲଗାଯିବାରୁ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସ୍ଥାନୀୟ ପୋଲିସ ଓ ପ୍ରଶାସନ ଏହି ଚିଟ୍‌ଫଣ୍ଡର ମୁଖ୍ୟ ଶାଖାକୁ ବନ୍ଦ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ସଂସ୍ଥାର କର୍ମକର୍ତ୍ତାମାନେ ସମସ୍ତ ଅର୍ଥ ସହିତ ଫେରାର ହୋଇଯାଇଥିଲେ। ଏଥିରେ ମିର ସାହିରୁଦ୍ଦିନ ପରିଚାଳନା ନିର୍ଦ୍ଦେଶକ ଥିବା ବେଳେ ଅବଦୁଲ ଖାଲିକ ସାହା, ମିର୍ ତାହିରୁଦ୍ଦିନ, ଆୟୁବ ସାହା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ମିର ସୈମତ୍ ଅନ୍ୟ ରାଜ୍ୟକୁ ଯାଇ ଶାଖା ଖୋଲିବାରେ କାର୍ଯ୍ୟ କରୁଥିଲେ। ଏଥିରେ ନିର୍ଦ୍ଦେଶକ ଓ ପରିଚାଳନା ନିର୍ଦ୍ଦେଶକଙ୍କ ସ୍ତ୍ରୀ ଓ ପରିବାର ସଦସ୍ୟଙ୍କ ଅଂଶଧନ ରହୁଥିବା ଜଣେ ବରିଷ୍ଠ କର୍ମଚାରୀ ସୂଚନା ଦେଇଛନ୍ତି। ୨୦୧୩ ମେ'ରେ ଜଣେ ନିର୍ଦ୍ଦେଶକଙ୍କୁ ଗିରଫ କରିବାରେ ସିବିଆଇ ସଫଳ ହୋଇଥିବା ବେଳେ ୨୦୧୭ ଫେବୃୟାରୀ ୪ରେ ପରିଚାଳନା ନିର୍ଦ୍ଦେଶକ ମୀର ସାହିରୁଦ୍ଦିନଙ୍କୁ କୋଲକାତାରୁ ଗିରଫ କରିଥିଲା। ଇତି ମଧ୍ୟରେ ଆୟୁବ ସାହା ମଧ୍ୟ ଗିରଫ ହୋଇସାରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁମ୍ଭୀର ଆସି ମଝି ନଈରେ କଲାଣି; ପୁଅଙ୍କର ଲିଆଖିଆ ଛାଡ଼ ଯାଉନାହିଁ ମା' କହୁଛି ମୋ ପୁଅ ପହଁରା ଶିଖୁଛି।**

ବେଳେବେଳେ ବିପଦ ପଡ଼ିଥିବା ସମୟରେ କିଛି ଦାୟିତ୍ୱହୀନ ବ୍ୟକ୍ତି ନିଧଡକ ହୋଇ ରହୁଥିବାର ବା ବୁଲୁଥିବାର ଦେଖିବାକୁ ମିଳିଥାଏ। ଆସନ୍ନ ବିପଦ ପ୍ରତି ସଚେତନ ନ ଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଏସିଏଫ୍‌ଙ୍କ ମୃତ୍ୟୁ ଘଟଣା | ରୋଷେୟାଙ୍କୁ ଜେରା

**ପାରଳାଖେମୁଣ୍ଡି, ୧୫।୭(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ପୋଲିସ ୩ ଜଣଙ୍କ ନାଁରେ ହତ୍ୟା ମାମଲା ରୁଜୁ କରିଛି। ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ଅଭିଯୋଗ ପ୍ରକାରେ ବୋହୂ ବିଦ୍ୟାଭାରତୀ, ପାରଳାଖେମୁଣ୍ଡି ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ନାଁରେ ମାମଲା ରୁଜୁ ହୋଇଛି। ଗୁରୁବାର ରୋଷେୟା ମନ୍ମଥଙ୍କୁ ପାରଳାଖେମୁଣ୍ଡି ପୋଲିସ ଜେରା କରିଥିଲା। ତେବେ ଘଟଣା ବିଷୟରେ ମନ୍ମଥ କିଛି ଜାଣି ନ ଥିବା କହିଛନ୍ତି। ସେ ଅନ୍ୟ ଜଣଙ୍କ ଘରେ ଥିଲେ। ପୋଡି ହେବା ପରେ ଏସିଏଫ୍ ସୌମ୍ୟରଞ୍ଜନଙ୍କ ପାଟି ଶୁଣି ଦୌଡ଼ି ଆସି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ବୋଲି ଜେରା ବେଳେ ମନ୍ମଥ କହିଛନ୍ତି। ଅନ୍ୟପକ୍ଷରେ ପୋଲିସ ସୌମ୍ୟରଞ୍ଜନଙ୍କ ସରକାରୀ ବାସଭବନକୁ ଯାଇ ପଡ଼ୋଶୀଙ୍କୁ ପଚରାଉଚୁରା କରିଛି। ଶୁକ୍ରବାର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ଆସି ତଦନ୍ତ କରିବ। ଡିଏଫ୍‌ଓଙ୍କୁ ମଧ୍ୟ ଜେରା କରାଯିବ ବୋଲି ସୂଚନା ମିଳିଛି। ଗଜପତି ଏଏସ୍‌ପି ବାମଦେବ ସିଂ କହିଛନ୍ତି, ଏହି ଘଟଣାରେ ଯେ କେହି ବି ସମ୍ପୃକ୍ତ ଥାଆନ୍ତୁ ସେମାନଙ୍କୁ ତଦନ୍ତ ପରିସରକୁ ଅଣାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ,ବୋହୂ ଓ ଡିଏଫ୍‌ଓଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଥିବା ନେଇ ସୌମ୍ୟରଞ୍ଜନଙ୍କ ବାପା ତାଙ୍କ ଏଫ୍‌ଆଇଆରରେ ଉଲ୍ଲେଖ କରିଛନ୍ତି। ରୋଷେୟା ସେମାନଙ୍କୁ ସହଯୋଗ କରୁଥିଲେ। ଏହି ୩ ଜଣ ମିଶି ପୁଅକୁ ପୋଡି ମାରିଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ସାରା ରାଜ୍ୟରେ...

ଅନୁମତି ମିଳିଛି। ଟ୍ୟାକ୍ସି ଏବଂ ଅଟୋରିକ୍ସାରେ ଡ୍ରାଇଭରଙ୍କ ସମେତ ଦୁଇଜଣ ଯାତ୍ରା କରିପାରିବେ। ସେହିପରି ସାଇକେଲ୍ ମରାମତି, ଯାନବାହନ ମରାମତି, କଳକାରଖାନା, ନିର୍ମାଣ କାର୍ଯ୍ୟ, ଦ୍ରବ୍ୟ ପରିବହନ, କୃଷି, ମତ୍ସ୍ୟ ଚାଷ, ପଶୁପାଳନ ସମ୍ବନ୍ଧିତ ଦୋକାନ ଏବଂ କାମକୁ କଟକଣା ମୁକ୍ତ କରାଯାଇଛି। ମିଠା ଦୋକାନୀ, ଠେଲାଗାଡ଼ି ବ୍ୟବସାୟୀ, ଉଠାଦୋକାନୀ ନିର୍ଦ୍ଧାରିତ ସମୟ ମଧ୍ୟରେ ବ୍ୟବସାୟ କରିପାରିବେ। ତେବେ ଗ୍ରାହକମାନେ କେବଳ ପାର୍ସଲ ସେବା ପାଇପାରିବେ। ରାସ୍ତାକଡ଼ ଢାବା କେବଳ ଖାଦ୍ୟ ପାର୍ସଲ ଦେବା ପାଇଁ ଖୋଲା ରହିବ। ଖେଳକୁଦ କାର୍ଯ୍ୟକ୍ରମ ବିନା ଦର୍ଶକରେ ଆୟୋଜିତ ହେବ। ମର୍ନିଂୱାକ୍, ଜଗିଂ ଏବଂ ସାଇକେଲିଂ ଆଦି କାର୍ଯ୍ୟକୁ କଟକଣା ମୁକ୍ତ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ହୋଟେଲ୍, ହୋମ୍ ଷ୍ଟେ, ଲଜ୍ ଆଦି କୋଭିଡ୍ ନିୟମ ଅନୁପାଳନ ସହ ଖୋଲା ରହିବ। ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍ ଯୋଗାଣ, ଟେଲିକମ୍, ଅଗ୍ନିଶମ ସେବା, ଅନ୍ୟାନ୍ୟ ମୌଳିକ ଏବଂ ଜରୁରିକାଳୀନ ସେବା ଆଦି ପୂର୍ବପରି ଚାଲୁ ରହିବ। ବିଭିନ୍ନ ପ୍ରକାର ଦ୍ରବ୍ୟର ହୋମ୍ ଡେଲିଭରି, ଇ-କମର୍ସ, ଗଣମାଧ୍ୟମ, ପେଟ୍ରୋଲ ପମ୍ପ, ପେଟ୍ରୋଲିୟମ୍ ଗ୍ୟାସ୍, କୋଲ୍ଡ ଷ୍ଟୋର୍, କଲ୍ ସେଣ୍ଟର, ଡାଟା ସେଣ୍ଟର, ସୂଚନା ଓ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟାଳୟ ଆଦି ଖୋଲାହେବ। ବ୍ୟାଙ୍କ, ଏଟିଏମ୍, ଋଣ ସମବାୟ ସମିତି ଖୋଲା ରହିବ। ଏହି ସବୁ କାର୍ଯ୍ୟାଳୟ ସର୍ବନିମ୍ନ କର୍ମଚାରୀଙ୍କୁ ନେଇ ଚାଲିବ। ବିବାହ, ଶୁଦ୍ଧିକ୍ରିୟା ପୂର୍ବଭଳି କଟକଣାରେ ହେବ। କୌଣସି ସ୍ଥାନରେ କଟକଣା ଉଲ୍ଲଂଘନ ହେଉଥିବା ନଜରକୁ ଆସିଲେ ସମ୍ପୃକ୍ତ ଜିଲାର ଜିଲାପାଳ ବା ପୌରାଞ୍ଚଳ କମିଶନର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବେ। ରାଜ୍ୟବାସୀଙ୍କ ସହଯୋଗରୁ ସଂକ୍ରମଣ କ୍ରମାଗତ ହ୍ରାସ ପାଉଥିଲେ ମଧ୍ୟ ବିପଦ ସମ୍ପୂର୍ଣ୍ଣ ଟଳିନାହିଁ। ତେଣୁ ସ୍ଥିତି ନିୟନ୍ତ୍ରଣକୁ ଆସିବା ଯାଏ ସମସ୍ତେ ସତର୍କ ରହିବାକୁ ମୁଖ୍ୟ ଶାସନ ସଚିବ ନିବେଦନ କରିଛନ୍ତି।

### ଜୁଲାଇର ମୋଟରଯାନ ଟିକସ ଛାଡ଼

ଭୁବନେଶ୍ୱର, ୧୫।୭(ବ୍ୟୁରୋ): ସାରା ରାଜ୍ୟରେ ବସ୍ ଚଳାଚଳକୁ ଅନୁମତି ମିଳିବା ପରେ ବସ୍ ମାଲିକଙ୍କୁ ମିଳିଛି ଆଉ ଏକ ଆଶ୍ୱସ୍ତି। ରାଜ୍ୟ ସରକାର ଜୁଲାଇ ମାସର ମୋଟରଯାନ ଟିକସକୁ ଛାଡ଼ କରିଛନ୍ତି। ସମସ୍ତ ଯାତ୍ରୀବାହୀ ବସ୍ ଏବଂ ଶିକ୍ଷାନୁଷ୍ଠାନରେ ନିୟୋଜିତ ବସ୍‌ଗୁଡ଼ିକୁ ଏହାର ଫାଇଦା ମିଳିବ। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଗୁରୁବାର ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟରେ କୋଭିଡ୍ କଟକଣା ଯୋଗୁ ଆନ୍ତଃରାଜ୍ୟ ବସ୍ ଚଳାଚଳ ବନ୍ଦ ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶା ମୋଟରଯାନ ଟିକସ ଆଇନ-୧୯୭୫ର ଧାରା ୧୫ (୧) ଅନୁଯାୟୀ ଜୁଲାଇ ମାସର ଟିକସ ଛାଡ଼ କରିଛନ୍ତି। ଏଥିପୂର୍ବରୁ ଏପ୍ରିଲ, ମେ' ଓ ଜୁନ୍ ମାସର ମୋଟରଯାନ ଟିକସ ଛାଡ଼ କରାଯାଇଥିଲା। ଅପରପକ୍ଷେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ରାଜ୍ୟ ସରକାର ଅନୁମତି ଦେଇଥିଲେ ମଧ୍ୟ ବର୍ତ୍ତମାନ ପରିସ୍ଥିତିରେ ବସ୍ ଚାଲିବା ସମ୍ଭବପର ନୁହେଁ। ସରକାର ୩ଟି ଦାବି ପୂରଣ କଲା ପରେ ଏ ନେଇ ଚିନ୍ତା କରାଯିବ। ୩ ମାସ ମୋଟର ଯାନ ଟିକସ ଛାଡ଼ କରିବା ସହ ବୀମା କମ୍ପାନୀଗୁଡ଼ିକ ଅବଧିକୁ ଆଉ ୩ ମାସ ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି। ଏଥିସହ ଗାଡ଼ି ମାଲିକଙ୍କୁ ରାଜ୍ୟ ସରକାର ୧ଲକ୍ଷ ଟଙ୍କା ଲେଖାଏ ଋଣ ଆକାରରେ ଦିଅନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।

### ୧୧ ସପ୍ତାହରେ ୧୧ ଟଙ୍କା...

ବଢିଥିବା ଜଣାପଡିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୨.୩୬ ଟଙ୍କା ଏବଂ ଡିଜେଲ ୯୭.୯୫ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ପେଟ୍ରୋଲ ଲିଟର ପିଛା ୧୦୨.୬୮ ଟଙ୍କା ଏବଂ ଡିଜେଲ ୯୮.୨୬ ଟଙ୍କାରେ କାରବାର ହେଉଛି। ଏହି ଦର ବୃଦ୍ଧି ଫଳରେ ସାରା ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ଟପିଯାଇଛି। ସେହିଭଳି ବଲାଙ୍ଗୀର, ଗଜପତି, କଳାହାଣ୍ଡି, କୋରାପୁଟ, ରାୟଗଡା, ନୂଆପଡା, ନବରଙ୍ଗପୁର ଓ ମାଲକାନଗିରି ଭଳି ୮ ଜିଲାରେ ଡିଜେଲ ଦର ମଧ୍ୟ ୧୦୧ ଟଙ୍କା ଉପରେ ବିକ୍ରି ହେଉଥିବା ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ନୂଆଦିଲ୍ଲୀରେ ପେଟ୍ରୋଲ ୩୫ ପଇସା ଏବଂ ଡିଜେଲ ୧୫ ପଇସା ବୃଦ୍ଧି ପାଇଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୧.୫୪ ଟଙ୍କା ଏବଂ ଡିଜେଲ ୮୯.୮୭ ଟଙ୍କାରେ ପହଞ୍ଚିଛି। ମେ' ୪ ଠାରୁ ଦିଲ୍ଲୀରେ ପେଟ୍ରୋଲ ଉପରେ ୧୧.୧୪ ଟଙ୍କା ଏବଂ ଡିଜେଲ ୯.୧୪ ଟଙ୍କା ବୃଦ୍ଧି ପାଇଥିବା ସହ ପେଟ୍ରୋଲ ୪୦ ଥର ଓ ଡିଜେଲ ୩୭ ଥର ବଢିଥିବା ତୈଳ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି।

### ଦେଶଦ୍ରୋହ ଆଇନ...

ଆଇନ ଧାରା ୬୬ଏ'ର ଅବତାରଣା କରି ଖଣ୍ଡପୀଠ କହିଛନ୍ତି, ଜଣେ ବଢ଼େଇ ଗଛ କାଟୁ କାଟୁ ପୂରା ଜଙ୍ଗଲକୁ କାଟିଦେବା ସହ ଏହାକୁ ତୁଳନା କରାଯାଇପାରେ। ଏହାର ବ୍ୟାପକ ଦୁରୁପଯୋଗ କରାଯାଉଥିବାରୁ ସୁପ୍ରିମକୋର୍ଟ ବହୁ ପୂର୍ବରୁ ଏହାକୁ ଖାରଜ କରିଦେଇଥିଲେ। ଏଭଳି ଦଣ୍ଡବିଧାନ ବ୍ୟବସ୍ଥାକୁ ନେଇ ଜଣେ ଗୋଷ୍ଠୀବାଦୀ ଅନ୍ୟ ଗୋଷ୍ଠୀଙ୍କ ବିରୋଧରେ ମାମଲା ରୁଜୁ କରିପାରିବେ। ଯଦି ଏକ ନିର୍ଦ୍ଦିଷ୍ଟ ପକ୍ଷ ବା ଜଣେ ବ୍ୟକ୍ତି ଲୋକଙ୍କ ସ୍ୱରକୁ ଶୁଣିବାକୁ ଚାହିଁବେ ନାହିଁ ତେବେ ସେମାନେ ଏହି ଆଇନକୁ ଅନ୍ୟମାନଙ୍କ ବିରୋଧରେ ଲଗାଇବା ଆଶଙ୍କା ରହୁଛି। କେନ୍ଦ୍ର ସରକାର ଅନେକ ଆଇନକୁ ଉଚ୍ଛେଦ କରୁଛନ୍ତି। ଏହାକୁ କାହିଁକି ହଟାଉନାହାନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ତେବେ ରାଷ୍ଟ୍ର କିମ୍ବା ସରକାରଙ୍କୁ ଦୋଷ ଦିଆଯାଉ ନାହିଁ। କାର୍ଯ୍ୟକାରୀ କରୁଥିବା ସଂସ୍ଥାଗୁଡ଼ିକ ଏଭଳି ଆଇନଗୁଡ଼ିକର ଦୁରୁପଯୋଗ କରୁଛନ୍ତି। ସେମାନଙ୍କ କୌଣସି ଉତ୍ତରଦାୟିତ୍ୱ ରହୁନାହିଁ। ଏକ ଗାଁରେ ଯଦି ଜଣେ ପୋଲିସ ଅଧିକାରୀ ଜଣେ ବ୍ୟକ୍ତିଙ୍କୁ ଫସାଇବାକୁ ଚାହିଁବେ ତେବେ ସେ ଏଭଳି ଆଇନକୁ ନେଇ ତାହା ସହଜରେ କରିପାରିବେ। ଦେଶଦ୍ରୋହ ମାମଲାଗୁଡ଼ିକରେ ଦୋଷୀ ସାବ୍ୟସ୍ତ ହେବା ହାର ଅତି ନିମ୍ନ ରହିଛି। ତେଣୁ ଏହି ପ୍ରସଙ୍ଗଗୁଡ଼ିକ ଉପରେ ନିଷ୍ପତ୍ତି ନିଆଯିବା ଆବଶ୍ୟକ। ଜଷ୍ଟିସ୍ ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ଅନ୍ୟ ଏକ ଖଣ୍ଡପୀଠ ଏକ ଅନୁରୂପ ପିଟିଶନର ଶୁଣାଣି କରୁଛନ୍ତି। ଜୁଲାଇ ୨୭ରେ ଏହାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି ବୋଲି ଅଦାଲତଙ୍କୁ ଅବଗତ କରାଯିବାରୁ ସିଜେଆଇ ରମନା କହିଥିଲେ, ଏହି ପ୍ରସଙ୍ଗରେ ବୁଝି ଶୁଣାଣି ପାଇଁ ତାରିଖ ସ୍ଥିର କରାଯିବ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏଭଳି ନିୟମଗୁଡ଼ିକ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। କହିଥିଲେ, ଏହାକୁ ଆଇନରେ ରହିବାକୁ ଦିଆଯାଉ। କୋର୍ଟ ଚାହିଁଲେ ଏହାର ଦୁରୁପଯୋଗ ରୋକିବା ପାଇଁ ଗାଇଡ୍‌ଲାଇନ୍ ଜାରି କରିପାରିବେ। ଏଡିଟର୍ସ ଗିଲ୍ଡ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଶ୍ୟାମ ଦିୱାନ କହିଥିଲେ, ଆଇପିସିର ଧାରା ୧୨୪ଏ(ଦେଶଦ୍ରୋହ)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସାମ୍ବାଦିକଙ୍କ ସଙ୍ଗଠନ ପକ୍ଷରୁ ଏକ ପୃଥକ ପିଟିଶନ ଦାଏର କରାଯାଇଛି। ଉକ୍ତ ଆବେଦନକୁ ବର୍ତ୍ତମାନର ପିଟିଶନ ସହ ସଂଲଗ୍ନ କରାଯାଇଛି। ଏଡିଟର୍ସ ଗିଲ୍ଡ କେବଳ ଏହାର ବୈଧତାକୁ ଚ୍ୟାଲେଞ୍ଜ କରିନାହିଁ, ଦୁରୁପଯୋଗ ରୋକିବା ପାଇଁ ମଧ୍ୟ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବାକୁ ଦାବି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଚନ୍ଦ୍ରଙ୍କ ଶୁଭସଂସ୍ଥାନ ହେତୁ ଆଜି ସକାଳୁ ସକାଳୁ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ଘରର କେତେକ ରହିଯାଇଥିବା କାମକୁ କରିବା ସକାଶେ ଚିନ୍ତା କରି ପାରନ୍ତି। କର୍ମସ୍ଥ ସ୍ୱଗୃହୀ ଶନିଙ୍କ ଯୋଗୁଁ ଅଫିସରେ କଥାଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ପାଖ ପଡୋଶୀଙ୍କ ସହ ବିଭିନ୍ନ ଆଲୋଚନାରେ ସମୟ କଟାଇବେ।

**ବୃଷ**
ଚତୁର୍ଥାଧିପତି ଦ୍ୱିତୀୟସ୍ଥ ଯୋଗୁ ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପାଇ ଖୁସି ହେବେ। କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ ସାଧନ କରିବେ। ପାରିବାରିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଗଠନମୂଳକ କାର୍ଯରେ ଗତି ମନ୍ଥର ହେବା ସଙ୍ଗକୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ**
ବ୍ୟୟାଧିପ ଧନଭାବସ୍ଥ ଯୋଗୁ ବ୍ୟୟ ବୃଦ୍ଧି କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ହେବେ। ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଆନୁଷ୍ଠାନିକ କାମରେ ପାରସ୍ପରିକ ବିବାଦ କାରଣରୁ କାର୍ଯ୍ୟ ସାଧନରେ ବିଳମ୍ବ ହୋଇପାରେ।

**କର୍କଟ**
କର୍ମାଧିପତିଙ୍କ ଦୁର୍ବଳତା କାରଣରୁ ଅସ୍ଥିରତା ଲାଗି ରହିବ। ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ନିଜ ପରିସରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ନିଜ ସ୍ୱାର୍ଥରେ ବାଧା ଉପୁଜିବା କାରଣରୁ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ। ପାରିବାରିକ ସମସ୍ୟାକୁ ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

**ସିଂହ**
ଏକାଦଶ ଭାବରେ ତୃତୀୟାଧିପ ଥିବାରୁ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରିବାକୁ ପଡିବ। ଆଜିର କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହେବେ। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା**
ଆଜି ଚନ୍ଦ୍ରଙ୍କ ପ୍ରଭାବରୁ ମନରେ ଭାବପ୍ରବଣତା ଜନିତ ସୁସମ୍ପର୍କ ବ୍ୟାହତ ହୋଇପାରେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ବାରମ୍ବାର ଚେଷ୍ଟା କରି ମଧ୍ୟ ଅପୂରଣୀୟ ଆଶା ମନରେ ଆଶଙ୍କା ଉଦ୍ରେକ କରିବ। ବିଭିନ୍ନ ପ୍ରକାରର ପାରିବାରିକ ସମସ୍ୟାକୁ ନେଇ ଚିନ୍ତା ପ୍ରକଟ କରି ପାରନ୍ତି।

**ତୁଳା**
ସ୍ୱଗୃହୀ ଶନି ହେତୁ ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ମାନସିକ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ।

**ବିଛା**
ରାଶିର ସପ୍ତମସ୍ଥ ରାହୁ ହେତୁ ଆଜିର ସକାଳୁଆ ଯାତ୍ରାରେ ଶୁଭଫଳ ମିଳି ନ ପାରେ। ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ତଥାପି କର୍ମକ୍ଷେତ୍ର ଓ ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ସତର୍କରେ ଚଳନ୍ତୁ, ଅନ୍ୟଥା ନିଜର ପାଖ ଲୋକମାନେ ଅପପ୍ରଚାର କରିପାରନ୍ତି ।

**ଧନୁ**
ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ଏହାସଙ୍ଗକୁ କାମଗୁଡିକ ମଧ୍ୟ ସୁବିଧାରେ ସମ୍ପନ୍ନ ହେବ ନାହିଁ ଏବଂ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ନାହିଁ। ଅବଶ୍ୟ ବାକି ପଡିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ହେବ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣାରେ ପାଖ ମାଡି ନ ପାରନ୍ତି।

**ମକର**
ଶୁକ୍ର ଦୃଷ୍ଟ ଶନିଙ୍କ ହେତୁ ଅଭାବ ଅସୁବିଧା ସଙ୍ଗକୁ ନିନ୍ଦା, ଅପମାନରୁ ମଧ ରକ୍ଷା ପାଇବେ ନାହିଁ। ଏପରି କି ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ବୃହସ୍ପତିଙ୍କ ଦୁର୍ବଳତା କାରଣରୁ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ତଥାପି ଉତ୍ତରାଷାଢା ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

**କୁମ୍ଭ**
ଧନାଧିପ ନିଜ ରାଶିରେ ରହିଥିବାରୁ ଅର୍ଥଲାଭ ପାଇଁ ଚେଷ୍ଟା ନିରର୍ଥକ ହେବନାହିଁ। ସକାଳୁ ସକାଳୁ ଦେବ ଦର୍ଶନ ସକାଶେ ମନ ବଳାଇବେ। ଖାଦ୍ୟପେୟରେ ସତର୍କ ନ ରହିବା କାରଣରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ। କେତେକ କ୍ଷେତ୍ରରେ ସବୁ ଜାଣି ଶୁଣି ନୀରବଦ୍ରଷ୍ଟା ଭଳି କାମ କରିବାକୁ ପଡିପାରେ।

**ମୀନ**
ସୁଖଭାବ ପ୍ରତି ଅଶୁଭ ଗ୍ରହ ଦୃଷ୍ଟି ନ ଥିବାରୁ ସୁନ୍ଦର ଓ ମଧୁର ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ଆପଣାର କରି ପାରିବେ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ।

ଆଜି କର୍କଟ ସଂକ୍ରାନ୍ତି, ବର୍ଷା ଋତୁ ଆରମ୍ଭ, ଦକ୍ଷିଣାୟନ ବନ୍ଦାପନା, ହେରାପଞ୍ଚମୀ, ଆଷାଢ଼ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ଶୁକ୍ରବାର, ଜୁଲାଇ ୧୬ ତାରିଖ, ବିଶ୍ୱ ସର୍ପଦିବସ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୦ମି. ଗତେ ଘ. ୦୬.୧୨ମି. ମଧ୍ୟେ, ଘ.୦୭.୦୪ମି. ଗତେ ଘ.୦୯.୪୧ମି. ମଧ୍ୟେ, ଘ.୧୨.୧୮ମି. ଗତେ ଘ.୦୨.୫୫ମି. ମଧ୍ୟେ, ଘ.୦୪.୪୦ମି. ଗତେ ଘ.୦୬.୨୫ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦.୧୪ମି. ଗତେ ଘ.୧୧.୫୨ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୯୪,୭୧,୧୮୩ | ୪୦,୭୮,୪୧୯ | ୧୭,୨୯,୭୦,୯୦୪ |
| ଭାରତ | ୩,୧୦,୨୫,୧୧୪ | ୪,୧୨,୫୫୮ | ୩,୦୧,୭୫,୪୪୯ |
| ଓଡ଼ିଶା | ୯,୪୭,୮୫୯ | ୪୮୬୧(+୫୩) | ୯,୨୩,୨୦୯ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସାପ କାମୁଡ଼ାରେ ପ୍ଲାଷ୍ଟିକ ସର୍ଜରି



ସାପ ଦେଖିଲେ ଡର ଲାଗେ। ସାପ କାମୁଡ଼ିଦେଲେ ମନରେ ଭୟ ପଶେ। ସାପକୁ ମୃତ୍ୟୁର ଛାଇ ବୋଲି ଲୋକଙ୍କ ମନରେ ଧାରଣା ରହିଛି। କିନ୍ତୁ ପ୍ରକୃତ ପକ୍ଷରେ ତାହା ନୁହେଁ। ସାପ କାମୁଡ଼ା ଏକ ଦୁର୍ଘଟଣା, ଯାହା ଶତପ୍ରତିଶତ ଆରୋଗ୍ୟସାଧ୍ୟ। ଅନ୍ୟପକ୍ଷରେ ସାପ ପରିବେଶ ସନ୍ତୁଳନ ପାଇଁ ଅତ୍ୟନ୍ତ ଜରୁରୀ। ବିଶେଷ କରି କୃଷି କ୍ଷେତରେ ମୂଷା ଓ କୀଟ ଦମନରେ ସାପ ପ୍ରମୁଖ ଭୂମିକା ନେଇଥାଏ। ସେହିପରି ସାପ ବିଷ ବି ମଣିଷ ଜୀବନ ବଞ୍ଚାଇଥାଏ। କ୍ୟାନ୍ସର ଓ ଅନ୍ୟ କେତେକ ଚିକିତ୍ସାରେ ବ୍ୟବହାର ହୋଇଥାଏ। ତେଣୁ ସାପ ସଂରକ୍ଷଣର ମଧ୍ୟ ଆବଶ୍ୟକତା ରହିଛି। ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ରେ ସାପକୁ ମାରିବା ହେଉ କି ଶିକାର କଲେ ଦଣ୍ଡବିଧାନ ରହିଛି। ସାପ ସଂରକ୍ଷଣ ନିମନ୍ତେ ସମାଜକୁ ସଚେତନତା ବାର୍ତ୍ତା ଦେବା ପାଇଁ ପ୍ରତିବର୍ଷ ଜୁଲାଇ ୧୬ରେ ବିଶ୍ୱ ସର୍ପ ଦିବସ ପାଳନ କରାଯାଇ ଆସୁଛି। ଏହି ଅବସରରେ ସାପକାମୁଡ଼ା ରୋଗୀଙ୍କ ପ୍ଲାଷ୍ଟିକ୍ ସର୍ଜରି ଚିକିତ୍ସାକୁ ନେଇ 'ଧରିତ୍ରୀ'ର ବିଶେଷ ଉପସ୍ଥାପନା।

**ଆଜି ବିଶ୍ୱ ସର୍ପ ଦିବସ**



**ଅସମାପିକା ସାହୁ**

**ଭୁବନେଶ୍ୱର, ୧୫।୭**

ସାପ କାମୁଡ଼ିବା ପରେ ଚିକିତ୍ସାକୁ ନେଇ ଅନେକ ସମୟରେ ଲୋକମାନେ ଦ୍ୱନ୍ଦ୍ୱରେ ଥାଆନ୍ତି। ବିଭିନ୍ନ ସମୟରେ ଡାକ୍ତରଖାନାକୁ ନ ନେଇ ଝଡ଼ାଫୁଙ୍କା ବା ଚେରମୂଳି ଚିକିତ୍ସା କରିଥାନ୍ତି। ଗୁରୁତର ହେଲେ ଡାକ୍ତରଖାନା ନେବାବେଳକୁ ବହୁ ବିଳମ୍ବ ହୋଇଯାଇଥାଏ। ସେହିପରି ହସ୍ପିଟାଲରେ ଚିକିତ୍ସା ପରେ ରୋଗୀ ଜଣକ ଘରକୁ ଆସିବା ପରେ ଦଂଶନ ସ୍ଥାନର ଆବଶ୍ୟକ ଯତ୍ନ ନିଆଯାଇ ନ ଥାଏ। ଫଳରେ କ୍ଷତ ସ୍ଥାନରେ ସଂକ୍ରମଣ ହୋଇ ପଚିଯାଇଥାଏ। ଏ କ୍ଷେତ୍ରରେ ପ୍ଲାଷ୍ଟିକ ସର୍ଜରି ଡାକ୍ତରଙ୍କ ସହ ପରାମର୍ଶର ଆବଶ୍ୟକତା ପଡିଥାଏ। କିନ୍ତୁ ଅନେକ ସମୟରେ ଦେଖାଯାଏ ଜୀବନ ବଞ୍ଚିଯିବା ପରେ ଲୋକମାନେ ଆଉ ସେହି ଦିଗ ପ୍ରତି ଧ୍ୟାନ ଦେଇ ନ ଥାନ୍ତି। ଫଳରେ ଅନେକ ଲୋକଙ୍କ ଅଙ୍ଗ ପ୍ରତ୍ୟଙ୍ଗ ବିକୃତ ମଧ୍ୟ ହୋଇଥାଏ। ଏପରିକି ଅତି ଗୁରୁତର ଘଟଣାରେ ହାତ ଗୋଡ଼ ମଧ୍ୟ କାଟିବାକୁ ପଡ଼ିଥାଏ। ତେବେ ଠିକ୍ ସମୟରେ ପ୍ଲାଷ୍ଟିକ ସର୍ଜରି କରାଗଲେ ରୋଗୀଙ୍କ ଅଙ୍ଗ ପ୍ରତ୍ୟଙ୍ଗ ନଷ୍ଟ ହେବାରୁ ରକ୍ଷା ମିଳିଥାଏ। ତେଣୁ ସାପ କାମୁଡ଼ା ଚିକିତ୍ସା କ୍ଷେତ୍ରରେ ପ୍ଲାଷ୍ଟିକ ସର୍ଜରିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ରାଇଘର ଗ୍ରାମର ୯ ବର୍ଷୀୟା ବାଳିକା ମଞ୍ଜୁଳାଙ୍କ ଘଟଣା ହେଉଛି ଏହାର ସଦ୍ୟତମ ଉଦାହରଣ। ଗଛ କୋରଡରୁ ଚଢ଼େଇ ଧରିବାକୁ ଯାଇଥିବା ମଞ୍ଜୁଳାଙ୍କୁ ଏକ ନାଗ ସାପ କାମୁଡ଼ିବା ପରେ ଚିକିତ୍ସା ପାଇଁ ନବରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ଡାହାଣ ହାତର ଦଂଶନ ସ୍ଥାନଟି କଳା ପଡିଯିବା ସହ ଧୀରେ ଧୀରେ ସଂକ୍ରମିତ ହେବାରେ ଲାଗିବାରୁ ଉଚ୍ଚତର ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ କଲେଜ ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ଦେଖାଇବାକୁ ପରାମର୍ଶ ଦିଆଗଲା। ହେଲେ ଘର ଲୋକେ ସେଠାକୁ ନ ନେଇ ନିଜ ଗାଁକୁ ନେଇଗଲେ। କ୍ଷତ ସ୍ଥାନରେ ଗ୍ୟାଙ୍ଗରିନ ହେବା ଫଳରେ ହାତଟି ଦ୍ରୁତ ଗତିରେ ନଷ୍ଟ ହେବାରେ ଲାଗିଲା। ପରିବାର ଲୋକେ ଚେରମୂଳି ଚିକିତ୍ସା ଆରମ୍ଭ କରିବା ସହ କାମୁଡ଼ିଥିବା ସାପକୁ ବନ୍ଦୀ କରି ରଖିଲେ। ଶେଷରେ ଗଣମାଧ୍ୟମରେ ମଞ୍ଜୁଳାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ତାଙ୍କୁ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ପ୍ଲାଷ୍ଟିକ ସର୍ଜରି ବିଶେଷଜ୍ଞମାନେ ତାଙ୍କ ହାତର ସ୍ଥିତିକୁ ନେଇ ପରୀକ୍ଷାନିରୀକ୍ଷା ଆରମ୍ଭ କରିଛନ୍ତି। ହାତ କଟା ଯିବ ନା ଦେହର ଅନ୍ୟ ସ୍ଥାନରୁ ଚମଡ଼ା ନେଇ ଗ୍ରାଫ୍‌ଟିଙ୍ଗ କରାଯିବ ସେନେଇ ପୁଙ୍ଖାନୁପୁଙ୍ଖ ତର୍ଜମା ପରେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି।



## କେମିତି ହୁଏ ପ୍ଲାଷ୍ଟିକ ସର୍ଜରି

ବିଶେଷଜ୍ଞଙ୍କ କହିବାନୁସାରେ, ଓଡ଼ିଶାରେ ଦେଖାଯାଉଥିବା ବିଷଧର ସାପଙ୍କ ମଧ୍ୟରୁ ୩ ପ୍ରଜାତିର ସାପ ନାଗ, ତମ୍ପ ଓ ଚନ୍ଦନବୋଡ଼ା କାମୁଡ଼ିଥିବା ଅଙ୍ଗରେ ସଂକ୍ରମଣ ଅଧିକ ହୋଇ ଗ୍ୟାଙ୍ଗରିନ ହେବା ଫଳରେ ସେହି ଅଙ୍ଗକୁ ବଞ୍ଚେଇବା(ଠିକ୍ ରଖିବା) ପାଇଁ ପ୍ଲାଷ୍ଟିକ ସର୍ଜରି ଆବଶ୍ୟକ ପଡ଼ିଥାଏ। ପ୍ରଥମେ ନଷ୍ଟ ହୋଇଥିବା ସଂକ୍ରମିତ ଟିସୁକୁ କାଟି ବାହାର କରାଯାଏ, ଯାହାକୁ ଡାକ୍ତରୀ ଭାଷାରେ ଡିବ୍ରାଇଡମେଣ୍ଟ(de-bridement) କୁହାଯାଏ। ଏହାପରେ ସୁସ୍ଥ ଟିସୁ ଉପରେ ଦେହର ଅନ୍ୟ ସ୍ଥାନରୁ ଚମଡ଼ା କାଟି ଆଣି ଗ୍ରାଫ୍‌ଟିଙ୍ଗ କରାଯାଇଥାଏ ବା ଲଗାଯାଇଥାଏ। ଯେଉଁ କ୍ଷେତ୍ରରେ କ୍ଷତ ସ୍ଥାନରେ ଅଧିକ ଟିସୁ ନଷ୍ଟ ହୋଇଯାଇଥାଏ ସେଭଳି ପରିସ୍ଥିତିରେ କ୍ଷତିଗ୍ରସ୍ତ ଅଙ୍ଗକୁ ଦେହର ଅନ୍ୟ ଏକ ଭଲ ସ୍ଥାନରେ କଲମୀ କରାଯାଇଥାଏ। ଦୀର୍ଘ ୨୧ ଦିନ ପର୍ଯ୍ୟନ୍ତ ସେହିଭଳି ଯୋଡ଼ା ହୋଇ ରହିବା ପରେ ମାଂସ ସହ ଚମଡ଼ା ଯୋଡ଼ି ହୋଇଥାଏ ଏବଂ ତା'ପରେ ଆଉଥରେ ସର୍ଜରି କରି ସେଇ ସ୍ଥାନକୁ ସ୍ୱାଭାବିକ ରୂପ ଦିଆଯାଇଥାଏ।

## ସଫଳ ପ୍ଲାଷ୍ଟିକ ସର୍ଜରି

୨୦୧୦ରେ ଭୁବନେଶ୍ୱର ନୀଳାଦ୍ରିବିହାର ଅଞ୍ଚଳରେ ଜଣେ ରେଳ କର୍ମଚାରୀଙ୍କୁ ତାଙ୍କ ବାଥରୁମ୍‌ରେ ନାଗ ସାପ କାମୁଡ଼ିଥିଲା। ତାଙ୍କର ଡାହାଣ ପାଦ ଉପର ଅଂଶ ମଧ୍ୟ କଳା ପଡ଼ି ଏକ ବଡ଼ ଅଂଶ ନଷ୍ଟ ହେବାକୁ ଲାଗିଥିଲା। କିନ୍ତୁ ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ପ୍ଲାଷ୍ଟିକ ସର୍ଜନ ତାଙ୍କ ଗୋଡ଼ର ମୃତ ଟିସୁକୁ ଡିବ୍ରାଇଡ୍‌ମେଣ୍ଟ କରି ସେହି ସ୍ଥାନରେ ଭଲ ଟିସୁ ଆସିବା ପରେ ରୋଗୀଙ୍କ ଜଂଘରୁ ଚମଡ଼ା ନେଇ ପାଦ ଉପରେ ଗ୍ରାଫ୍‌ଟିଙ୍ଗ କରିଥିଲେ। ଫଳରେ ସମ୍ପୃକ୍ତ ରୋଗୀଙ୍କର ପାଦ ସୁରକ୍ଷିତ ରହିପାରିଥିଲା। ଯଦି ଠିକ୍ ସମୟରେ ପ୍ଲାଷ୍ଟିକ ସର୍ଜରି କରାଯାଇ ନ ଥାନ୍ତା, ତେବେ ସେହି ରୋଗୀଙ୍କର ଗୋଡ଼ରେ ସଂକ୍ରମଣ ବଢ଼ିବା ସହିତ ମଞ୍ଜୁଳାଙ୍କ ହାତ ଭଳି ହୋଇଯାଇଥାନ୍ତା।

## ଏମାନେ କ'ଣ କୁହନ୍ତି...



ନାଗ ଜାତୀୟ ବା ବୋଡା ସାପ କାମୁଡ଼ିଥିବା ସ୍ଥାନରେ ଅଳ୍ପରୁ ଭୟଙ୍କର ଫୁଲା ହୋଇଥାଏ। ସେଭଳି ଜାଗାରେ ଫାସିଓଟୋମି (ଫୁଲିଥିବା ମାଂସକୁ କଟାଯିବା) ଆବଶ୍ୟକ ପଡ଼ିଥାଏ। ଫାସିଓଟୋମି ଦ୍ୱାରା ମାଂସପେଶୀକୁ ଅଧିକ କ୍ଷତିଗ୍ରସ୍ତ ହେବାରୁ ବଞ୍ଚେଇହେବ। ବିଳମ୍ବ କଲେ ତାହା ଅଧିକ ନଷ୍ଟ କରିଦେଇଥାଏ। ଜୀବନ ପ୍ରତି ବି ବିପଦ ସୃଷ୍ଟି କରିଥାଏ। ତେବେ ରିକନ୍‌ଷ୍ଟ୍ରକ୍ଟିଭ ସର୍ଜରି ପାଇଁ ଯେତେଶୀଘ୍ର ପ୍ଲାଷ୍ଟିକ ସର୍ଜରି ଚିକିତ୍ସା ହେବ ସେତେଶୀଘ୍ର ସାପ କାମୁଡ଼ା ରୋଗୀର ମଙ୍ଗଳ ହେବ।

**-ଡା. ଲକ୍ଷ୍ମୀକାନ୍ତ ମିଶ୍ର, ପ୍ଲାଷ୍ଟିକ ସର୍ଜନ**



ସାପ କାମୁଡ଼ା ରୋଗୀଙ୍କର ପ୍ରାଥମିକ ଚିକିତ୍ସା ଗୁରୁତ୍ୱପୂର୍ଣ୍ଣ। ଏହି ଅବସ୍ଥାରେ ଠିକ୍ ଚିକିତ୍ସା ନ ମିଳିଲେ କ୍ଷତ ସ୍ଥାନରେ ସଂକ୍ରମଣ ବଢ଼ିଥାଏ। ୨୦୦୩ରେ ମୋର ଡାହାଣ ହାତ ବିଶି ଆଙ୍ଗୁଠିକୁ ବଞ୍ଚେଇବାକୁ ଯାଇ ପ୍ଲାଷ୍ଟିକ ସର୍ଜରି କରାଯାଇଥିଲା। ପ୍ରାୟ ୩ ମାସ ମୁଁ କଷ୍ଟ ପାଇଥିଲି ସତ, କିନ୍ତୁ ମୋ ଆଙ୍ଗୁଠି ବଞ୍ଚିଗଲା। ତେଣୁ ସାପ କାମୁଡ଼ା ରୋଗୀଙ୍କ ହାତ ବା ଗୋଡ଼ ଆଦି ସଂକ୍ରମିତ ହୋଇ ନଷ୍ଟ ହେଲେ ଶୀଘ୍ର ପ୍ଲାଷ୍ଟିକ ସର୍ଜରି କରାଇବା ଆବଶ୍ୟକ।

**-ଶୁଭେନ୍ଦୁ ମଲ୍ଲିକ, ସାଧାରଣ ସମ୍ପାଦକ, ସ୍ନେକ ହେଲ୍ପଲାଇନ**

DSPL - 85

# ବଜ୍ରପାତ ପ୍ରତି ସାବଧାନ

ଓଡ଼ିଶା ଶାସନ

OSDMA

ODISHA STATE DISASTER MANAGEMENT AUTHORITY

With You Always

ବଜ୍ରପାତ ବା ବିଜୁଳି ମାରିବା ଯୋଗୁଁ ଅନେକ ଜୀବନ ହାନି ହେଉଅଛି।

ଏଥିରୁ ରକ୍ଷା ପାଇବା ନିମନ୍ତେ ନିମ୍ନଲିଖିତ ଉପାୟମାନ ଅବଲମ୍ବନ କରନ୍ତୁ।

## କ'ଣ କରିବା ଉଚିତ୍ ☑

- ☑ ବଜ୍ରପାତରୁ ଘରକୁ ରକ୍ଷା କରିବା ପାଇଁ ବଜ୍ରପାତ ପ୍ରତିରୋଧକ କଣ୍ଡକ୍ଟର ଲଗାନ୍ତୁ।
- ☑ ଘଡ଼ଘଡ଼ି ଶବ୍ଦ ଶୁଣିଲେ ଖୋଲା ସ୍ଥାନରୁ ଯଥାଶୀଘ୍ର କୌଣସି ପକ୍କାଘର ଭିତରକୁ ଚାଲିଆସନ୍ତୁ।
- ☑ ମୋଟା ଚଦର ଛାତ ଥିବା ଗାଡ଼ି ଯଥା କାର୍, ବସ୍ ଆଦି ଯାନ ମଧ୍ୟ ନିରାପଦ ଅଟେ।
- ☑ ଘର ଭିତରେ ଥିବାବେଳେ ଝରକା, କବାଟ ଏବଂ କାନ୍ଥ ଠାରୁ ଛାଡ଼ିକରି ରୁହନ୍ତୁ।
- ☑ ବିଦ୍ୟୁତ୍ ପ୍ରବାହିତ ବସ୍ତୁଠାରୁ ଦୂରରେ ରୁହନ୍ତୁ।
- ☑ ନିରାପଦ ଆଶ୍ରୟସ୍ଥଳୀ ଠାରୁ ଦୂରରେ ଥିଲେ ଖାଲୁଆ ଜାଗା ଦେଖି ଯାକି ଜୁକି ହୋଇ ରହିଯାଆନ୍ତୁ। ମୁଣ୍ଡ ଓ ଦେହରୁ ଧାତୁ ତିଆରି ଜିନିଷ ଅଲଗା କରିଦିଅନ୍ତୁ। ନିଜେ ଯଥାସାଧ୍ୟ କମ୍ ଉଚ୍ଚତାରେ ରୁହନ୍ତୁ।
- ☑ ମୁଣ୍ଡ ବାଳ ଠିଆ ଠିଆ ହୋଇଗଲେ କିମ୍ବା ପାଖ ପଥର ଆଦିରୁ ପ୍ରତିଫଳିତ ଶବ୍ଦ କାନକୁ ଶୁଭିଲେ ସେ ସ୍ଥାନ ଛାଡ଼ି ଚାଲି ଯାଆନ୍ତୁ।
- ☑ ଯଦି ଗାଡ଼ି ଚଳାଉଥାନ୍ତି, ଏହାକୁ ଆସ୍ତେ ଚଳାନ୍ତୁ, ଗଛ କିମ୍ବା ଇଲେକ୍ଟ୍ରି ଲାଇନ୍ ଠାରୁ ଯଥା ସମ୍ଭବ ଦୂରରେ ରୁହନ୍ତୁ।
- ☑ ପୋଖରୀ ଅଥବା ଜଳାଶୟ ନିକଟରେ ରୁହନ୍ତୁ ନାହିଁ। ଯଦି ଆପଣ ପାଣି ଭିତରେ କିମ୍ବା ଡଙ୍ଗା ଭିତରେ ଅଛନ୍ତି ଯଥାଶୀଘ୍ର ବାହାରି ଆସନ୍ତୁ।
- ☑ ବଜ୍ରପାତର ସମ୍ଭାବନା ଦେଖାଦେଲେ ଗୃହପାଳିତ ପଶୁମାନଙ୍କୁ ବାହାରେ ନ ଛାଡ଼ି ଘର ଭିତରେ ରଖନ୍ତୁ।

## ବଜ୍ରପାତରୁ ରକ୍ଷା ପାଇବାର କୌଶଳ

ବଜ୍ରପାତ ହେଉଥିବା ସମୟରେ ଆପଣ ଯଦି ଘର ବାହାରେ ଥିବେ ଏବଂ ନିଜକୁ ଅସୁରକ୍ଷିତ ମଣୁଥିବେ, ଯଥାଶୀଘ୍ର ନଇଁ ପଡ଼ି ଆଣ୍ଠୁ ବଙ୍କା କରି ଛାତି ତଳକୁ କରି ବସି ପଡ଼ନ୍ତୁ। କେବେହେଲେ ମଧ୍ୟ ଭୂମିରେ ଚିତ୍ ହୋଇ ଶୁଅନ୍ତୁ ନାହିଁ।






## କ'ଣ ନ କରିବା ଉଚିତ୍ ☒

- ☒ ବିଦ୍ୟୁତ୍ ଚାଳିତ ଉପକରଣ ଏବଂ ତାରଯୁକ୍ତ ଟେଲିଫୋନ୍ ଓ ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତୁ ନାହିଁ।
- ☒ ଖୋଲା ଘର ବା ତମ୍ବୁ ତଳେ ଆଶ୍ରୟ ଏ ସମୟରେ ନିରାପଦ ନୁହେଁ।
- ☒ ଗଛ ତଳେ ବା ବୁଦା ନିକଟରେ ଆଶ୍ରୟ ନିଅନ୍ତୁ ନାହିଁ।
- ☒ ଘଡ଼ଘଡ଼ି ମାରୁଥିବା ସମୟରେ ଗୁଡ଼ି ଉଡ଼ାନ୍ତୁ ନାହିଁ।
- ☒ ହାତରେ ମାଛଧରା ବନିଶୀ, ଲୁହାବେଣ୍ଟ ଛତା ବା ଲୁହାଛଡ଼ ଧରନ୍ତୁ ନାହିଁ।
- ☒ କୌଣସି ଧାତୁ ତିଆରି ଜିନିଷକୁ ଛୁଅନ୍ତୁ ନାହିଁ।
- ☒ ଲୁହାଖମ୍ବ, ଲୁହାଛଡ଼ ଏବଂ ଲୁଗା ଶୁଖାଇବା ତାର ଠାରୁ ଦୂରରେ ରୁହନ୍ତୁ।
- ☒ ସାଇକେଲ୍ ଚଳାନ୍ତୁ ନାହିଁ କିମ୍ବା ଖୋଲା ଗାଡ଼ିରେ ବୁଲନ୍ତୁ ନାହିଁ।
- ☒ ଗୃହପାଳିତ ପଶୁମାନଙ୍କୁ କୌଣସି ଧାତୁଯୁକ୍ତ ପଦାର୍ଥରେ ବାନ୍ଧି ରଖନ୍ତୁ ନାହିଁ।

OIPR-24007/13/0003/2122

ନିଜର ଦୋଷତ୍ରୁଟି ସମ୍ବନ୍ଧେ ସଚେତନ ହୋଇ ଉଠିବା ହିଁ ମହାନ୍ ପ୍ରଗତିର ଏବଂ ସାଧନାରେ ସଫଳତା ଲାଭ କରିବାର ରାସ୍ତା ଉନ୍ମୁକ୍ତ ହେବାର ଏକ ସଙ୍କେତ। —ଶ୍ରୀମା



# ଯୁଦ୍ଧର ପୂର୍ବାଭାସ



ଆଣ୍ଡର୍ସ ଅସ୍‌ଲୁନ୍ଦ

ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ ପ୍ରତି ଆସକ୍ତ ହୋଇପଡ଼ିଛନ୍ତି କିମ୍ବା ୟୁକ୍ରେନ୍‌ର ଅସ୍ତିତ୍ୱ ନାହିଁ ବୋଲି ମନେ କରୁଛନ୍ତି। ୩୦ ଜୁନ୍‌ରେ ତାଙ୍କ ବାର୍ଷିକ ଭାଷଣରେ ସେ ଦାବି କରିଥିଲେ ଯେ, ୟୁକ୍ରେନ୍ ଓ ରୁଷିଆବାସୀ ଏକ ଓ ଅଭିନ୍ନ। ସେ ମଧ୍ୟ ଏ ସମ୍ପର୍କରେ ଏକ ଆର୍ଟିକିଲ ପ୍ରକାଶ କରିଥିଲେ। ଦୁଇ ଦେଶର ସମ୍ମିଳିତ ଇତିହାସ ଉପରେ ଗୁରୁତ୍ୱ ପ୍ରଦାନ କରି ଏଭଳି ଧାରଣାକୁ ସିଦ୍ଧ କରିବାକୁ ସେ ଚାହିଁଥିଲେ। ଏହା ଦୁଷ୍ପ୍ରଚାର ଭଳି ମନେହେଉଛି ଏବଂ ଯୁଦ୍ଧ ଘୋଷଣା କରିବାକୁ ଆଉ ଗୋଟିଏ ପାହାଚ ବାକି ରହିଛି ବୋଲି କୁହାଯାଉଛି। ପୁଟିନ୍ ପୁରାତନ ରୁଷିଆର, ଯେଉଁଥିରେ ରୁଷିଆ, ୟୁକ୍ରେନ୍ ଏବଂ ବେଲାରୁଷବାସୀ ଗୋଟିଏ ଭାଷାରେ ବାନ୍ଧି ହୋଇ ରହିଥିଲେ, ସେ ସମୟର ଇତିହାସରୁ ତାଙ୍କ ଲେଖା ଆରମ୍ଭ କରିଛନ୍ତି। ଏହି କହାଣୀ ହେଉଛି,ବାପ୍ଟିଜମ୍‌ରୁ ରୂଢ଼ିବାଦୀ ଧର୍ମକୁ ପ୍ରବେଶ କରି ପଞ୍ଚଦଶ ଶତାବ୍ଦୀ ଯାଏ ଏହି ଦେଶଗୁଡ଼ିକ ଗୋଟିଏ ବିଶ୍ୱାସରେ ବାନ୍ଧି ହୋଇ ରହିଥିବା ସମୟର । ପୁଟିନ୍ ଉଲ୍ଲେଖ କରିଛନ୍ତି ,ଏପରି କି ବିଭାଜନ ମଧ୍ୟରେ ବି ରୁଷିଆକୁ ମାତୃଭୂମି ବୋଲି ସେମାନେ ଅନୁଭବ କରୁଥିଲେ। ଇତିହାସ କହେ, ୧୬୦୫-୧୮ ଯାଏ ପୋଲାଣ୍ଡ ଓ ରୁଷିଆ ଯୁଦ୍ଧ ଥିଲା ଲୋକମାନଙ୍କ ସ୍ୱାଧୀନତା ଲାଗି । ୟୁକ୍ରେନ୍‌ବାସୀ ଅନ୍ୟ ରୂଢ଼ିବାଦୀ ରୁଷୀୟଙ୍କ ସହ ପୁଣି ଏକାଠି ହୋଇ କ୍ଷୁଦ୍ର ରୁଷିଆ ଗଠନ କେଲେ ଏବଂ ୟୁକ୍ରେନ୍ କହିଲେ ସୀମାନ୍ତ ପ୍ରଦେଶ ଭାବେ ବୁଝାଗଲା। ପୁଟିନ୍‌ଙ୍କ ଲେଖାରେ ୧୭୬୪ରେ ନୋଭୋରୋସିୟାର ଜନ୍ମ ଏବଂ ରୁଷିଆ ସାମ୍ରାଜ୍ୟର ସମ୍ପ୍ରସାରଣରେ ଲୋକଙ୍କ ଇଚ୍ଛାଶକ୍ତିକୁ ପ୍ରତିପାଦିତ କରିଛି। ଏକ ସାଧାରଣ ଦେଶ ଗଠନ କରିବା ଲାଗି ପଶ୍ଚିମ ରୁଷିଆ କ୍ଷେତ୍ରଗୁଡ଼ିକର ଏକୀକରଣ କେବଳ ରାଜନୈତିକ କିମ୍ବା କୂଟନୈତିକ ନିଷ୍ପତ୍ତି ନ ଥିଲା ; ବରଂ, ଏହା ଲୋକଙ୍କ ବିଶ୍ୱାସ ଏବଂ ସଂସ୍କୃତିଗତ ପରମ୍ପରା ତଥା ଭାଷାଗତ ଆକର୍ଷଣ ତଥା ସମାନତା ଆଧାରରେ ଘଟିଥିଲା।

ତେବେ ଜେନେରାଲ ଆଲେକ୍‌ଜାଣ୍ଡର ସୁଭୋରୋଭ୍ ପ୍ରଚଣ୍ଡ ପ୍ରତିରୋଧ ଅତିକ୍ରମ କରି ରୁଷିଆର ସମ୍ପ୍ରସାରିତ ସୀମାକୁ ସୁରକ୍ଷା କରିବାକୁ ଯେଉଁ ପ୍ରୟାସ କରିଥିଲେ ତାହା ପୁଟିନ୍‌ଙ୍କ ମତ ସହ ଏକମତ ହେବ ନାହିଁ। କିନ୍ତୁ ପୁଟିନ୍ କହନ୍ତି, ସମ୍ମିଳତ ଭାଷା ବିଭାଜନ କେବଳ ଆଞ୍ଚଳିକ ଏବଂ ସ୍ଥାନୀୟ ଭାଷା ଯୋଗୁ ହୋଇଛି। ୟୁକ୍ରେନ୍ ତା'ନିଜ ସଂସ୍କୃତି ବିକାଶ କରିଥାଇପାରେ ବୋଲି ଯେଉଁ ସମ୍ଭାବନା ସୃଷ୍ଟି ହୋଇଛି ଏସବୁ ତଥ୍ୟ ତାହାକୁ ପ୍ରଭାବହୀନ କରିଦେଉଛି। ଉଦାହରଣ ସ୍ୱରୂପ, ୟୁକ୍ରେନର ଜାତୀୟ କବି ତରାସ ଶେଭଚେଙ୍କୋ ୟୁକ୍ରେନ ଭାଷାରେ କବିତା ଲେଖିଥିବାବେଳେ ରୁଷୀୟ ଭାଷାରେ ବିଭିନ୍ନ ଗଦ୍ୟ ରଚନା କରିଛନ୍ତି। ସେହିଭଳି ସେତେବେଳେ ରୁଷୀୟ ସାମ୍ରାଜ୍ୟରେ ୟୁକ୍ରେନର ପୋଲଟଭାରେ ଜନ୍ମିତ ନିକୋଲାଇ ଗୁଗଲ ରୁଷିଆର ଜଣେ ଦେଶଭକ୍ତ ଥିଲେ ଓ ସେ ରୁଷୀୟ ଭାଷାରେ ଲେଖିଛନ୍ତି। ତେବେ କିଭଳି ଏହି ସଂସ୍କୃତି ରୁଷିଆ ଓ ୟୁକ୍ରେନ ମଧ୍ୟରେ ବିଭାଜିତ ହୋଇପାରିବ। ପରେ, ଯୁଦ୍ଧ ମଧ୍ୟବର୍ତ୍ତୀ ସମୟରେ ପୋଲାଣ୍ଡର ସଂସ୍କୃତି ଓ ଭାଷାତତ୍ତ୍ୱକୁ ଅଧିଗ୍ରହଣ କରାଯାଇଥିବା କାର୍ଯ୍ୟକୁ ପୁଟିନ୍ ନିନ୍ଦା କରିଛନ୍ତି।

ୟୁକ୍ରେନର ପୁନଃ ମିଶ୍ରଣରେ ସୋଭିଏଟ୍ ସଂଘକୁ ମୁକ୍ତିଦାତା ଭାବେ ଉପସ୍ଥାପନ କରିଛନ୍ତି। ୧୯୩୯ରେ ପୋଲାଣ୍ଡ ଯେଉଁ କ୍ଷେତ୍ର ଦଖଲ କରିଥିଲା ତାହାକୁ ୟୁଏସ୍ଏସ୍ଆରକୁ ଫେରାଇ ଦେଇଥିଲା। ସେମାନଙ୍କର ମୁଖ୍ୟ ଭାଗକୁ ସୋଭିଏଟ୍ ୟୁକ୍ରେନକୁ ଦିଆଯାଇଥିଲା। ସୋଭିଏଟ୍ ସଂଘ ଓ ନାଜି ଜର୍ମାନୀ ମଧ୍ୟରେ କରାଯାଇଥିବା ମୋଲୋଟୋଭ-ରିବେନଟ୍ରୋପ୍ ଚୁକ୍ତିର ଏହା ଏକ ଅଦ୍ଭୁତ ବର୍ଣ୍ଣନା। ତଥାପି ପୁଟିନ୍ ଲଜ୍ଜାଜନକ ଭାବେ ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ, ସୋଭିଏଟ୍ ଯୁଗରେ ସମ୍ପୂର୍ଣ୍ଣ ଆଧୁନିକ ୟୁକ୍ରେନ ସୃଷ୍ଟି ହୋଇଥିଲା। ଭାଷା, ସଂସ୍କୃତି ତଥା ଅନ୍ୟ ଦିଗରେ ବଲଶେଭିକ (ରୁଷିଆନ ସୋସିଆଲ ଡେମୋକ୍ରାଟିକ ୱାର୍କର ପାର୍ଟି ଶାଖାର ସଦସ୍ୟ) ମାନଙ୍କର ୟୁକ୍ରେନୀୟ ନୀତିଗୁଡ଼ିକର ବ୍ୟାପକ ଉପଯୋଗ ସତ୍ତ୍ୱେ ମଧ୍ୟ ସେମାନଙ୍କ ସହ ପୁଟିନ୍‌ଙ୍କର ମତପାର୍ଥକ୍ୟ ରହିଛି। ସେ କହନ୍ତି,୧୯୩୨-୩୩ରେ ଭୟଙ୍କର ଦୁର୍ଭିକ୍ଷ ଲକ୍ଷ ଲକ୍ଷ ୟୁକ୍ରେନବାସୀଙ୍କ ମୃତ୍ୟୁର କାରଣ ହୋଇଥିଲା। ଏହାବାଦ ପୁଟିନ୍ ରୁଷିଆକୁ ବଲଶେଭିକମାନେ କେଉଁଭଳି ପରିଚାଳନା କରିଥିଲେ ସେହି ଘଟଣାର ସାମାଜିକ ଅନୁଧ୍ୟାନ ପାଇଁ ଗ୍ରହଣ କରିଛନ୍ତି। ବିଦ୍ରୋହ ଏବଂ ଦେଶ ବା ରାଜ୍ୟର ପରିଚୟ ଲୋପ କରିବାର ସ୍ୱପ୍ନ ସେମାନଙ୍କୁ ସ୍ୱେଚ୍ଛାଚାରୀ କରିଦେଇଥିଲା। ରୁଷିଆରୁ ଦେଶଗୁଡ଼ିକୁ ଅନ୍ୟାୟ ଭାବେ ଅଲଗା କରି ନିଆଯାଇଥିଲା। ଐତିହାସିକ କ୍ଷେତ୍ରଗୁଡ଼ିକୁ ଭାଗ ଭାଗ କରିବାକୁ ବଲଶେଭିକଙ୍କ ପଦକ୍ଷେପ ଗ୍ରହଣୀୟ ନୁହେଁ , ଯେମିତି କ୍ରିମିୟାକୁ କରାଯାଇଛି। ଏହା ବଲଶେଭିକଙ୍କ ଏକ ଅନ୍ୟାୟ କାର୍ଯ୍ୟ ଓ ଏହା କାହିଁକି ରୁଷିଆକୁ ଦୁର୍ବଳ କରିଛି ଏବଂ ଆମର ସ୍ୱାର୍ଥ ଜଡିତ ବ୍ୟକ୍ତିମାନେ ଏହା ଦ୍ୱାରା କିପରି ସନ୍ତୁଷ୍ଟ ହୋଇଛନ୍ତି ତାହା ପୁଟିନ ଭଲ ଭାବେ ଜାଣନ୍ତି ଓ ପ୍ରକାଶ କରିଛନ୍ତି।

ପୁଟିନ୍ ଏହି ଦୁଷ୍ଟ ବ୍ୟକ୍ତିଙ୍କ ପାଖକୁ ଫେରିଛନ୍ତି ସତ, କିନ୍ତୁ ଅର୍ଥନୀତି ବିଷୟରେ ଗୋଟିଏ କି ଦୁଇଟି କଥା ରଖିଛନ୍ତି। ଦଶନ୍ଧି ଦଶନ୍ଧି ବା ଶତାବ୍ଦୀ ଶତାବ୍ଦୀ ଧରି ୟୁକ୍ରେନ୍ ଏବଂ ରୁଷିଆ ଏକକ ଅର୍ଥବ୍ୟବସ୍ଥା ଭାବେ ବିକାଶ କରି ଆସୁଛନ୍ତି। ୩୦ ବର୍ଷ ତଳେ ସେମାନେ ଗ୍ରହଣ କରିଥିବା ଗଭୀର ସହଯୋଗକୁ ଏବେ ୟୁରୋପୀୟ ସଂଘ ଦେଖି ଇର୍ଷା କରିବ। କିନ୍ତୁ ୧୯୯୧ରୁ ୨୦୦୩ ଯାଏ ଅର୍ଥବ୍ୟବସ୍ଥା ନିର୍ଦ୍ଦିଷ୍ଟ ଭାବେ ବିଶ୍ୱସନୀୟ ନୁହେଁ ବୋଲି ସେ ଦାବି କରନ୍ତି । ଏହି ସମୟରେ ରୁଷିଆ ଗ୍ୟାସ୍ ସବ୍‌ସିଡ଼ି ଯୋଗୁ ୟୁକ୍ରେନ ତା'ବଜେଟ ପାଇଁ ୮୨ ବିଲିୟନ ଡଲାରରୁ ଅଧିକ ସଞ୍ଚୟ କରିପାରିଥିଲା। ପୁଟିନ୍ ଉଲ୍ଲେଖ କରିଛନ୍ତି ଯେ, ଏଭଳି ନିବିଡ଼ ସମ୍ପର୍କ ଉଭୟ ଦେଶର ଶକ୍ତି ବୃଦ୍ଧି କରିପାରେ। ତଥାପି ସତ ହେଉଛି, ସେହି ସବୁ ଦଶନ୍ଧିଗୁଡ଼ିକରେ ବ୍ୟବସାୟିକ କାରବାର ଉଭୟ ଅର୍ଥବ୍ୟବସ୍ଥାକୁ ଅବିକଶିତ କରି ରଖିଦେଲା। ଏଥିରେ କିଛି କଥା ନାହିଁ, କିନ୍ତୁ ୨୦୧୪ରେ ୟୁକ୍ରେନ୍ ରୁଷିଆଠାରୁ ଅଲଗା ହେବା ପରେ ଏହା ୟୁକ୍ରେନ୍‌ର ଶିଳ୍ପ ଏବଂ ଆର୍ଥିକ ଅଧଃପତନର କାରଣ ହୋଇଛି ବୋଲି ପୁଟିନ୍ ଦର୍ଶାଇଛନ୍ତି।

ପୁଟିନ୍ ଘୋଷଣା କରିଛନ୍ତି ଯେ,ରୁଷିଆ ୟୁକ୍ରେନ୍‌କୁ ସବୁବେଳେ ଅତି ଆଦରର ସହ ଦେଖିଆସିଛି। ଏକ ଦେଶର ସଙ୍କଟ ସମୟରେ ତା'ଉପରେ କଠୋର ବାଣିଜ୍ୟ କଟକଣା ଲାଗୁ କରିବାକୁ ମୁଁ କିଭଳି ବର୍ଣ୍ଣନା କରିବି ତାହା ଜାଣିପାରୁନାହିଁ। ୨୦୧୪ରେ ପୁଟିନ୍‌ଙ୍କର ଜଣେ ବିଶ୍ୱସ୍ତ ତଥା ୟୁକ୍ରେନର ରାଷ୍ଟ୍ରପତି ଭିକ୍ଟର ୟାନୁକୋଭିଚଙ୍କୁ ପଦରୁ ବେଦଖଲ କରାଗଲାବେଳେ ରୁଷିଆ ତା'ଉପରେ ଏଭଳି କଟକଣା ଲଗାଇଥିଲା। ସେହି ବର୍ଷ ରୁଷୀୟ ସେନା ଏକ ଯାତ୍ରୀବାହୀ ବିମାନକୁ ଗୁଳି କରି ଖସାଇ ଦେବାରୁ ୨୯୮ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହା କ'ଣ ଏକ ଉଚିତ୍ ପଦକ୍ଷେପ। କେବେ ନୁହେଁ। ତଥାପି ପୁଟିନ୍‌ଙ୍କ ଲେଖା ଅନୁଯାୟୀ, ୟୁକ୍ରେନ୍‌ର ପ୍ରମୁଖ ବ୍ୟକ୍ତିବିଶେଷ ପିଢ଼ି ପିଢ଼ି ଧରି ସଫଳତା ହାସଲ କରିବାରେ ବ୍ୟର୍ଥ ହୋଇଛନ୍ତି । ସେମାନେ ଅତୀତକୁ ଅସ୍ୱୀକାର କରି ସେମାନଙ୍କ ସ୍ୱାଧୀନତାକୁ ନ୍ୟାୟୋଚିତ ମନେକରୁଛନ୍ତି। ଏମାନେ ସବୁବେଳେ ୟୁରୋପୀୟ ସଂଘ ଓ ଆମେରିକା ବ୍ୟତୀତ ଆଉ କାହା ସହିତ ରହିବାକୁ ଚାହୁଁନାହାନ୍ତି। ଏମାନେ ଆଧୁନିକ ୟୁକ୍ରେନ ଇତିହାସର ଖଳନାୟକ। ଏମାନେ ବ୍ୟାପକ ଭାବେ ରୁଷିଆ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ପୁଟିନ୍ ବାର୍ଷିକ ଉତ୍ସବରେ ବାରମ୍ବାର ଦୋହାରାଇଥିଲେ ଯେ,ସବୁଠୁ ଚିନ୍ତାଜନକ ହେଉଛି,ୟୁକ୍ରେନ୍‌ର କାର୍ଯ୍ୟକଳାପ କିଭ୍‌ରେ ସ୍ଥିର କରାଯାଉନାହିଁ, ବରଂ ଏହାର ନିଷ୍ପତ୍ତି କରାଯାଉଛି ୱାଶିଂଟନରେ ତ ଆଉ କିଛି ବର୍ଲିନ ଓ ପ୍ୟାରିସରେ। ପୁଟିନ୍‌ଙ୍କ ଦୃଷ୍ଟିରେ ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲଡିମିର ଜେଲେନ୍‌ସ୍କି ତାଙ୍କ ଦେଶ ସମ୍ପୂର୍ଣ୍ଣ ବାହାର ଦେଶ ଦ୍ୱାରା ପରିଚାଳିତ ହେବା ବ୍ୟବସ୍ଥାକୁ ଗ୍ରହଣ କରୁଥିବା ଯୋଗୁ ତାଙ୍କ ସହ ସାକ୍ଷାତ ହେବାର ସବୁ ଉଦ୍ୟମ ବ୍ୟର୍ଥ ହେଉଛି।

ଏହାବାଦ୍ ପୁଟିନ୍ ତାଙ୍କ ଆର୍ଟିକିଲରେ ଉଲ୍ଲେଖ କରିଛନ୍ତି ଯେ,ୟୁକ୍ରେନ୍ ସହ ଆଲୋଚନା ପାଇଁ ରୁଷିଆର ଦ୍ୱାର ସବୁବେଳେ ଖୋଲା । କିନ୍ତୁ ୟୁକ୍ରେନ୍ ବିଦେଶ ରାଷ୍ଟ୍ରଗୁଡ଼ିକର ସ୍ୱାର୍ଥ ଲାଗି କରୁଥିବା ଉଦ୍ୟମ ଛାଡି ନିଜ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଆଲୋଚନାକୁ ଆସିବା ଆବଶ୍ୟକ। ଅବଶ୍ୟ,ରୁଷିଆ ସହ ମିଶିବା ୟୁକ୍ରେନ୍‌ର ଏକ ମାତ୍ର ଜାତୀୟ ସ୍ୱାର୍ଥ ହେବା ଉଚିତ ବୋଲି ପୁଟିନ୍‌ଙ୍କ ମତ । ୟୁକ୍ରେନ୍‌ର ସ୍ୱାଧୀନତାର ଅଧିକାରକୁ ଅସ୍ୱୀକାର ବା ଖଣ୍ଡନ କରି ପୁଟିନ୍ ଯୁଦ୍ଧ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଥିବା ପୂର୍ବଭାସ ମିଳୁଛି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଏହାକୁ କିଭଳି ପ୍ରତିରୋଧ କରିବେ ସେ ସମ୍ପର୍କରେ ଶୀଘ୍ର ନିଷ୍ପତ୍ତି ନେବା ଉଚିତ।

**ସିନିୟର ଫେଲୋ, ଷ୍ଟକ୍‌ହୋମ୍ ଫ୍ରି ୱାର୍ଲ୍ଡ ଫୋରମ**

# ମନ୍ତ୍ର ଓ ଜପ

ଡ. ଇନ୍ଦୁଲତା ଦାସ

ଆଧ୍ୟାତ୍ମିକ ସାଧନାର ଅଗଣିତ ମାର୍ଗ ମଧ୍ୟରୁ ମନ୍ତ୍ରଯୋଗ ଏକ ଅତି ମହତ୍ତ୍ୱପୂର୍ଣ୍ଣ ମାର୍ଗ। 'ସମାଧି' ଅବସ୍ଥାକୁ ପ୍ରାପ୍ତ ହେବାପାଇଁ ମନ୍ତ୍ର ମୁଖ୍ୟ ସାଧନ ରୂପରେ ବ୍ୟବହୃତ ହୁଏ। 'ମନ୍ତ୍ର' ଶବ୍ଦର ଅନ୍ୟ ଅର୍ଥ ମଧ୍ୟ ରହିଛି। କିନ୍ତୁ ଏଠାରେ କେବଳ ସେହି ମନ୍ତ୍ର ବିଷୟରେ ଉଲ୍ଲେଖ କରାଯାଇଛି ; ଯାହା 'ଜପ' ପାଇଁ ବ୍ୟବହୃତ ହୋଇପାରେ। ମନ୍ତ୍ରଯୋଗର ଅନ୍ୟ ନାମ ଜପଯୋଗ ମଧ୍ୟ। ବେଦୋକ୍ତ ବିଧିରେ ମନ୍ତ୍ରର ଅଭ୍ୟାସ କରିବାକୁ ଜପ କୁହାଯାଏ। ମହର୍ଷି ପତଞ୍ଜଳି ଜପ ଉପରେ ଅନେକ ଗୁରୁତ୍ୱ ଦେଇଛନ୍ତି। ସମାଧି ପ୍ରାପ୍ତିକୁ ତ୍ୱରାନ୍ୱିତ କରିବା ପାଇଁ ଈଶ୍ୱର ପ୍ରଣିଧାନ ଏକ ଅତି ଉପାଦେୟ ସାଧନ। ଈଶ୍ୱରପ୍ରଣିଧାନର ଅର୍ଥ ଈଶ୍ୱରଙ୍କର ନାମ ଜପ ଓ ଈଶ୍ୱରଙ୍କର ଗୁଣର ଧ୍ୟାନ। ପତଞ୍ଜଳିଙ୍କ ମତରେ ଓଁକାର ହିଁ ଈଶ୍ୱରଙ୍କର ବାଚକ ଶବ୍ଦ (ନାମ)। ତେଣୁ ଓଁକାର ଜପ ଓ ଈଶ୍ୱରଙ୍କର ଧ୍ୟାନ କରିବା ଦ୍ୱାରା ସମାଧିପ୍ରାପ୍ତି ଶୀଘ୍ର ହୋଇଥାଏ (ତଜ୍ଜପସ୍ତଦର୍ଥଭାବନମ୍ - ଯୋ.ସୂ.)।

ସାଧନାରେ ସ୍ୱାଧ୍ୟାୟର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ୱାଧ୍ୟାୟ କ୍ରିୟାଯୋଗର ଏକ ଅଙ୍ଗ (ତପଃ ସ୍ୱାଧ୍ୟାୟେଶ୍ୱର ପ୍ରଣିଧାନାନି କ୍ରିୟାଯୋଗଃ- ଯୋ. ସୂ.)। ପୁଣି ଏହା 'ନିୟମ' ନାମକ ଅଷ୍ଟାଙ୍ଗଯୋଗର ଦ୍ୱିତୀୟ ସୋପାନର ଅନ୍ୟତମ ଅଙ୍ଗ (ଶୌଚସନ୍ତୋଷ ତପଃ ସ୍ୱାଧ୍ୟାୟେଶ୍ୱର ପ୍ରଣିଧାନାନି ନିୟମାଃ- ଯୋ.ସୂ.) ସ୍ୱାଧ୍ୟାୟର ଦୁଇଟି ବିଭାବ ରହିଛି- ପ୍ରଥମଟି ମୋକ୍ଷଶାସ୍ତ୍ର ଅଧ୍ୟୟନ ଓ ଦ୍ୱିତୀୟଟି ପ୍ରଣବାଦି ପବିତ୍ର ମନ୍ତ୍ରର ଜପ (ପ୍ରଣବାଦିପବିତ୍ରାଣାଂ ମନ୍ତ୍ରାଣାଂ ଜପଃ ମୋକ୍ଷଶାସ୍ତ୍ରାଧ୍ୟୟନଂ ବା ବ୍ୟାସଭାଷ୍ୟ ଯୋ.ସୂ.)।

ଜପ ପାଇଁ ଗୃହୀତ ମନ୍ତ୍ରଟି ଏକ ପବିତ୍ର ମନ୍ତ୍ର ହେବା ଆବଶ୍ୟକ। ଭୂତ, ପିଶାଚାଦିଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅନ୍ୟର କ୍ଷତିସାଧନ କରିବା ପାଇଁ ମଧ୍ୟ ମନ୍ତ୍ର ଜପ କରାଯାଏ। ତେବେ ସେହିପରି ମନ୍ତ୍ରଦ୍ୱାରା 'ମନ୍ତ୍ରଯୋଗ' ସାଧନା ହୁଏ ନାହିଁ। ଏଥିପାଇଁ ଏକ ପବିତ୍ର ମନ୍ତ୍ରର ଚୟନ କରାଯିବା ଆବଶ୍ୟକ। ଯଥା – ଓଁ, ଗାୟତ୍ରୀ ମନ୍ତ୍ର, ଓଁ ନମଃ ଶିବାୟ, ଓଁ ନମୋ ଭଗବତେ ବାସୁଦେବାୟ ଇତ୍ୟାଦି। ଦୀର୍ଘ ମନ୍ତ୍ର ଅପେକ୍ଷା କ୍ଷୁଦ୍ର ମନ୍ତ୍ର ଅଧିକ ଶକ୍ତିଶାଳୀ ବୋଲି ବିଦ୍ୱାନ୍‌ମାନେ ମତ ଦିଅନ୍ତି। ତେଣୁ ଏକାକ୍ଷର ମନ୍ତ୍ର ଓଁକାର ସବୁଠାରୁ ଶକ୍ତିଶାଳୀ ବୋଲି ଯୋଗୀମାନେ ମତ ଦିଅନ୍ତି। ନିଜର ଇଷ୍ଟଦେବତାଙ୍କ ଅନୁସାରେ ମନ୍ତ୍ର ଚୟନ କରାଯିବା ଉଚିତ। ଶିବଭକ୍ତ ଶିବଙ୍କର ମନ୍ତ୍ର ଓ ଦେବୀଙ୍କର ଭକ୍ତ ଦେବୀଙ୍କର ମନ୍ତ୍ର ଜପ କରିବା ବିଧେୟ। ମନ୍ତ୍ର ବାରମ୍ବାର ପରିବର୍ତ୍ତନ କରାଯିବା ଉଚିତ ନୁହେଁ। ଜପ ସାଧନା ପାଇଁ କେବଳ ଗୋଟିଏ ମାତ୍ର ମନ୍ତ୍ର ଜପ କରିବା ଉଚିତ। ଏଥିପାଇଁ ଜଣେ ଗୁରୁଙ୍କର ପ୍ରତ୍ୟକ୍ଷ ମାର୍ଗଦର୍ଶନ ଆବଶ୍ୟକ। ଶିଷ୍ୟର ଆଧ୍ୟାତ୍ମିକ ଆବଶ୍ୟକତାକୁ ଆଖିରେ ରଖି ଗୁରୁ ଶିଷ୍ୟ ପାଇଁ ମନ୍ତ୍ରର ଚୟନ କରନ୍ତି । କେବଳ ସେତିକି ନୁହେଁ, ପଦେ ପଦେ ସେ ଶିଷ୍ୟକୁ ସବୁ ପ୍ରକାର ସାହାଯ୍ୟ ଓ ସହଯୋଗ କରିଥାଆନ୍ତି।

ମନ୍ତ୍ରଯୋଗର ଅତି ଶୀଘ୍ର ସିଦ୍ଧ ହୋଇଥାଏ ଯଦି ଏହା ଧ୍ୟାନ ବା ଭାବ ସହ କରାଯାଏ। ଆରମ୍ଭରେ ହୁଏତ ଜପ ସହ ଧ୍ୟାନର ସମ୍ମିଶ୍ରଣ କରିବା ସହଜ ହୋଇ ନ ପାରେ । ତଥାପି ସାଧକ କେବଳ ଯାନ୍ତ୍ରିକ ରୂପେ ମନ୍ତ୍ର ଜପ କରିବା ଉଚିତ। ଧୀରେ ଧୀରେ ତାହାର ମନ ଏକାଗ୍ର ହୋଇ ପୁଣି ତାହା ସହ ଭାବର ସଂଯୋଗ ହୋଇଯିବ। ଧ୍ୟାନ ବିହୀନ ଜପ କିଛି ଅଧିକ ସମୟ ସାପେକ୍ଷ। ଜପ ପାଇଁ ଯୋଗାସନ ଯଥେଷ୍ଟ ସହାୟକ ହୋଇଥାଏ । ପଦ୍ମାସନ ବା ସିଦ୍ଧାସନ ପରି କୌଣସି ଆସନରେ ବସି ମନ୍ତ୍ର ଜପ କଲେ ତାହା ଶୀଘ୍ର ଫଳପ୍ରଦ ହୋଇଥାଏ। ଆସନ ସହ ମୂଳବନ୍ଧର ସଂଯୋଗ ଏହାକୁ ଅଧିକ ଫଳପ୍ରଦ କରିଥାଏ। ଜପମାଳାର ବ୍ୟବହାର ମନ୍ତ୍ରଜପକୁ ସହଜ ଓ ବ୍ୟବସ୍ଥିତ କରିଥାଏ। ଏହା ରୁଦ୍ରାକ୍ଷ, ତୁଳସୀ ବା ସ୍ଫଟିକର ହେବା ଉଚିତ। ମାତୃକା ଯୁକ୍ତ ହେଲେ ମନ୍ତ୍ର ପ୍ରଭାବଶାଳୀ ହୋଇଥାଏ ଓ ଅଳ୍ପ ସମୟରେ ସାଧକ ସିଦ୍ଧି ଲାଭ କରିଥାଏ। 'ଅ' ରୁ ଆରମ୍ଭ କରି 'କ୍ଷ' ପର୍ଯ୍ୟନ୍ତ ଅକ୍ଷରଗୁଡ଼ିକ ବିଭିନ୍ନ ଦେବତାଙ୍କର ବାଚକ । ଗୁରୁ ସଦାବେଳେ ମାତୃକାଯୁକ୍ତ ମନ୍ତ୍ର ଶିଷ୍ୟକୁ ଦେବା ଉଚିତ ବୋଲି ଯୋଗୀମାନେ ମତ ଦେଇଥାଆନ୍ତି (ମାତୃକାରହିତଂ ମନ୍ତ୍ରମାଦିଶ୍ୟନ୍ତେ ନ କୁତ୍ରଚିତ୍- ବ୍ରହ୍ମବିଦ୍ୟା ଉପନିଷଦ୍)।

ନିଜର ଅଜ୍ଞାତରେ ଜୀବ ନିଜର ଶ୍ୱାସ-ପ୍ରଶ୍ୱାସ ସହିତ ସୋଽହଂ ଜପ କରିଥାଏ ବୋଲି ଯୋଗୀମାନେ ମତ ଦିଅନ୍ତି। ତାହାକୁ ଅଜପା ଜପ ବୋଲି କୁହାଯାଏ। ଏହାକୁ ଲକ୍ଷ୍ୟ ରଖି ଏହା ସହିତ ଜପ କଲେ ମଧ୍ୟ ତାହା ସିଦ୍ଧିପ୍ରଦ ହୋଇଥାଏ।

ଠିକ୍ ଭାବେ ଦୀର୍ଘ ସମୟ ପର୍ଯ୍ୟନ୍ତ ମନ୍ତ୍ର ଜପ କଲେ ତାହାର କମ୍ପନ ଅଭୂତପୂର୍ବ ପ୍ରଭାବ ସୃଷ୍ଟି କରିଥାଏ। ତାହା ଯେଉଁ ଦେବତାଙ୍କର ମନ୍ତ୍ର ହୋଇଥାଏ ସାଧକ ସମ୍ମୁଖରେ ତାଙ୍କର ରୂପର ଆବିର୍ଭାବ ହୋଇଥାଏ। ତେଣୁ ମହର୍ଷି ପତଞ୍ଜଳି ସ୍ପଷ୍ଟ ଶବ୍ଦରେ ଲେଖିଛନ୍ତି – ସ୍ୱାଧ୍ୟାୟାଦିଷ୍ଟଦେବତାସଂପ୍ରୟୋଗଃ (ଯୋ. ସୂ. ) ପ୍ରକୃତରେ ବେଦରେ ଦେବତାମାନଙ୍କର ଯେଉଁ ସ୍ୱରୂପର ବର୍ଣ୍ଣନା ହୋଇଛି ତାହା କାଳ୍ପନିକ ନୁହେଁ। ଦ୍ରଷ୍ଟା ଋଷି ତାଙ୍କୁ ସେହି ରୂପରେ ଦର୍ଶନ କରିଛନ୍ତି। ଏହି ଯୁଗରେ ମଧ୍ୟ ମନ୍ତ୍ରଜପ ଦ୍ୱାରା ଦେବତାମାନଙ୍କର ଦର୍ଶନ ସମ୍ଭବ ହୋଇପାରିବାର ଦୃଷ୍ଟାନ୍ତ ରହିଛି। ସ୍ୱାମୀ ଶିବାନନ୍ଦ ସରସ୍ୱତୀ ନିଜର 'ଜପଯୋଗ' ପୁସ୍ତକରେ ଲେଖିଛନ୍ତି ଫ୍ରାନ୍ସରେ ପାଠ ପଢୁଥିବା ବାରାଣସୀର ଜଣେ ବଙ୍ଗାଳୀ ଛାତ୍ର ଭୈରବଙ୍କ ନାମ ଜପ କରି ତାଙ୍କର ଦର୍ଶନ ଲାଭ କରିଥିଲେ।

ସବୁ ଆଧ୍ୟାତ୍ମିକ ସାଧନା ମଧ୍ୟରେ 'ମନ୍ତ୍ରଯୋଗ' ଆପେକ୍ଷିକ ଭାବେ ସରଳ ବୋଲି କୁହାଯାଇଛି (ଅଳ୍ପବୁଦ୍ଧିରିମଂ ଯୋଗଂ ସେବତେ ସାଧକାଧମଃ – ଯୋଗତତ୍ତ୍ୱ ଉପନିଷଦ୍)। ତେଣୁ ମନ୍ତ୍ରଜପ କଳିଯୁଗ ପାଇଁ ବିଶେଷ ଉପଯୋଗୀ। ଏହି ଯୁଗରେ ମନୁଷ୍ୟର ମାନସିକ ଏକାଗ୍ରତା, ଆଧ୍ୟାତ୍ମିକତା ଓ ଧୈର୍ଯ୍ୟ ଇତ୍ୟାଦିର ପରିମାଣ ଏତେ କମିଯାଇଛି ଯେ ତାହା ପାଇଁ ଅନ୍ୟାନ୍ୟ ଦୁଃସାଧ୍ୟ ସାଧନା କରିବା ଅତି କଷ୍ଟକର। ତେଣୁ ଏହି ସରଳସାଧ୍ୟ ଉପାୟଟି ତାହାର ଲକ୍ଷ୍ୟ ପ୍ରାପ୍ତି ପାଇଁ ବିଶେଷ ସାହାଯ୍ୟକାରୀ।

**ଭୁବନେଶ୍ୱର**

## ଏଇ ଭାରତରେ

ଅସହାୟ ଛାତ୍ରମାନଙ୍କ ସାହାରା ପାଲଟିଛନ୍ତି ମହାରାଷ୍ଟ୍ରର ରାଜୁ କେନ୍ଦ୍ରେ। କୃଷକ ପୁଅ ରାଜୁ ଏବେ ସୁଦ୍ଧା ୧୨୫ ଜଣ ଅସହାୟ ଛାତ୍ରଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିସାରିଛନ୍ତି। ରାଜୁ ଏକଲବ୍ୟ ଅଭିଯାନ ଚଳାଇ ଏହି ଲକ୍ଷ୍ୟ ହାସଲ କରିଛନ୍ତି। ନିକଟରେ ୨୮ ବର୍ଷୀୟ ରାଜୁ ଇଂଲଣ୍ଡର ଚେଭେନିଂ ସ୍କଲାରଶିପ୍ ପାଇବା ପରେ ତାଙ୍କ ନିଷ୍ଠାପର ଉଦ୍ୟମ ଲୋକଙ୍କ ସାମ୍ନାକୁ ଆସିଛି। ଏ ବାବଦରେ ପାଇଥିବା ୪୫ ଲକ୍ଷ ଛାତ୍ରମାନଙ୍କ ସେବାରେ ଲାଗିବାର ନିଷ୍ପତ୍ତି ନେଇଛନ୍ତି। ସେ ମୁଖ୍ୟତଃ ମରାଠୀ ମାଧ୍ୟମ ବିଦ୍ୟାଳୟରୁ ଆସୁଥିବା ଯାଯାବର ସମ୍ପ୍ରଦାୟର ପିଲାମାନଙ୍କୁ ପଢ଼ିବାରେ ସାହାଯ୍ୟ କରୁଛନ୍ତି। ବିଦର୍ଭର ବୁଲ୍‌ଧାନ ଜିଲାର ପିମ୍ପ୍ରି ଖନ୍ଦା ଗାଁରେ ରହୁଥିବା ୱାର୍କରୀ ସମ୍ପ୍ରଦାୟର ରାଜୁ ୪ର୍ଥ ଯାଏ ପଢ଼ିବା ପରେ ପାଠ ଛାଡ଼ି ଦେଇଥିଲେ। ପରେ ନିଜସ୍ୱ ଉଦ୍ୟମରେ ୱାର୍କ ଆଣ୍ଡ୍ ରୁରାଲ ଡେଭଲପ୍‌ମେଣ୍ଟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଅନ୍ୟମାନେ କିଭଳି ପଢ଼ିବେ ସେଥିପାଇଁ ଚିନ୍ତା କରିଥିଲେ ଓ ତାଙ୍କ ଅଭିଯାନରେ ଆଗେଇଥିଲେ। ଏବେ ଏହି ଅଭିଯାନରେ ତାଙ୍କ ସହ କିଛି ଯୁବକ ଯୋଡ଼ି ହୋଇଛନ୍ତି। ସେ ଗୋଟିଏ ଛୋଟ କେନ୍ଦ୍ର କରି ସେଠାରେ ଏତେ ଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରକୁ ଆଣି ପାରିଥିବାରୁ ଏହି ଅଭିଯାନକୁ ମହାରାଷ୍ଟ୍ର ତଥା ଅନ୍ୟ ରାଜ୍ୟକୁ ସମ୍ପ୍ରସାରିତ କରିବାର ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜୁଲାଇ ୧୯୯୬

- ଦୁଇ ମାଇଲ ଦୌଡ଼ରେ କେନିୟାର ଡାନିଏଲ୍ କୋମେନଙ୍କ ୮ ମିନିଟ ୦୩.୫୪ ସେକେଣ୍ଡର ନୂତନ ବିଶ୍ୱରେକର୍ଡ ପ୍ରତିଷ୍ଠା।
- ମଧ୍ୟପ୍ରଦେଶର ଉଜ୍ଜୟିନୀ ଓ ଉତ୍ତର ପ୍ରଦେଶର ହରିଦ୍ୱାରଠାରେ ଦୁଇଟି ପୃଥକ୍ ଦଳାଚକଟା ଘଟଣାରେ ୭୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।
- କଂଗ୍ରେସ ନେତୃବର୍ଗଙ୍କୁ ସମାଲୋଚନା କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଇନ୍ଦ୍ରଜିତ୍ ଗୁପ୍ତା ପାର୍ଲାମେଣ୍ଟର ଉଭୟ ଗୃହରେ ତାଙ୍କର ଅବାଞ୍ଛିତ ମନ୍ତବ୍ୟ ପାଇଁ କ୍ଷମା ମାଗିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 4 | | | | |
| 1 | | 9 | 2 | | | | | |
| | 5 | | | | 3 | | 1 | 8 |
| 9 | | 8 | | | 1 | | | 3 |
| | | | 4 | | | | | |
| 3 | | 2 | | | | 7 | | 6 |
| | 9 | 1 | | | 7 | | | |
| | 8 | | | 9 | | 6 | | |
| | | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 7 | 1 | 9 | 5 | 8 | 6 | 2 |
| 2 | 5 | 1 | 4 | 8 | 6 | 9 | 7 | 3 |
| 9 | 8 | 6 | 3 | 2 | 7 | 5 | 1 | 4 |
| 4 | 9 | 5 | 7 | 3 | 8 | 6 | 2 | 1 |
| 1 | 2 | 8 | 9 | 6 | 4 | 3 | 5 | 7 |
| 7 | 6 | 3 | 2 | 5 | 1 | 4 | 9 | 8 |
| 8 | 7 | 2 | 5 | 4 | 9 | 1 | 3 | 6 |
| 6 | 1 | 9 | 8 | 7 | 3 | 2 | 4 | 5 |
| 5 | 3 | 4 | 6 | 1 | 2 | 7 | 8 | 9 |

ଗତକାଲିର ଉତ୍ତର

# ସମ୍ପ୍ରସାରଣ



ଡ. ସୁବାସ ଚନ୍ଦ୍ର ପାତ୍ର

ମଣିଷ ଏକ ବିକାଶୋନ୍ମୁଖୀ, ସଂପ୍ରସାରଣୋନ୍ମେଷୀ ସତ୍ତା। ଏହା ହିଁ ତାହାର ସ୍ୱଧର୍ମ। ପରିବର୍ତ୍ତିତ ପରିସ୍ଥିତି ଅବା ପରିବର୍ତ୍ତିତ ପାରିପାର୍ଶ୍ୱିକ ଅବସ୍ଥାରେ ମଣିଷ ଏହି ସ୍ୱଧର୍ମଠୁ ଦୂରେଇ ଯାଏ। ଏହା ଏକ ଚିରନ୍ତନ ମାନବିକ ପ୍ରକ୍ରିୟା ହେଲେ ହେଁ, ଏବେ ଏହା ଉତ୍କଟ ରୂପ ଧାରଣ କଲାଣି। ଆମେ ସଂପ୍ରସାରଣ ଅପେକ୍ଷା ଅଧିକ ସଂକୋଚନ ଲକ୍ଷ୍ୟ କରୁଛୁ ବ୍ୟକ୍ତିର ସାମାଜିକ ବ୍ୟବହାରରେ।

କଥାଟିକୁ ବୁଝିବା ପାଇଁ ଆମକୁ ଏକ ମାନବିକ ଉଦାହରଣ ପାଖରେ ପହଞ୍ଚିବାକୁ ପଡ଼ିବ। କିମ୍ବଦନ୍ତୀ ଇଂଲିଶ ପ୍ରଫେସର ସର୍ବେଶ୍ୱର ଦାସ। ୧୯୭୫-୭୬ ମସିହାର ରେଭେନ୍‌ସା କଲେଜ କଥା। ସର୍ବେଶ୍ୱରବାବୁ ସେତେବେଳେ ରେଭେନ୍‌ସାରୁ ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର ବଦଳି ହୋଇଯାଇଥିଲେ ହେଁ ରେଭେନ୍‌ସା ପରିସରରେ ରହୁଥିଲେ। ସଞ୍ଜବେଳେ ମୁଁ ଓ ମୋର ବନ୍ଧୁ ଜିତୁ ପତି କଲେଜଛକକୁ ଯିବାବେଳେ କମର୍ସ ବ୍ଲକ ପାଖାପାଖି ରାସ୍ତାରେ ସାର୍‌ଙ୍କ ସହ ଦେଖାହେଲା। ଜିତୁ ତାଙ୍କର ପୁରାତନ ଛାତ୍ର। ମୁଁ ବାଲେଶ୍ୱରରୁ ଯାଇଥାଏ। ଆମେ ଦୁହେଁ ନମସ୍କାର କଲୁ। ସଙ୍ଗେ ସଙ୍ଗେ ସେ ତାଙ୍କ ପଞ୍ଜାବି ପକେଟରୁ କିଛି ଚିନାବାଦାମ ଭଜା ଆମକୁ ଦେଲେ। ମୁଁ ନୂଆ ହୋଇଥିବାରୁ ଶଙ୍କି ଯାଉଥିଲି। ସେ କହିଲେ, 'ବାଦାମ ଖାଅ। ଏହା ଶକ୍ତି ଦିଏ।' ତା'ପରେ କିଛି ସମୟ ପଢ଼ାପଢ଼ି କଥା କହି ସେ ତାଙ୍କ ବାସଘର ଆଡ଼େ ଗଲେ। ଆମେ କଲେଜଛକ ଚାଲିଲୁ । ବାଟରେ ଆମେ କଥାହେଲୁ। କେତେ ନିଜକୁ ନିଜଠୁ ଅନ୍ତର୍ହିତ କରିପାରିଲେ ଏପ୍ରକାର ସାମାଜିକ ଉଷ୍ମତା ସମ୍ଭବ ? ମୁଁ ସମ୍ପୂର୍ଣ୍ଣ ନବାଗତ ହୋଇଥିଲେ ହେଁ ସେ ତାଙ୍କ ପରିଚୟକୁ ସଂପ୍ରସାରିତ କରି ଏମିତି ଜାଗାରେ ପହଞ୍ଚିଲେ, ଏମିତି ବ୍ୟବହାର କଲେ ଯେ ମୁଁ ଅନୁଭବ କଲି ସେ ମୋର ଅତି ନିଜର। ମୋ ବାପାଙ୍କଠୁ ବି ବଳି। ଦ୍ୱିତୀୟ ଘଟଣାଟି ଖଲ୍ଲିକୋଟ କଲେଜ ବ୍ରହ୍ମପୁରରେ। ୧୯୮୦-୮୧ ମସିହା। ସେତେବେଳେ ସେ କଲେଜର ଅଧ୍ୟକ୍ଷ ଏବଂ ମୁଁ ଇଂଲିଶ ବିଭାଗର ଜଣେ ଅଧ୍ୟାପକ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଖଲ୍ଲିକୋଟ କଲେଜର ମିଳିତ ଆନୁକୂଲ୍ୟରେ ଇଂଲିଶ ବିଭାଗରେ ସେକ୍ସପିୟରଙ୍କ ଟ୍ରାଜେଡି ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହେଉଥିଲା। ସର୍ବେଶ୍ୱରବାବୁ ସଭାରେ ସଭାପତିତ୍ୱ କରୁଥିଲେ। ଅନ୍ୟ ବକ୍ତା ମଧ୍ୟରେ ଥିଲେ ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଡ. ଦେବେନ୍ଦ୍ର କୁମାର ରାୟ ପ୍ରମୁଖ। ଆଲୋଚନା ଚକ୍ର ବେଶ୍ ଗମ୍ଭୀରତାର ସହ ଚାଲୁଥିଲାବେଳେ ମୁଁ ଲକ୍ଷ୍ୟ କରୁଥିଲି ସର୍ବେଶ୍ୱରବାବୁ ଗୋଟିଏ ଧଳା କାଗଜରେ କ'ଣ ଗାରଉଛନ୍ତି। ଭାବିଲି ଅନ୍ୟମାନଙ୍କ କଥାକୁ ସେ ନୋଟ୍ କରୁଛନ୍ତି, ପରେ ସେ ସବୁ ତାଙ୍କ ବକ୍ତବ୍ୟରେ ରଖିବେ। ସଭାପତି ହିସାବରେ ସେ ଶେଷରେ କହିଲେ। ଅନ୍ୟମାନେ ବିଭିନ୍ନ ସମାଲୋଚକଙ୍କ ମନ୍ତବ୍ୟକୁ ଉଦ୍ଧାର କରି ନିଜ ବକ୍ତବ୍ୟକୁ ଜାହିର କରୁଥିଲାବେଳେ ସର୍ବେଶ୍ୱରବାବୁ ଥିଲେ ନିଜେ ବକ୍ତା, ନିଜେ ସମାଲୋଚକ। କେବଳ ସେକ୍ସପିୟରଙ୍କୁ ଉଦ୍ଧାର କରି ସେ ସେକ୍ସପିୟରଙ୍କ ବିଷୟରେ କହିଲେ। ସଭା ଶେଷ ହେଲାପରେ ଆଲୋଚନା ଚକ୍ରରେ ଉପସ୍ଥିତ ମୋର କନିଷ୍ଠ ବନ୍ଧୁ ଶୈଳେନ୍ଦ୍ର ତ୍ରିପାଠୀଙ୍କୁ ଏକ କାଗଜ ବଢ଼େଇ ଦେଇ କହିଲେ, "ଦେଖିଲ, ଏ ଚିତ୍ର ତୁମ ଭଳି ଦେଖାଯାଉଛି କି?" ସମସ୍ତେ ଆଶ୍ଚର୍ଯ୍ୟ ହେଲେ, ଚିତ୍ରଟି ଅବିକଳ ଶୈଳେନ୍ଦ୍ରର ! କହିଲେ, "ତୁମର ଦାଢ଼ିଯୁକ୍ତ ମୁଖମଣ୍ଡଳ ମୋ ପୁଅର ମୁହଁ ମନେ ପକେଇଦିଏ।" ଭାବୁଥିଲି କେଡ଼େ ସମ୍ପ୍ରସାରିତ ଆତ୍ମା ସେ ! ଆଲୋଚନା ଚକ୍ରରେ ରହି ମଧ୍ୟ ଏକ ଭିନ୍ନ ଭାବଜଗତକୁ ଯାଇ ପରକୁ ସେ ନିଜର କରି ବସିଥିଲେ। କିନ୍ତୁ ନିଜର ବକ୍ତବ୍ୟର ଗୁଣାତ୍ମକତାକୁ ସେ ପ୍ରଭାବିତ ହେବାକୁ ଦେଇ ନ ଥିଲେ।

ଅନୁରୂପ ଭାବରେ ମନେପଡ଼େ ବିଶିଷ୍ଟ ସଂସ୍କୃତ ପ୍ରାଧ୍ୟାପକ ରାମଚନ୍ଦ୍ର ତ୍ରିପାଠୀଙ୍କ କଥା। ୧୯୮୮-୮୯ର କଥା। କଲେଜ ଗଲାବେଳେ ଗୋଟିଏ ହରିଜନ କୁଡ଼ିଆ ଆଗରେ ରାସ୍ତାରେ ବୁଲୁଥିବା ଛୋଟଝିଅଟିକୁ ଦେଖିଲେ ତା' ମୁଣ୍ଡ ଆଉଁସି ଦିଅନ୍ତି । କହନ୍ତି, "ଏ ଚକୋଲେଟ ନେ, ଖାଇବୁ। ତୁ ସ୍କୁଲ ଯାଉନୁ କାହିଁକି? କିଛି ଘୋଡ଼ିନୁ ଯେ! ମା'କୁ କହିବୁ ତୋତେ ଏବେ ନିୟମିତ ସ୍କୁଲ ପଠାଇବେ।" ଆଖି ତାଙ୍କର ଛଳଛଳ ହୋଇଯାଇଥାଏ। ପ୍ରତିଦିନ ଏ ପ୍ରକାର ଘଟଣା ଘଟିଲାରୁ ନିଜର ଅସହାୟତା କାରଣରୁ ଝିଅର ମା' ଆମେ ଗଲାବେଳେ ଝିଅଟିକୁ ଲୁଚେଇ ଦେଉଥିଲେ। ସାର୍ ବୁଝିପାରିଲେ, କାନ୍ଦି ପକାଇଲେ। ଏମିତି ରାସ୍ତାରେ କିଏ କେତେ ଅସହାୟ, ଗରିବ କୁନିଝିଅମାନଙ୍କୁ ଦେଖୁଥିବେ, କିନ୍ତୁ ପ୍ରାଧ୍ୟାପକ ତ୍ରିପାଠୀଙ୍କ ଦରଦ କେତେଜଣଙ୍କ ପାଖରେ? ନିଜ ପଦବୀର ଖୋଳପାରୁ ନିଜକୁ ସଂପ୍ରସାରିତ କରି ବଞ୍ଚିତଗୋଷ୍ଠୀର ସେ ଝିଅର ହୃଦୟରେ ସେ ପଶି ପାରିଥିଲେ।

ଏ ଦୁଇଟି ଉଦାହରଣ କିଛି ଅଲୌକିକ କଥା କହେ ନାହିଁ। ଅତି ସାଧାରଣ କଥା, ଘଟଣା ଭଳି ଶୁଭୁ ଥିଲେ ହେଁ ଏହା ସଚରାଚର ଦେଖାଯାଏ ନାହିଁ। କାରଣ ମଣିଷର ସ୍ୱଧର୍ମ ତାକୁ ସଂପ୍ରସାରଣର ରାସ୍ତାରେ ଯିବାକୁ ପ୍ରଣୋଦିତ କରୁଥିଲାବେଳେ ସ୍ୱାର୍ଥପରତା, ସ୍ୱାର୍ଥକେନ୍ଦ୍ରିକତା ତାକୁ ସଂକୁଚିତ କରି ଜାବୁଡ଼ି ଧରେ ନିଜ ପାଦ ଚାରିପାଖର ମାଟିଛାଡ଼ି ସେ ଅନ୍ୟତ୍ର କୁଆଡ଼େ ନ ଯାଉ ବୋଲି। ନିଜର ପରିଚୟ ଓ ସାମାଜିକ ସ୍ଥିତିର ବଳୟ ବାହାରକୁ ସେ ଯଦି ନିଜକୁ ଟିକେ ସଂପ୍ରସାରିତ କରି ଦିଅନ୍ତା, ଏ ପୃଥିବୀ, ଏ ସମାଜ କେଡ଼େ ମଧୁମୟ ନ ହୁଅନ୍ତା ! ଖାଲି ସାମାଜିକ ଜୀବନ ନୁହେଁ, ବୃତ୍ତିଗତ, ଚାକିରିଗତ ଜୀବନରେ, ତାହା ସରକାରୀ ହେଉ ଅବା ବେସରକାରୀ, ଥରେ ଯଦି ମଣିଷ ନିଜ ଅବତଳରୁ ପୀଡ଼ିତର ଅବତଳକୁ ନିଜକୁ ସଂପ୍ରସାରିତ କରି ତା' ସ୍ଥାନରେ ନିଜକୁ ଥୋଇ ପରିସ୍ଥିତିକୁ ପରଖୁଥାନ୍ତା, ଜନଜୀବନରେ ଦେଖାଯାଉଥିବା ଅବ୍ୟବସ୍ଥା, ଅନ୍ୟାୟ, ପୀଡ଼ା ଅନେକ ମାତ୍ରାରେ ଉଭେଇଯାନ୍ତା।

ଖାଲି ସାମାଜିକ ଜୀବନ ନୁହେଁ, ଉତ୍ତମ ସାହିତ୍ୟ ସୃଷ୍ଟି ଓ ପରିବେଶ ସଂରକ୍ଷଣ କ୍ଷେତ୍ରରେ ସଂପ୍ରସାରଣର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରସଙ୍ଗତଃ ମନେପଡ଼େ ପ୍ରଖ୍ୟାତ ଇଂଲିଶ ଔପନ୍ୟାସିକ, ଇ.ଏମ୍. ଫଷ୍ଟରଙ୍କ କଥା। ତାଙ୍କ ବହୁ ଚର୍ଚ୍ଚିତ ଉପନ୍ୟାସ 'ପ୍ୟାସେଜ୍ ଟୁ ଇଣ୍ଡିଆ'ରେ ସେ ଠାଏ ଲେଖିଛନ୍ତି- "ଭାରତର ଜଙ୍ଗଲଗୁଡ଼ିକ ଭାରତୀୟମାନଙ୍କ ଘରର ସଂପ୍ରସାରଣ, ଆଉ ଭାରତୀୟମାନଙ୍କ ଘର ଜଙ୍ଗଲର ସଂପ୍ରସାରଣ ମାତ୍ର।" ମଣିଷର ଘର ଓ ଗଛଲତା ଭିତରେ ଏକଦା ଥିବା ଆତ୍ମୀୟତାକୁ ସେ କେଡ଼େ ସୁନ୍ଦର ଭାବରେ ଲକ୍ଷ୍ୟ କରିଛନ୍ତି। ଆଜି ପରିବେଶ ଉଜାଡ଼ି ଯିବାର ମୁଖ୍ୟ କାରଣ ଫଷ୍ଟର ବର୍ଣ୍ଣିତ ସେହି ପାରସ୍ପରିକ ସଂପ୍ରସାରଣର ଅଭାବ ଓ ଅନୁପସ୍ଥିତି। ଉତ୍ତମ ସାହିତ୍ୟ ସୃଷ୍ଟି ପାଇଁ ମଧ୍ୟ ଲୋଡ଼ା ସଂପ୍ରସାରଣ ଅନୁକୂଳ ମନଟିଏ, ଚେତନାଟିଏ। ଲେଖକଟିଏ କେତେ ନିଜେ ନିଜଠୁ ଦୂରେଇ ରଖି ସମୟ, ଲିଙ୍ଗଭେଦ, ସାମାଜିକ ସ୍ଥିତି ନିର୍ବିଶେଷରେ ନିଜକୁ ସାର୍ବଜନୀନ କରିପାରୁଛି ; ଯାହାଫଳରେ ତା' ଲେଖାରେ ଆମେ ସମଗ୍ର ମାନବଜାତିର ସର୍ବକାଳୀନ ଚିତ୍ର ଦେଖିବାକୁ ସମର୍ଥ ହେବା।

ପାରିବାରିକ, ସାମାଜିକ, ଜନଜୀବନର ଗୁଣବତ୍ତା ମଣିଷର ସଂପ୍ରସାରଣ ପ୍ରବଣତା ଉପରେ ଅନେକମାତ୍ରାରେ ନିର୍ଭରଶୀଳ। ଜନଜୀବନରେ ବହୁତ ସୁନ୍ଦର କଥାମାନ ଘଟିପାରିବ, ଯଦି ମଣିଷ ତା'ର ସୀମିତ ଉଚ୍ଚତାକୁ ପ୍ରତ୍ୟାଖ୍ୟାନ କରି ଡେଙ୍ଗା ହେବାକୁ ଚେଷ୍ଟା କରେ ଖାଲି ଆକାଶକୁ ନିଜର ସୀମା ଭାବି।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର**
**ମୋ:୯୪୩୭୩୭୬୨୧୯**
e-mail:subashbls56@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ତରବରିଆ ନିଷ୍ପତ୍ତି

ମହାଶୟ,

ଟିକା ଅଭାବକୁ ନେଇ ଦେଶସାରା ଅସନ୍ତୋଷ ଲାଗି ରହିଛି। ଟିକାକରଣ ଯେଭଳି ହେବା କଥା ତାହା ହୋଇ ପାରୁନାହିଁ। ଟିକାର ଉପଲବ୍ଧତାକୁ ଆକଳନ ନ କରି ମେ ପହିଲାରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବପିଢ଼ିଙ୍କୁ ଟିକା ଦିଆଯିବ ବୋଲି ନିଷ୍ପତ୍ତି ନିଆଗଲା। ମାତ୍ର ମେ ପ୍ରଥମ ସପ୍ତାହ ସୁଦ୍ଧା ବହୁ ରାଜ୍ୟରେ ଏହାର ଆରମ୍ଭ ହୋଇପାରିଲା ନାହିଁ। ଏବେ ତାହା ମନ୍ଥର ଗତିରେ ଚାଲିଛି। ସମସ୍ତେ ଟିକା ନେବା ନିହାତି ଦରକାର। ମାତ୍ର ଟିକା ଉପଲବ୍ଧ ନ ଥାଇ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନେବା ଆଦୌ ଠିକ୍ ନ ଥିଲା। ଏଣୁ ଟିକାର ଅଭାବକୁ ନେଇ ଦେଶସାରା ଯେଉଁ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି ତାହାକୁ ସରକାର ତୁରନ୍ତ ଦୂର କରିବା ଉଚିତ।

—ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିଙ୍ଗିଡ଼ି, ଜଗତ୍‌ସିଂହପୁର

## ଚିରନ୍ତନୀ

ଅନନ୍ତ ଜୀବନ ସ୍ରୋତେ ବହିଯାଏ ସୀମାହୀନ ଦେଶେ,
ଅସୀମ ଜୀବନ ଉତ୍ସେ ଛନ୍ଦି ତା'ର ମିଶେ ଅବଶେଷେ।
ବିରାଟ ସେ ଚେତନାର ଉଦ୍ଦାମ ପ୍ଲାବନ
ବହି ଆଣେ ଅନନ୍ତ ଜୀବନ। —(ସୃଜନ ବ୍ୟଥା)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଡାକ୍ତର, ନର୍ସଙ୍କୁ ଦୁର୍ବ୍ୟବହାର: ମହିଳା ଗିରଫ

ଭୁବନେଶ୍ୱର,(ବ୍ୟୁରୋ): କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ଓ ନର୍ସଙ୍କୁ ଦୁର୍ବ୍ୟବହାର କରିବା ସହ ରୋଗୀଙ୍କ ଚିକିତ୍ସାରେ ବ୍ୟାଘାତ ସୃଷ୍ଟି କରୁଥିବା ଜଣେ ମହିଳାଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଖାରସୁଗୁଡା ସଦର ଥାନା ଅଞ୍ଚଳର ଦୀପା ମହାପାତ୍ର(୩୯)। ଦୀପା କ୍ୟାପିଟାଲ ହସ୍ପିଟାଲରେ ରହିବା ସହ ବିଭିନ୍ନ ସମୟରେ ଡାକ୍ତର ଓ ନର୍ସଙ୍କ ଚାମ୍ବରଙ୍କୁ ଜବରଦସ୍ତି ପଶି ଦୁର୍ବ୍ୟବହାର ଦେଖାନ୍ତି। ଏଥିସହ ସେଠାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ନିକଟକୁ ଯାଇ ହଇରାଣ କରନ୍ତି। ଏନେଇ ଥାନାରେ ଏକାଧିକଥର ଡାକ୍ତର ଓ ନର୍ସମାନେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ-୪୦୮/୨୧) ରୁଜୁ କରି ମହିଳାଙ୍କୁ ହସ୍ପିଟାଲରୁ ଗିରଫ କରିଛି।



**ସଂକ୍ଷେପରେ**

## ରଥଯାତ୍ରା ଓ ସାମାଜିକ ଜୀବନ

**ଭୁବନେଶ୍ୱର, ୧୫।୭ (ବ୍ୟୁରୋ):** ସାମାଜିକ ଅନୁଷ୍ଠାନ ହେଲ୍ମେଟ ତରଫରୁ 'ରଥଯାତ୍ରା ଓ ସାମାଜିକ ଜୀବନ' ଉପରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଲୋକସମ୍ପର୍କ ବିଭାଗର ପୂର୍ବତନ ଅଧକ୍ଷ କୃପାସିନ୍ଧୁ ମିଶ୍ର ଯୋଗଦେଇ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ମଣିଷ କିପରି ପ୍ରତି କାର୍ଯ୍ୟରେ ବାନ୍ଧିହୋଇ ରହିଛି ତା'ର ଉଦାହରଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟା ଚମକ୍ ଚାନ୍ଦିନୀ ଦାଶ ପରିଚାଳନା କରିଥିଲେ। ପ୍ରତିମା ମିଶ୍ର ଭଜନ ପରିବେଷଣ କରିଥିବାବେଳେ ଶକ୍ତି ପ୍ରଜ୍ଞା ଆଚାର୍ଯ୍ୟ ବେଦପାଠ କରିଥିଲେ। ଜଗନ୍ନାଥଧର୍ମ ମହତ୍ତ୍ୱର ପ୍ରଚାର ପ୍ରସାର ପାଇଁ ଏଭଳି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି ସମ୍ପାଦିକା ନିବେଦିତା ଭଞ୍ଜ କହିଥିଲେ। ସହ ସମ୍ପାଦିକା ଲିନା ମିଶ୍ର ବୈଷୟିକ ସହାୟତା ଓ ସଭାପତି ଡ଼. ଅଞ୍ଜଳି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ସ୍ତ୍ରୀ ସହ ୩ଜଣଙ୍କୁ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

**ଭୁବନେଶ୍ୱର,୧୫।୭(ବ୍ୟୁରୋ):** ପାରିବାରିକ କଳହରୁ ସ୍ତ୍ରୀ, ସଢ଼ୁ ଓ ଶାଳକଙ୍କୁ ଛୁରି ଭୁସି ହତ୍ୟା ଉଦ୍ୟମ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଗାଡ଼କଣ ଅରବିନ୍ଦ ନଗର ବସ୍ତିର ସଞ୍ଜୟ ବାରିକ(୩୫)। ଏଥିସହ ଆକ୍ରମଣରେ ବ୍ୟବହୃତ ଛୁରିକୁ ପୋଲିସ ଜବତ କରିଛି। ବୁଧବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୦୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ତଦନ୍ତ ରିପୋର୍ଟ ଦାଖଲ ପାଇଁ ସମୟ ନେଲେ ସରକାର

**ପୁରୀ ହାଜତ ମୃତ୍ୟୁ ମାମଲା**

**କଟକ ଅଫିସ,୧୫।୭:** ପୁରୀ ହାଜତ ମୃତ୍ୟୁକୁ ନେଇ ହାଇକୋର୍ଟରେ ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାର ତଦନ୍ତ ରିପୋର୍ଟ ଦାଖଲ ପାଇଁ ଅଧିକ ସମୟ ନେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀଙ୍କ ମିଳିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆସନ୍ତା ଅଗଷ୍ଟ ୧୮ ତାରିଖ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପୁରୀର ଶରତ କୁମାର ରାୟଗୁରୁଙ୍କ ପକ୍ଷରୁ ଆଇନଜୀବୀ ଦୀପକ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ଗତବର୍ଷ ନଭେମ୍ବରରେ ପୁରୀ ବାସେଲିସାହି ଥାନାରେ ଲୋକନାଥ ରୋଡ ଅଞ୍ଚଳର କେ. ରମେଶ(୩୩)ଙ୍କୁ ମାଡ ମରାଯାଇଥିଲା। ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ହାଜତରେ ରମେଶଙ୍କୁ ପୋଲିସ ପିଟି ପିଟି ମାରିଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏନେଇ ହାଇକୋର୍ଟରେ ରାୟଗୁରୁ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ହାଇକୋର୍ଟ ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। ବୁଧବାର ରାଜ୍ୟ ସରକାର ତଦନ୍ତ ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ କରିବାର ଥିଲେ ମଧ ତାହା କରିପାରିନାହାନ୍ତି। ରଥଯାତ୍ରା ଯୋଗୁ ତଦନ୍ତ ରିପୋର୍ଟ ପ୍ରସ୍ତୁତିରେ ବିଳମ୍ବ ହେବାରୁ ସରକାର ଏଥିପାଇଁ ଅଧିକ ସମୟ ମାଗିଛନ୍ତି।

## ବିଡିଓଙ୍କୁ ଦାବିପତ୍ର ଦେଲେ କଂଗ୍ରେସ କର୍ମୀ

**ବାରଙ୍ଗ,୧୫।୭(ଡି.ଏନ୍.ଏ.):** ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ, ସିପିଆଇ, ସିପିଏମ୍ ଆଦି ଦଳଗୁଡ଼ିକ ତରଫରୁ ଗୁରୁବାର ୬ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ସମର୍ଥନ କରି ବାରଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ କର୍ମୀମାନେ ଶୋଭାଯାତ୍ରାରେ ଆସି ବିଡିଓ ପ୍ରଭାକର ପଣ୍ଡାଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବାଙ୍କୀ ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମୀମାନେ ବାରଙ୍ଗ ବ୍ଲକ ଗଡାରୁ ଶୋଭାଯାତ୍ରାରେ ଯାଇ ବ୍ଲକ ପ୍ରବେଶପଥ ଗେଟ୍ ସାମ୍ନାରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବଢ଼ିଚାଲିଥିବା ଜରୁରୀ ସାମଗ୍ରୀର ମୂଲ୍ୟ ପ୍ରତ୍ୟାହାର ପାଇଁ ପଟ୍ଟନାୟକ ଦାବି କରିଥିଲେ। ଶେଷରେ ବିଡିଓ ପଣ୍ଡା ବିକ୍ଷୋଭସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ।

# ଶତକ ଡେଇଁଲା ଡେଙ୍ଗୁ

**ଭୁବନେଶ୍ୱର, ୧୫।୭ (ବ୍ୟୁରୋ)**



**୧୧୩ ଡେଙ୍ଗୁ ରୋଗୀ ଚିହ୍ନଟ**

- 'ଡ୍ରାଏ ଡେ' ପାଳିବାକୁ ନିର୍ଦ୍ଦେଶ ଦେଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ
- ନାଳ ନର୍ଦ୍ଦମା ନୁହେଁ, ନିର୍ମଳ ପାଣିରେ ଜନ୍ମନ୍ତି ଏଡିସ୍ ମଶା

ମହାମାରୀ କରୋନା ସମୟରେ ରାଜଧାନୀରେ କାୟା ମେଲାଉଛି ଡେଙ୍ଗୁ। ଏହା ମଧ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଶତକ ପାର୍ କରି ୧୧୩ରେ ପହଞ୍ଚିଛି। ଗତ ଜାନୁୟାରୀରୁ ଜୁନ୍ ୨୯ ପର୍ଯ୍ୟନ୍ତ ସହରରୁ ମାତ୍ର ୧୦ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଜୁନ୍ ୩୦ରୁ ଜୁଲାଇ ୧୫ ଭିତରେ ମାତ୍ର ୧୬ ଦିନରେ ୧୦୩ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ଡେଙ୍ଗୁ ବଢ଼ିଥିଲେ ବି ସ୍ଥିତି ନିୟନ୍ତ୍ରଣାଧୀନ ଥିବା କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର। ସମସ୍ତ ଚିହ୍ନଟ ରୋଗୀ ଏବେ ଘରେ ରହି ଚିକିତ୍ସିତ ହେଉଛନ୍ତି। ନାଳ ନର୍ଦ୍ଦମାରେ ଜମି ରହିଥିବା ପାଣିରେ ଡେଙ୍ଗୁ ହେଉଛି ଭାବି ଲୋକେ ଏହାକୁ ସଫା କରିବା ସହ ସେଠାରେ ମଶା ତେଲ ପକାଇବାକୁ ଦାବି କରୁଛନ୍ତି। ମାତ୍ର ଡେଙ୍ଗୁ ମଶା ନାଳ, ନର୍ଦ୍ଦମାରେ ହୁଅନ୍ତି ନାହିଁ। ୧ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ଜମି ରହୁଥିବା ନିର୍ମଳ ପାଣିରେ ଡେଙ୍ଗୁ ରୋଗ ବାହକ ଏଡିସ୍ ମଶା ଜନ୍ମ ହୋଇଥାନ୍ତି। ତେଣୁ ସପ୍ତାହକୁ ଥରେ ପାଣି ଜମୁଥିବା ସ୍ଥାନ ଯଥା କୁଲର, ଫୁଲକୁଣ୍ଡ, ଅଦରକାରୀ ସାମଗ୍ରୀରେ ଜମି ରହିଥିବା ପାଣିକୁ ସଫା କରି 'ଡ୍ରାଏ ଡେ' ପାଳନ କରିବା ଦରକାର। ଘର ଓ ନିଜ ଆଖ ପାଖ ଅଞ୍ଚଳ ସପ୍ତାହକୁ ଥରେ ପରିଷ୍କାର କଲେ ଏଡିସ୍ ମଶା ଜନ୍ମ ନେଇ ପାରିବେ ନାହିଁ ବୋଲି ଡା. ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ଲକ୍‌ଡାଉନ୍ ପାଇଁ ସହରର ବିଭିନ୍ନ ପାର୍କ ବନ୍ଦ ରହିଛି। ପାର୍କଗୁଡ଼ିକରେ ଥିବା ଡଷ୍ଟବିନ୍‌ଗୁଡ଼ିକ ଖୋଲା ରହିଥିବାରୁ ସେଠାରେ ବର୍ଷା ପାଣି ଜମି ମଶା ଜନ୍ମୁଛନ୍ତି। ସେହିପରି ଘରର ଛାତ ଉପରେ କିଚେନ୍ ଗାର୍ଡେନ କରୁଥିବାରୁ ସେଠାରେ ବିଭିନ୍ନ ଜିନିଷରେ ପାଣି ଜମି ରହୁଛି। ସେହିଭଳି ଅଧା କନ୍‌ଷ୍ଟ୍ରକ୍ସନ୍ ଘରେ ବି ପାଣି ଜମୁଛି। ବିଭିନ୍ନ ସ୍ଥାନରେ ବସ୍, ଟ୍ରକ୍‌ଗୁଡ଼ିକୁ ପାଲ ଘୋଡାଇ ଦୀର୍ଘ ଦିନ ଧରି ପାର୍କିଂରେ ରଖାଯାଇଛି। ଏବେ ବର୍ଷାଦିନ ହୋଇଥିବାରୁ ଏଗୁଡ଼ିକ ଉପରେ ପାଣି ଜମି ରହି ମଶା ବଂଶବୃଦ୍ଧି ହେଉଛି। ତେଣୁ ଏସବୁକୁ ସଫା ରଖିବା ନିହାତି ଆବଶ୍ୟକ ବୋଲି ଡା. ମତ ଦେଇଛନ୍ତି।

ରାଜଧାନୀରେ ଡେଙ୍ଗୁ ରୋଗ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍ପିଟାଲ, ଆଇସିଏମ୍ଆର୍ ଓ ଆର୍ଏମ୍ଆର୍‌ସିରେ ବ୍ୟବସ୍ଥା ରହିଛି। ତେବେ ଅଧିକାଂଶ ଲୋକ ଘରୋଇ ହସ୍ପିଟାଲରେ ଟେଷ୍ଟ କରିବା ସହ ଏନେଇ କହିବାକୁ କୁଣ୍ଠାବୋଧ କରୁଛନ୍ତି। ଫଳରେ ସରକାରୀ ସ୍ତରରେ ଠିକ୍ ତଥ୍ୟ ରହୁନି। ଚନ୍ଦ୍ରଶେଖରପୁର, ଶୈଳଶ୍ରୀ ବିହାର, ନୀଳାଦ୍ରୀ ବିହାର ଆଦି ଅଞ୍ଚଳରୁ ଏକାଧିକ ରୋଗୀ ଚିହ୍ନଟ ହେବାପରେ ଏହାକୁ ଫୋକସ୍‌ରେ ରଖିଛି ବିଏମ୍‌ସି ଏବଂ ସ୍ୱାସ୍ଥ୍ୟ ବିଭାଗ। ସମ୍ପୃକ୍ତ ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ଡେଙ୍ଗୁରୋଗ ନେଇ ସଚେତନତା ସୃଷ୍ଟି କରିବା ସହ ଗଛ କଟା, ନାଳ ନର୍ଦ୍ଦମା ସଫା ଓ ମଶା ତେଲ ପକାଯାଉଥିବା ସୂଚନା ଦିଆଯାଇଛି।

## ବିଲ୍ଡର ନିରଞ୍ଜନ ରାଣା ପୁଣି ଗିରଫ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

**୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ମାମଲା**



ଗିରଫ ନିରଞ୍ଜନ ରାଣା

ରାଜଧାନୀରେ ଜମିଦେବାକୁ କହି ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ବିଲ୍ଡର ତଥା ଚଳଚ୍ଚିତ୍ର ପ୍ରଯୋଜକ ବାଲିଅନ୍ତାର ନିରଞ୍ଜନ ରାଣା ପୁଣି ଗିରଫ ହୋଇଛନ୍ତି। ପୂର୍ବରୁ ଇଓଡବ୍ଲ୍ୟୁ ତାଙ୍କୁ ଗିରଫ କରିଥିଲା। ଗତମାସ ୧୬ ତାରିଖରେ ଜାମିନରେ ଆସିଥିବାବେଳେ ବୁଧବାର ଶହୀଦନଗର ଥାନା ପୋଲିସ ପୁଣି ତାଙ୍କୁ ଗିରଫ କରିଛି।

ମା' ତାରିଣୀ ଇଷ୍ଟକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ଥିବା ନିରଞ୍ଜନଙ୍କର ପାହାଳ, ବାଲିଅନ୍ତା, ବାଲିପାଟଣା ସମେତ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପ୍ରୋଜେକ୍ଟ ରହିଛି। ସେ ସେଠାରେ ଜମି ଦେବାକୁ କହି ଅନେକ ଲୋକଙ୍କଠାରୁ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ଲୋକଙ୍କୁ ଜମି ହସ୍ତାନ୍ତର କରି ନ ଥିଲେ କି ଟଙ୍କା ଫେରସ୍ତ କରି ନ ଥିଲେ। ଏନେଇ ଠକେଇରେ ଶିକାର ହୋଇଥିବା ଲୋକେ ଶହୀଦନଗର ଥାନା ଓ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଠକେଇ ପ୍ରମାଣ ପାଇବା ପରେ ପୋଲିସ ନିରଞ୍ଜନଙ୍କୁ ଗିରଫ କରିଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ନିରଞ୍ଜନ ଗିରଫ ହେବା ପରେ ତାଙ୍କ ବିରୋଧରେ ଠକେଇ ମାମଲା ବଢ଼ିପାରେ ବୋଲି ଶହୀଦନଗର ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି। ସୂଚନାଯୋଗ୍ୟ, ରାଣା ଏକାଧିକ ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି। ଓଲିଉଡ୍‌ରେ ଏହି ଠକେଇ ଟଙ୍କା ଲାଗିଥିବା ନେଇ ସୂଚନା ମିଳିଛି।

## ମହଙ୍ଗା ଭତ୍ତା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ଜାତୀୟ ପ୍ରତିରୋଧ ଦିବସ ପାଳିଲେ ସରକାରୀ କର୍ମଚାରୀ**

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**



ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ଆହ୍ୱାନରେ ଜୁଲାଇ ୧୫କୁ ଦେଶବ୍ୟାପୀ 'ଜାତୀୟ ପ୍ରତିରୋଧ ଦିବସ' ଭାବେ ପାଳନ କରାଯାଇଛି। ଏହି ଅବସରରେ ଗୁରୁବାର ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିଭିନ୍ନ ସ୍ଥାନରେ ପ୍ରତିରୋଧ ଦିବସ ପାଳନ କରାଯିବା ସହ ତିନି କିସ୍ତି ମହଙ୍ଗା ଭତ୍ତା ଦାବି କରି ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କୋଭିଡ୍ ମହାମାରୀ ଆଳରେ କେନ୍ଦ୍ର ଓ ରାଜ୍ୟ ସରକାର କର୍ମଚାରୀଙ୍କୁ ୨୦୨୦ ଜାନୁୟାରୀରୁ ଏପର୍ଯ୍ୟନ୍ତ ୧୮ ମାସର ୩ କିସ୍ତି ମହଙ୍ଗା ଭତ୍ତା ମିଳିନାହିଁ। ଫଳରେ କର୍ମଚାରୀମାନେ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ଏହି ସମୟରେ ପ୍ରତିଟି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ପ୍ରକୃତ ଦରମାର ମୂଲ୍ୟ ହ୍ରାସ ହୋଇଚାଲିଛି। କରୋନା ଲଢ଼େଇରେ ସରକାରୀ କର୍ମଚାରୀଙ୍କ କାର୍ଯ୍ୟର ଗୁରୁତ୍ୱକୁ ବିଚାର କରି ଅବିଳମ୍ବେ ୩ କିସ୍ତି ମହଙ୍ଗା ଭତ୍ତା ଘୋଷଣା କରିବାକୁ ସମିତି ପକ୍ଷରୁ ଦାବି କରାଯାଇଛି। ସମିତି ପକ୍ଷରୁ ବ୍ରହ୍ମପୁର, କୋରାପୁଟ, ଭୁବନେଶ୍ୱର, ସମ୍ବଲପୁର, ଢେଙ୍କାନାଳ, କେନ୍ଦୁଝର ଓ କଟକ ସମେତ ବିଭିନ୍ନ ସ୍ଥାନରେ ଜାତୀୟ ପ୍ରତିରୋଧ ଦିବସ ପାଳନ ପୂର୍ବକ ସ୍ଥାନୀୟ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରେ ସମନ୍ୱୟ ସମିତି ସଭାପତି ଲିଙ୍ଗରାଜ ମହାନ୍ତି, ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ, କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସାହୁ, ସୁଦର୍ଶନ ପ୍ରଧାନ, କାର୍ଯ୍ୟାଳୟ ସମ୍ପାଦକ କାହ୍ନୁଚରଣ ମଲ୍ଲିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସୋମବାରଠାରୁ ଚାଲିବ 'ମୋ ବସ୍'

**ଭୁବନେଶ୍ୱର, ୧୫।୭ (ବ୍ୟୁରୋ)**

ରାଜ୍ୟ ସରକାରଙ୍କ ନୂଆ ଗାଇଡ୍‌ଲାଇନ୍‌ରେ କରୋନା କଟକଣାକୁ ଆହୁରି କୋହଳ କରାଯିବା ସହ ରାଜ୍ୟରେ ବସ୍ ଚଳାଚଳକୁ ଅନୁମତି ମିଳିଛି। କ୍ୟାପିଟାଲ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ବସ୍‌ସେବା ପୁଣି ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଆସନ୍ତା ୧୯ ତାରିଖ ସୋମବାରଠାରୁ ରାଜଧାନୀ ଭୁବନେଶ୍ୱରରେ ସମ୍ପୂର୍ଣ୍ଣ ରୂପେ 'ମୋ ବସ୍' ଚଳାଚଳ କରିବ। ଏହାସହ ବାହାରୁ ଆସୁଥିବା ଯାତ୍ରୀଙ୍କୁ ପୂର୍ବପରି ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ରେଳଷ୍ଟେଶନରୁ କଟକ ଓ ଖୋର୍ଦ୍ଧା ରେଳ ଷ୍ଟେଶନକୁ ସେବା ଯୋଗାଇ ଦିଆଯିବ। ସେହିପରି ବିମାନବନ୍ଦରରୁ ରେଳଷ୍ଟେଶନ ପର୍ଯ୍ୟନ୍ତ ଶଟଲ୍ ସେବା ଯୋଗାଇ ଦିଆଯିବ ବୋଲି କ୍ରୁଟ୍ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଗତ ମେ ୫ରୁ ସମଗ୍ର ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା ପରଠୁ କ୍ରୁଟ୍ ପକ୍ଷରୁ ସାଧାରଣ 'ମୋ ବସ୍' ସେବାକୁ ବନ୍ଦ ରଖାଯାଇଥିଲା।

## ମହିଳା ଟ୍ରାଫିକ୍ ପୋଲିସଙ୍କ ମହାନତା

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**



ମହିଳା ଟ୍ରାଫିକ୍ ପୋଲିସ ଆହତଙ୍କ ଗୋଡ଼ରେ ବ୍ୟାଣ୍ଡେଜ୍ କରୁଛନ୍ତି।

ରାଜଧାନୀରେ ଜଣେ ଦୁର୍ଘଟଣାଗ୍ରସ୍ତ ମହିଳାଙ୍କୁ ପ୍ରାଥମିକ ଚିକିତ୍ସା ଓ ସହାୟତା କରି ମହାନତା ଦେଖାଇଛନ୍ତି ଜଣେ ମହିଳା ଟ୍ରାଫିକ ପୋଲିସ। ସେ ହେଲେ ବିନ୍ଦୁ ବାରିକ। ରବୀନ୍ଦ୍ର ମଣ୍ଡପ ସମ୍ମୁଖରେ ବୁଧବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବସିଥିବା ସବିମା ବିବି ଗାଡ଼ିରୁ ଖସିପଡ଼ି ଆହତ ହୋଇଥିଲେ। ଏହି ସମୟରେ ସେଠାରେ କାର୍ଯ୍ୟରତ ମହିଳା ଟ୍ରାଫିକ କର୍ମଚାରୀ ବିନ୍ଦୁ ତୁରନ୍ତ ମହିଳାଙ୍କ ପାଖକୁ ଆସି ତାଙ୍କ ଗୋଡ଼ରେ ବ୍ୟାଣ୍ଡେଜ କରିବା ସହ ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ତାଙ୍କୁ ଟେକି ନେଇ ପିସିଆର ଭ୍ୟାନ୍‌ରେ ବସାଇଥିଲେ। ପରେ ତାଙ୍କୁ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ଦେଖୁଥିବା ଲୋକେ ବିନ୍ଦୁଙ୍କୁ ପ୍ରଶଂସା କରିଥିଲେ।

## ନଭେମ୍ବର ୧୫ ସୁଦ୍ଧା ନିଷ୍ପତ୍ତି ଜଣାଇବେ ରାଜ୍ୟପାଳ

**କଟକ ଅଫିସ,୧୫।୭**

**ବିଧାୟକଙ୍କ ଲାଭଜନକ ପଦବୀକୁ ଚ୍ୟାଲେଞ୍ଜ ମାମଲା**

ବିଧାୟକମାନେ ଲାଭଜନକ ପଦବୀ (ଅଫିସ ଅଫ ପ୍ରଫିଟ)ରେ ରହିବା ଘଟଣାକୁ ଚ୍ୟାଲେଞ୍ଜ କରି ଆଗତ ମାମଲାରେ ହାଇକୋର୍ଟ ବୁଧବାର ଶୁଣାଣି କରିଛନ୍ତି। ଆସନ୍ତା ନଭେମ୍ବର ୮ ସୁଦ୍ଧା ଭାରତୀୟ ନିର୍ବାଚନ କମିଶନଙ୍କ ମତାମତ ନେଇ ରାଜ୍ୟପାଳ ନିଷ୍ପତ୍ତି ନେବେ। ନଭେମ୍ବର ୧୫ ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବାକୁ ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀ ଏନେଇ ଶୁଣାଣି କରିଛନ୍ତି।

ଓଡ଼ିଶାର ନିର୍ବାଚିତ ବିଧାୟକମାନେ ସେମାନଙ୍କ ସଦସ୍ୟ ପଦ ନ ହରାଇ ବିଭିନ୍ନ ଲାଭଜନକ ପଦବୀରେ ରହିପାରିବେ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ପ୍ରସ୍ତାବ ରାଜ୍ୟ କ୍ୟାବିନେଟରେ ପାରିତ ହୋଇଥିଲା। ଓଡ଼ିଶା ଅଫିସ ଅଫ ପ୍ରଫିଟ ଆକ୍ଟ-୧୯୬୧କୁ ରଦ୍ଦ କରିବା ପାଇଁ ଅମରେନ୍ଦ୍ର ବେଉରା ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ସେହିପରି ସେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ମଧ ପ୍ରଦାନ କରିଥିଲେ ମଧ କିଛି ପଦକ୍ଷେପ ନିଆଯାଇନାହିଁ।

## ସତ୍ୟସାଇ ଏନ୍‌କ୍ଲେଭ୍, ଲର୍ଡ ଗୁଞ୍ଜନ ପ୍ୟାଲେସ୍ କଣ୍ଟେନ୍‌ମେଣ୍ଟ ଜୋନ୍

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ଭୁବନେଶ୍ୱରର ଦୁଇଟି ସ୍ଥାନକୁ ବିଏମ୍‌ସି କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛି। ଏକାଧିକ ସଂକ୍ରମିତ ଚିହ୍ନଟ ହେବା ପରେ ୱାର୍ଡ ନଂ.୪୯ ଅନ୍ତର୍ଗତ ଖଣ୍ଡଗିରିସ୍ଥିତ ସତ୍ୟସାଇ ଏନ୍‌କ୍ଲେଭ୍ ଲେନ୍-୩ର ପ୍ଲଟ୍ ନଂ.ଏଚ୍ଆଇଜି-୧୧ରୁ ୬୧ ପର୍ଯ୍ୟନ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ କରାଯାଇଛି। ସେହିପରି ୱାର୍ଡ ନଂ. ୩୧ର ରସୁଲଗଡ ଛକସ୍ଥିତ ଲର୍ଡ ଗୁଞ୍ଜନ ପ୍ୟାଲେସ୍ ଆପାର୍ଟମେଣ୍ଟର ବି-ବ୍ଲକ୍‌କୁ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଛି। ଏହି ବ୍ଲକ୍‌ରେ ୧୦ରୁ ଅଧିକ ପଜିଟିଭ୍ ବାହାରିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଲୋକଙ୍କ ପ୍ରବେଶ ଓ ପ୍ରସ୍ଥାନ ଉପରେ ପ୍ରତିବନ୍ଧକ ଲଗାଯାଇଛି। ସ୍ଥାନୀୟ ଲୋକଙ୍କୁ ଆବଶ୍ୟକ ସାମଗ୍ରୀ ବିଏମ୍‌ସି ଦ୍ୱାରା ଯୋଗାଇ ଦିଆଯିବ। ଏଥିପାଇଁ ଗୁଞ୍ଜନ ପ୍ୟାଲେସ୍ ଆପାର୍ଟମେଣ୍ଟ ପାଇଁ ୩୧ ନଂ. ୱାର୍ଡ ଅଫିସର ପ୍ରଫୁଲ୍ଲ ସ୍ୱାଇଁ (୯୪୩୭୭୭୮୨୦୦) ଏବଂ ୱାର୍ଡ ନଂ. ୩୩ର ୱାର୍ଡ ଅଫିସର ଅମୀୟ ସ୍ୱାଇଁ (୯୯୩୭୪୮୧୧୬୪)ଦାୟିତ୍ୱରେ ରହିବେ। ଡାକ୍ତରୀ ସହାୟତା ପାଇଁ ଡା. ଜ୍ୟୋତିର୍ମୟୀ ଜେନା (୯୭୭୬୯୨୩୧୭୮) ନିଯୁକ୍ତ ରହିବେ ବୋଲି ସୂଚନା ଦିଆଯାଇଛି।

## ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ

**ପୁରୁଣା ଭୁବନେଶ୍ୱର, ୧୫।୭(ଡି.ଏନ୍.ଏ.):** ଧଉଳି ଥାନା ଅଧୀନ ପୁରୁଣା ସରଦେଇପୁର ରାସ୍ତାରେ ଭଡ଼ାରେ ରହୁଥିବା ଘରୁ ଜଣେ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଗୁରୁବାର ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଗଉଡ଼ହାଟ ଗ୍ରାମର ଅଜୟ ଭୋଇ(୨୫)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୧୪/୨୧)ରୁଜୁକରି ତଦନ୍ତ ଚଳାଇଛି।

## ଦରବୃଦ୍ଧି ପ୍ରତିବାଦ




ଭୁବନେଶ୍ୱର ରେଳ ଷ୍ଟେଶନରେ ଟ୍ରେନ୍ ଅଟକାଇ ଦରବୃଦ୍ଧିର ପ୍ରତିବାଦ କରାଯାଉଛି।



ଓଡ଼ିଶା ବନ୍ଦକୁ ସମର୍ଥନ ଜଣାଇ ମାଷ୍ଟରକ୍ୟାଣ୍ଟିନ୍ ଛକରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦଙ୍କ ବିକ୍ଷୋଭ।




ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ପେଟ୍ରୋଲ ପମ୍ପ ସମ୍ମୁଖରେ ପିକେଟିଂ।




ଆଲୋକଭାରତୀ ଟାୱାର ସମ୍ମୁଖରେ ବିକ୍ଷୋଭ।

# ରାଜଧାନୀରେ ବନ୍ଦକୁ ସମର୍ଥନ

**ଭୁବନେଶ୍ୱର, ୧୫।୭ (ବ୍ୟୁରୋ)**

ପେଟ୍ରୋଲ୍, ଡିଜେଲ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ଗୁରୁବାର ବାମପନ୍ଥୀ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। କଂଗ୍ରେସ ଓ ଶ୍ରମିକ ସଙ୍ଗଠନଗୁଡ଼ିକ ସମର୍ଥନ ଦେଇ ରାସ୍ତାକୁ ଓହ୍ଲାଇଥିଲା। ସହରର ବିଭିନ୍ନ ମୁଖ୍ୟ ଛକ ସହିତ ଜାତୀୟ ରାଜପଥ, ଅଫିସ, ପେଟ୍ରୋଲ୍ ପମ୍ପ ସମ୍ମୁଖ ଓ ରେଳ ଷ୍ଟେସନରେ ପିକେଟିଂ କରାଯାଇ ଦରବୃଦ୍ଧିର ପ୍ରତିବାଦ କରାଯାଇଥିଲା। ବିଭିନ୍ନ ସ୍ଥାନରେ ବହୁ ବିକ୍ଷୋଭକାରୀଙ୍କୁ ପୋଲିସ ଗିରଫ କରିବା ସହ ସ୍ଥିତି ସ୍ୱାଭାବିକ କରିଥିଲେ ମଧ୍ୟ ବନ୍ଦ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଥିଲା। ୧୬ ନଂ. ଜାତୀୟ ରାଜପଥର ଜୟଦେବ ବିହାର ଓଭରବ୍ରିଜ୍‌ରେ ସିପିଆଇଏମ୍ ଓ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ଶତାଧିକ ଗାଡ଼ି ଧାଡ଼ି ହୋଇ ଦୀର୍ଘ ସମୟ ଧରି ଅଟକି ରହିଥିଲା। ହଠାତ୍ ପ୍ରବଳ ବର୍ଷା ହେବାରୁ ଆନ୍ଦୋଳନକାରୀମାନେ ରାସ୍ତା କଡକୁ ଚାଲିଯିବାରୁ ଗାଡିମୋଟର ଚଳାଚଳ କରିଥିଲା। ଶହୀଦନଗରସ୍ଥିତ ଆଲୋକ ଭାରତୀ ଟାୱାର ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଫଳରେ ସେଠାରେ ଥିବା ଏକାଧିକ ପେଟ୍ରୋଲିୟମ କମ୍ପାନୀ ସମେତ ବିଭିନ୍ନ କାର୍ଯ୍ୟାଳୟକୁ କର୍ମଚାରୀମାନେ ପଛ ଗେଟ୍ ଦେଇ ଅଫିସ୍‌କୁ ଯାଇଥିଲେ। ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଥିଲେ ବି ଅଧିକାଂଶ ମାର୍କେଟ ଖୋଲା ରହିଥିଲା। ସମସ୍ତ ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। କେତେକ ଦୋକାନରେ ଲିଟର ପିଛା ୧୩୦ରୁ ଅଧିକ ଟଙ୍କାରେ ତେଲ ବିକ୍ରି ହୋଇଥିଲା। ଟ୍ରେନ୍ ବାତିଲ ହୋଇଥିବାରୁ ରେଳ ଷ୍ଟେଶନରେ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିଲେ। ସେହିପରି ଟ୍ରେନ୍‌ରେ ଆସିଥିବା ଯାତ୍ରୀମାନେ ଗାଡ଼ି ନ ପାଇ ହଇରାଣ ହୋଇଥିଲେ।



ଲୋୟର ପିଏମ୍‌ଜିରେ ଦୁଇ ବିକ୍ଷୋଭକାରୀଙ୍କୁ ପୋଲିସ ଉଠାଇନେଉଛି।




କ୍ରାଉନ୍ ହୋଟେଲ୍ ଛକରେ ପୋଲିସ ଓ ବିକ୍ଷୋଭକାରୀ ମୁହାଁମୁହିଁ।

## ଅଦା ବୋଝେଇ ଟ୍ରକରୁ ଗଞ୍ଜେଇ ଜବତ

ଜୟପୁର, (ନି.ପ୍ର.)-ଏକ ଅଦା ବୋଝେଇ ଟ୍ରକରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଗୁରୁବାର ସଦରଥାନା ପୋଲିସ ହାତରେ ଧରାପଡିଛି। ଗଞ୍ଜେଇ ଚାଲାଣ ଖବର ପାଇ ପୋଲିସ ଜୟପୁର ଘାଟିରେ ଟ୍ରକକୁ ଅଟକାଇ ଥାନାକୁ ଆଣି ଯାଞ୍ଚ କରିଥିଲା। ଗଞ୍ଜେଇ ପଞ୍ଜାବ ଚାଲାଣ ହେଉଥିବା ପୋଲିସ ପ୍ରାଥମିକ ତଦନ୍ତରେ ଜାଣିବାକୁ ପାଇଛି। ତେବେ କେତେ ପରିମାଣର ଗଞ୍ଜେଇ ରହିଛି ସେ ସମ୍ପର୍କରେ ସ୍ପଷ୍ଟ ହୋଇ ନ ଥିବା ଥାନା ଅଧିକାରୀ ଆଦିତ୍ୟ ମହାକୁଡ କହିଛନ୍ତି।

## ସଂକ୍ଷେପରେ

### କୃଷି ଓ ସମବାୟ ବିଭାଗର ନିଷ୍ପତ୍ତି

### ପ୍ରତି ମାସରେ ବସିବ ବୈଠକ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ):** କୃଷକଙ୍କ ଉନ୍ନତି ଲାଗି ଉଭୟ କୃଷି ଓ ଏବଂ ସମବାୟ ବିଭାଗ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ଏହି ୨ ବିଭାଗ ମଧ୍ୟରେ ଏକାଭିମୁଖିତା ଉପରେ ସରକାର ବର୍ତ୍ତମାନ ଗୁରୁତ୍ୱ ଦେଇଛନ୍ତି। ପ୍ରତିମାସରେ ରାଜ୍ୟରେ ଉଭୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ବୈଠକ ସହ ଜିଲା ଓ ବ୍ଲକ୍ ସ୍ତରରେ ସମାନ ଫର୍ମୁଲା ଅନୁପାଳନ କରି ଚାଷୀଙ୍କ ସମସ୍ୟା ତୁରନ୍ତ ସମାଧାନ ଲାଗି ପଦକ୍ଷେପ ନେବାକୁ କୁହାଯାଇଛି। ଗୁରୁବାର କୃଷି ଭବନଠାରେ ଆୟୋଜିତ ଏକ ବୈଠକରେ କୃଷିମନ୍ତ୍ରୀ ଅରୁଣ ସାହୁ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଚଳିତ ଖରିଫରେ ୨ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ।

### ଚାଷୀଙ୍କୁ ପ୍ରତାରଣା କରିଛନ୍ତି ସରକାର: କଂଗ୍ରେସ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ):** ଚଳିତ ବର୍ଷର ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣରେ ସରକାର ଆଉ ଏକ ନୂଆ ରାସ୍ତା ଆପଣାଇଛନ୍ତି। ଧାନ କିଣାରେ ପୂର୍ବ ନିଷ୍ପତ୍ତି ଓ ଘୋଷଣା ଅନୁଯାୟୀ ସରକାର ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି। ଗତ ଖରିଫ୍ ଓ ରବିରେ ମୋଟ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ଠାରୁ ଆଦୌ ଧାନ କ୍ରୟ କରାଯାଇ ନାହିଁ। ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ବହୁ ଟୋକନ ଲାପ୍ସ କରିଥିବା ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଠିକଣା ସମୟରେ ଆକଳନ ଅନୁଯାୟୀ ମଣ୍ଡିକୁ ଟାର୍ଗେଟ ଦିଆ ଗଲା ନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଲେ।

### ମାସ୍କ ନ ପିନ୍ଧିବାରୁ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଉଠବସ

**ଗଞ୍ଜାମ,୧୫।୭(ଡି.ଏନ.ଏ.):** ଗଞ୍ଜାମ ଜିଲାରେ ମାସ୍କ ପିନ୍ଧି ନ ଥିବାରୁ ଜଣେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଉଠବସ ହେବାକୁ ପଡ଼ିଛି। ବୁଧବାର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗଞ୍ଜାମ ତହସିଲଦାର ବିବାଦ ଘେରକୁ ଆସିଛନ୍ତି। ଗଞ୍ଜାମ-ହୁମ୍ମା-ପୁରୁଷୋତ୍ତମପୁର ରାସ୍ତାରେ ଥିବା ଏକ ପେଟ୍ରୋଲ ପମ୍ପରେ ବାଇକ୍ ଆରୋହୀ କି ପେଟ୍ରୋଲ ପମ୍ପ କର୍ମଚାରୀ କେହି ବି ମାସ୍କ ପିନ୍ଧି ନ ଥିଲେ। ଏହି ସମୟରେ ତହସିଲଦାର ଅରୁଣ ନାୟକ ସେଠାକୁ ଯାଇ ମାସ୍କ ପିନ୍ଧି ନ ଥିବା ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଉଠବସ ହେବାକୁ କହିଥିଲେ। ଏହାର ଭିଡିଓ କରି କେହି ଜଣେ ଭାଇରାଲ କରିଥିଲେ। ତହସିଲଦାରଙ୍କ ଏଭଳି କାର୍ଯ୍ୟଶୈଳୀକୁ ସ୍ଥାନୀୟ ଅଞ୍ଚଳବାସୀ, ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ନାୟକଙ୍କ ସହ ଯୋଗାଯୋଗ କରିବାରେ ସେ ଏହାକୁ ଖଣ୍ଡନ କରିଛନ୍ତି।

# ହାଇକୋର୍ଟଙ୍କ ରିପୋର୍ଟ ଦାଖଲ ନିର୍ଦ୍ଦେଶ

### ପରୀ ହତ୍ୟା ଘଟଣାର ସିବିଆଇ ତଦନ୍ତ ଆବେଦନ: ଶୁଣାଣି ଆଜି

**ନୂଆଦିଲ୍ଲୀ,୧୫।୭**

ନୟାଗଡ଼ ଯଦୁପୁର ଗ୍ରାମର ୫ବର୍ଷୀୟା ଶିଶୁ କନ୍ୟା ପରୀ ଅପହରଣ ଓ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ସୁପ୍ରିମକୋର୍ଟରେ ହୋଇଥିବା ଆବେଦନର ଶୁଣାଣି ଗୁରୁବାର ହୋଇଛି। ବିଚାରପତି ଏ.ଏମ୍. ଖାନ୍ୱିଲକର ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ଉକ୍ତ ମାମଲାରେ ପୂର୍ବରୁ ଓଡ଼ିଶା ହାଇକୋର୍ଟ ଦେଇଥିବା ୨ଟି ରାୟର ରେକର୍ଡ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଏହାର ଶୁଣାଣି ହେବ।

ପରୀଙ୍କ ମା' ସୌଦାମିନୀ ସାହୁଙ୍କ ପାଇଁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମହେଶ ଜେଠମାଲାନୀ ଶୁଣାଣି ସମୟରେ ଏହା ଏକ ଅଙ୍ଗ ଚାଲାଣ ଅଥବା ବଳାତ୍କାର ଓ ହତ୍ୟା ସମ୍ବନ୍ଧିତ ମାମଲା ବୋଲି ପ୍ରଶ୍ନ କରିଥିଲେ। ଏପରି କି ଏହା ବଳାତ୍କାର ଓ ହତ୍ୟା ମାମଲାର ତଥ୍ୟ ସହ ମେଳ ଖାଉ ନ ଥିବା କହିଥିଲେ। ଆବେଦନକାରିଣୀ ସାହୁ ଉକ୍ତ ମାମଲାର ସିବିଆଇ ତଦନ୍ତ କରିବାକୁ ସର୍ବୋଚ୍ଚ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଏହାସହ ରାଜ୍ୟରେ ନିଖୋଜ ଥିବା ସମସ୍ତ ଶିଶୁଙ୍କ ମାମଲାର ସିବିଆଇ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ଆବେଦନ କରିଛନ୍ତି। ରାଜ୍ୟରେ ଅଙ୍ଗ ଚୋରାଚାଲାଣ ବ୍ୟାପକ ହେଉଥିବାରୁ ତାଙ୍କ ଝିଅକୁ ହତ୍ୟା କରାଯାଇଛି। ପରୀକୁ ଅପହରଣ ଓ ହତ୍ୟା କରାଯାଇଥିବା ଅଭିଯୋଗ ସତ୍ତ୍ୱେ ପରିବାର ଲୋକଙ୍କୁ ସ୍ଥାନୀୟ ପୋଲିସ ଅପରାଧୀ ଭଳି ବ୍ୟବହାର କରୁଛି। ଘଟଣାର ପ୍ରାଥମିକ ତଦନ୍ତ ପୋଲିସ, କ୍ରାଇମବ୍ରାଞ୍ଚ ଓ ଏସ୍ଆଇଟି ଦ୍ୱାରା କରାଯାଇଛି। ସମସ୍ତେ



ତଦନ୍ତ ପ୍ରକ୍ରିୟାକୁ ବାଟବଣା କରିବାକୁ ଚେଷ୍ଟା କରିବା ସହ ଅଭିଯୋଗକାରୀ ଏବଂ ତାଙ୍କ ପରିବାର ଲୋକଙ୍କ ଉପରେ ଚାପ ପକାଇ ଏହାକୁ ମିଥ୍ୟା ଏବଂ କପୋଳକଳ୍ପିତ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଏସ୍ଆଇଟିଙ୍କ ତଦନ୍ତ ଉପରେ ଭରସା ନ କରି ଘଟଣାର ସିବିଆଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ସୁପ୍ରିମକୋର୍ଟରେ ସୌଦାମିନୀ ଆବେଦନ କରିଛନ୍ତି।

ପ୍ରକାଶ ଯେ, ଗତ ବର୍ଷ ଜୁଲାଇ ୧୪ରେ ପରୀଙ୍କୁ ଘର ନିକଟରେ ଖେଳୁଥିବା ଅପହରଣ କରାଯାଇଥିଲା। ଏହାର ୧୦ଦିନ ତାଙ୍କ ଘର ପଛପଟ ବାଡ଼ିରୁ ଏକ ଅଖା ବସ୍ତାରେ ଭର୍ତ୍ତି ପରୀଙ୍କ ମୃତଦେହ ଠାବ କରାଯାଇଥିଲା। ଏନେଇ ପରିବାର ବର୍ଗ ବାବୁଲି ନାୟକଙ୍କୁ ମୁଖ୍ୟ ଅଭିଯୁକ୍ତ ବୋଲି ଦର୍ଶାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଅଭିଯୋଗକାରୀଙ୍କୁ ହଇରାଣ କରିଥିଲା। ଏହାର ନିରପେକ୍ଷ ତଦନ୍ତ ପାଇଁ ଓଡ଼ିଶା ହାଇକୋର୍ଟରେ ୨ଟି ପିଟିଶନ ଦାୟର ହୋଇଥିଲା। ଗୋଟିଏ ଆବେଦନ ପରୀଙ୍କ ବାପା କରିଥିବାବେଳେ ଅନ୍ୟଟି ଏକ ସାମାଜିକ ସଂଗଠନ ପକ୍ଷରୁ କରାଯାଇଥିଲା। ହେଲେ ପରୀଙ୍କ ମା'ଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ବିଚାରାଧୀନ ଥିବା ଦର୍ଶାଇ ହାଇକୋର୍ଟ ଉକ୍ତ ଆବେଦନକୁ ଖାରଜ କରିଦେଇଥିଲେ।

# ଜେଇଇ ମେନ୍ ଚତୁର୍ଥ ପର୍ଯ୍ୟାୟ ଘୁଞ୍ଚିଲା

### ୨୦ ପର୍ଯ୍ୟନ୍ତ ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍ ୨୦୨୧ର ଚତୁର୍ଥ ପର୍ଯ୍ୟାୟ ପରୀକ୍ଷା ଘୁଞ୍ଚାଇ ଦିଆଯାଇଛି। ଜୁଲାଇ ୨୭ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପରୀକ୍ଷା ଏବେ ଅଗଷ୍ଟ ୨୬,୨୭, ୩୧ ଏବଂ ସେପ୍ଟେମ୍ବର ୧ ଓ ୨ରେ ଅନୁଷ୍ଠିତ ହେବ। ଏ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ସୂଚନା ଦେଇଛନ୍ତି। ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ପରୀକ୍ଷା ମଧ୍ୟରେ ଅବଧି ବୃଦ୍ଧି ପାଇଁ ବହୁ ଛାତ୍ରୀଛାତ୍ର ଅନୁରୋଧ କରିଥିଲେ। ଏହାପରେ ଦୁଇ ପର୍ଯ୍ୟାୟ ପରୀକ୍ଷା ମଧ୍ୟରେ ୪ ସପ୍ତାହ ଅବଧି ରଖିବା ପାଇଁ ଏନ୍‌ଟିଏକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏବେ ଏନ୍‌ଟିଏ ଚତୁର୍ଥ ପର୍ଯ୍ୟାୟ ପରୀକ୍ଷାକୁ ଘୁଞ୍ଚାଇବା ପାଇଁ ନିଷ୍ପତ୍ତି ନେଇଛି। ଏଥିସହ ଚତୁର୍ଥ ପର୍ଯ୍ୟାୟ ପରୀକ୍ଷା ପାଇଁ ଆବେଦନ ଅବଧିକୁ ମଧ୍ୟ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ପରୀକ୍ଷା ପାଇଁ ଗତ ୯ରୁ ୧୨ ତାରିଖ ମଧ୍ୟରେ ଆବେଦନ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ନୂଆ ଘୋଷଣା ଅନୁସାରେ, ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ। ତେବେ ଏ ପର୍ଯ୍ୟନ୍ତ ୭.୩୨ଲକ୍ଷ ଛାତ୍ରୀଛାତ୍ର ଆବେଦନ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଜେଇଇ ମେନ୍ ୨୦୨୧ର ୪ଟି ପର୍ଯ୍ୟାୟ ମଧ୍ୟରୁ ଦୁଇଟି ପର୍ଯ୍ୟାୟ ଫେବୃୟାରୀ ଓ ମାର୍ଚ୍ଚରେ ହୋଇସାରିଛି। ତୃତୀୟ ପର୍ଯ୍ୟାୟ ପରୀକ୍ଷା ଏପ୍ରିଲ ୨୭, ୨୮, ୩୦ ଏବଂ ଚତୁର୍ଥ ପର୍ଯ୍ୟାୟ ପରୀକ୍ଷା ମେ' ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାପାଇଁ ସ୍ଥିର ହୋଇଥିଲା। କିନ୍ତୁ କରୋନା ଯୋଗୁ ଏପ୍ରିଲ ଓ ମେ' ପର୍ଯ୍ୟାୟ ପରୀକ୍ଷାକୁ ଏନ୍‌ଟିଏ ସ୍ଥଗିତ କରିଥିଲା। ଏବେ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଆସନ୍ତା ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଏବଂ ଚତୁର୍ଥ ପର୍ଯ୍ୟାୟ ଅଗଷ୍ଟ ୨୬ରୁ ଆରମ୍ଭ ହେବ।

# ପରିବର୍ତ୍ତନ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଆବଶ୍ୟକ : ରୁଦ୍ର



ଛାତ୍ର କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ସଭାପତି ସୟଦ ୟାସିର ନୱାଜ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ, ଖଣିଜ ସମ୍ପଦରେ ଭରପୂର ଓଡ଼ିଶା ଏବେ ଦେଶର ପଛୁଆ ରାଜ୍ୟ ଭାବେ ଦୁର୍ନାମ ମୁଣ୍ଡାଉଛି। ଜଣେ ଛାତ୍ର କର୍ମୀର ଲକ୍ଷ୍ୟ ସମ୍ପର୍କରେ ସେ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସହପ୍ରଭାରୀ ରୁଦ୍ର ରାଜୁ କହିଥିଲେ, ଛାତ୍ର କଂଗ୍ରେସ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ମାଧ୍ୟମରେ ଓଡ଼ିଶାର ରାଜନୈତିକ ଦୃଶ୍ୟପଟକୁ ପରିବର୍ତ୍ତନ କରିପାରିବ। ଏହି କାର୍ଯ୍ୟକାରିଣୀରେ ବିଭିନ୍ନ ରାଜନୈତିକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।

ଏହି ଅବସରରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା ନବଗଠିତ ଛାତ୍ର କଂଗ୍ରେସର କର୍ମକର୍ତ୍ତା ଓ ଜିଲା ସଭାପତିମାନେ କେନ୍ଦ୍ର ଓ ରାଜ୍ୟ ସରକାରର ଅପାରଗତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରନ୍ତୁ ବୋଲି କହିଥିଲେ। ୟାସିର ନୱାଜ୍ କହିଥିଲେ, ବେସରକାରୀ ସ୍କୁଲର ମାଲିକ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଉପେକ୍ଷିତ। ଛାତ୍ରୀଛାତ୍ରଙ୍କୁ ମାଗଣା ମୋବାଇଲ ଓ ନେଟ୍ ସୁବିଧା ଦେବା ଲାଗି ସେ ଦାବି ରଖିଥିଲେ। ଆଗାମୀ ଦିନରେ ବିଭିନ୍ନ ପ୍ରସଙ୍ଗରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ଜନ ଆନ୍ଦୋଳନ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଥିବା ସେ କହିଥିଲେ।

# ସଶକ୍ତ ଅର୍ଥନୀତି ପାଇଁ ଦକ୍ଷ ଯୁବ ମାନବ ସମ୍ବଳ ଜରୁରୀ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ନୂଆପିଢ଼ିର ଯୁବକଙ୍କ ପାଇଁ ସ୍କିଲ୍ ଡେଭଲପମେଣ୍ଟ ଏକ ରାଷ୍ଟ୍ରୀୟ ଆବଶ୍ୟକତା ଏବଂ ଆତ୍ମନିର୍ଭର ଭାରତର ବଡ଼ ଆଧାର। ଗତ ୬ ବର୍ଷରେ ଯେଉଁ ଆଧାର ଏବଂ ନୂଆ ସଂସ୍ଥାନ ହୋଇଛି ସେହି ସାମୂହିକ ଶକ୍ତିକୁ ଏକାଠି କରି ଆମକୁ ନୂଆ କରି ସ୍କିଲ୍ ଇଣ୍ଡିଆ ମିଶନକୁ ଗତି ଦେବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ଦେଶର ଯୁବ ବର୍ଗଙ୍କୁ ଧର୍ମେନ୍ଦ୍ର କହିଛନ୍ତି, ଦେଶରେ ସଶକ୍ତ ଅର୍ଥନୀତି ପାଇଁ ଦକ୍ଷ ଯୁବ ମାନବ ସମ୍ବଳ ଜରୁରୀ। କୌଣସି ଦେଶର ଅର୍ଥନୀତି ସେତେବେଳେ ସୁଦୃଢ଼ ହୁଏ ଯେତେବେଳେ ସେହି ରାଷ୍ଟ୍ରର ଯୁବକ ଅଧିକ କାର୍ଯ୍ୟ କରିଥାଏ। ଧର୍ମେନ୍ଦ୍ର ଏବଂ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କ ଉପସ୍ଥିତିରେ ୭୫ଟି ନୂଆ 'ଜନ ଶିକ୍ଷଣ ସଂସ୍ଥାନ'ର ଶୁଭାରମ୍ଭ କରାଯାଇଛି। ଡିଜି ଲକରର ସହଯୋଗରେ ଏହି ଶିକ୍ଷଣ ସଂସ୍ଥାନ ସମେତ ବିଭିନ୍ନ ନୂତନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି।

# ଥର୍ମାଲ ବନ୍ଦକୁ ଶ୍ରମ ମନ୍ତ୍ରଣାଳୟର ମୋହର

**ତାଳଚେର,୧୫।୭(ନି.ପ୍ର.)**

ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)ରେ କାର୍ଯ୍ୟ ବନ୍ଦ ନିମନ୍ତେ କରାଯାଇଥିବା ଆବେଦନ ଉପରେ କେନ୍ଦ୍ର ସରକାରଙ୍କ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ପକ୍ଷରୁ ମୋହର ମରାଯାଇଛି। ମନ୍ତ୍ରଣାଳୟର ଯୁଗ୍ମ ସଚିବ କଳ୍ପନା ରାଜସିଂହହଟ ଏହି ଅନୁମତି ପ୍ରଦାନ କରିବା ପରେ ମାର୍ଚ୍ଚ ୩୧ରୁ ବନ୍ଦ ପଡ଼ିଥିବା ଟିଟିପିଏସ୍ ଚାଲିବାକୁ ନେଇ ଯେଉଁ କ୍ଷୀଣ ଆଶା ଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପ୍ରକାଶ ଯେ, ଟିଟିପିଏସରେ କାର୍ଯ୍ୟ ବନ୍ଦ ନିମନ୍ତେ ଅନୁମତି ଦେବାକୁ ଏହାର ଗ୍ରୁପ୍ ଜେନେରାଲ ମ୍ୟାନେଜର ଦେବେନ୍ଦ୍ର ନାଥ ତିୱାରୀ ଶିଳ୍ପ ବିବାଦ ଅଧିନିୟମ ୧୯୪୭ର ୨୫-୦ ଅନୁଯାୟୀ ୧ ଏପ୍ରିଲ ୨୦୨୧ରେ ଏବଂ ୧୯ ମେ ୨୦୨୧ରେ ପରିବର୍ତ୍ତିତ ଆବେଦନପତ୍ର ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟରେ ଦାଖଲ କରିଥିଲେ। ଏହାର ବିଚାର କରି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଗତ ୧୨ ତାରିଖରେ ଏନ୍‌ଟିପିସିକୁ କାର୍ଯ୍ୟ ବନ୍ଦ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ତେବେ ମନ୍ତ୍ରଣାଳୟର ଏପରି ନିଷ୍ପତ୍ତି ବେଆଇନ ବୋଲି ଶ୍ରମିକ ନେତା ସମର ସାହୁ କହିଛନ୍ତି। ସେ କହିଛନ୍ତି, ତାଳଚେର ଥର୍ମାଲ ବନ୍ଦ ନିମନ୍ତେ ଅନୁମତି ଦେବା ସମ୍ପର୍କରେ ହୋଇଥିବା ଆବେଦନର ଶୁଣାଣି ଠିକ୍ ଭାବେ କରାଯାଇ ନାହିଁ। ଶ୍ରମ ମନ୍ତ୍ରଣାଳୟ ଏକତରଫା ଭାବେ ଏପରି ଅନୁମତି ଦେଇଛନ୍ତି। ଏହା ଟିଟିପିଏସ୍ ଆକ୍ୱିଜିଶନ ଆଣ୍ଡ୍ ଟ୍ରାନ୍ସଫର ଆକ୍ଟ ୧୯୯୪ର ବିରୁଦ୍ଧାଚରଣ କରୁଛି।

# ୪ ଶିଶୁ ଅପପୁଷ୍ଟିର ଶିକାର

**କଳିଙ୍ଗନଗର,୧୫।୭(ଡି.ଏନ୍.ଏ.)**

- ଚାଲିବାକୁ ଶକ୍ତି ନାହିଁ, ବିଛଣାରୁ ଉଠୁନାହାନ୍ତି
- ମା' ଅନ୍ୟତ୍ର ବିବାହ କରି ଚାଲିଗଲେ
- ବୁଢ଼ୀ ମା' ପାଖରେ ଆଶ୍ରୟ ନେଇଛନ୍ତି ୪ ଭଉଣୀ ଭାଇ

ଯାଜପୁର ଜିଲା ସୁକିନ୍ଦା ବ୍ଲକ ସଂସାଇଲୋ ପଞ୍ଚାୟତ ଅଧୀନ ନାକଦେଇ ଗ୍ରାମ। ସେହି ଗ୍ରାମର ୪ ଆଦିବାସୀ ଭାଇଭଉଣୀ ଏବେ ଅପପୁଷ୍ଟିର ଶିକାର ହୋଇଛନ୍ତି। ଚାଲିବାକୁ ସେମାନଙ୍କର ଶକ୍ତି ନାହିଁ। ସାନ ଭାଇ ଓ ଭଉଣୀ ଏବେ ବିଛଣାରୁ ଉଠି ପାରୁନାହାନ୍ତି। ଏପରି ପରିସ୍ଥିତିରେ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇନାହିଁ ବୋଲି ଅଭିଯୋଗ ହୋଇଛି।

୭୦ ବର୍ଷ ବୟସ୍କା ବୁଢ଼ୀମା'ଙ୍କ କାନି ତଳେ ଆଶ୍ରା ନେଇଛନ୍ତି ସିଳାଇ ବାନରା(୧୨), ରାମ ବାନରା(୧୦), ଶ୍ୟାମ ବାନରା(୭) ଏବଂ ସାନ ଭଉଣୀ ମାଗିଁ ବାନରା (୫)। ଏହି ପିଲାଙ୍କ ମା' ରଶ୍ମିତା ବାନରା ନିଜ ପିଲାମାନଙ୍କୁ ଛାଡ଼ି ଅନ୍ୟତ୍ର ବିବାହ କରି ଚାଲିଯାଇଛନ୍ତି। ଏଥିରେ ବ୍ୟତିବ୍ୟସ୍ତ ହୋଇ ବାପା ପ୍ରଧାନ ବାନରା ବି ପିଲାମାନଙ୍କୁ ଛାଡି ଅନ୍ୟତ୍ର କାମଧନ୍ଦା କରି ବାହାରେ ରହୁଛନ୍ତି। ସେଥିପାଇଁ ବୁଢ଼ୀମା'ଙ୍କ ଉପରେ ଏହି ୪ ପିଲାମାନଙ୍କ ବୋଝ ପଡ଼ିଛି। ଏହି ଅନାଥ ପିଲାମାନଙ୍କ ଆଧାର କାର୍ଡ ନ ଥିବାରୁ ସେମାନେ ରାଶନ ସାମଗ୍ରୀରୁ ବଞ୍ଚିତ ହୋଇଛନ୍ତି। ବୁଢ଼ୀମା' ପାଉଥିବା ରାଶନ ଓ ଅନ୍ୟ ଘରେ କାମ କରି ଯାହା ଆଣନ୍ତି ସେଥିରେ ୫ ପ୍ରାଣୀ ଚଳନ୍ତି। ହେଲେ ଅଧିକାଂଶ ସମୟରେ ପରିବାରର ସମସ୍ତଙ୍କୁ ଖାଲି ପେଟରେ ଶୋଇବାକୁ ପଡ଼େ। ଆର୍ଥିକ ଅନଟନ ଯୋଗୁ ସେମାନେ ଏବେ ଅପପୁଷ୍ଟି ରୋଗର ଶିକାର ହୋଇଛନ୍ତି। ସେମାନେ ଏବେ ନିଜ ଗୋଡ଼ରେ ଛିଡ଼ା ହେବାକୁ ସକ୍ଷମ ନୁହନ୍ତି। ଏପରିକି ଏହି ପିଲାମାନେ ଅଙ୍ଗନୱାଡି ପକ୍ଷରୁ ପ୍ରଦାନ କରାଯାଉଥିବା ଖାଦ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି କାରଣରୁ ସାନ ଭାଇ, ଭଉଣୀ ବିଛଣାରୁ ଉଠିପାରୁନାହାନ୍ତି। ତୁରନ୍ତ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ ବୁଢ଼ୀମା' ପ୍ରଶାସନକୁ ଗୁହାରି କରିଛନ୍ତି। ଏ ସଂକ୍ରାନ୍ତରେ ମତାମତ ନେବାକୁ ସୁକିନ୍ଦା ମଣ୍ଡଳ ଉନ୍ନୟନ ଅଧିକାରୀ ବିଶ୍ୱଜତ୍ ଦାସଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ।

# ମାନଦଣ୍ଡ ଆଧାରରେ ତଥ୍ୟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

### କଲେଜ ସଭାପତି ମନୋନୟନ ପ୍ରସଙ୍ଗ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ) –** ମାନଦଣ୍ଡ ପୂରଣ କରୁ ନ ଥିବା ବ୍ୟକ୍ତିଙ୍କୁ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜର ପରିଚାଳନା କମିଟି ସଭାପତି ଭାବେ ଜିଲାପାଳମାନେ ମନୋନୀତ କରୁଛନ୍ତି। ଫଳରେ ରାଜ୍ୟର କଲେଜଗୁଡ଼ିକରେ ଶୈକ୍ଷିକ ପରିବେଶ ନଷ୍ଟ ହେଉଛି। ତେଣୁ ପରିଚାଳନା କମିଟିରୁ ବିଧାୟକ ଓ ରାଜନେତାଙ୍କୁ ବାଦ୍ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନି। ଏନେଇ ଉଚ୍ଚଶିକ୍ଷା ବିଭାଗ କଠୋର ଆଭିମୁଖ୍ୟ ପୋଷଣ କରିଛି। ଅନୁଦାନପ୍ରାପ୍ତ କଲେଜର ପରିଚାଳନା କମିଟି ସଭାପତିଙ୍କ ନାଁ ସୁପାରିସବେଳେ ଆବଶ୍ୟକ ମାନଦଣ୍ଡ ପୂରଣ କରୁଥିବା ୩ଜଣ ବ୍ୟକ୍ତିଙ୍କ ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ତଥ୍ୟ ଦେବାକୁ ଉଚ୍ଚଶିକ୍ଷା ବିଭାଗ ସମସ୍ତ ଜିଲାପାଳଙ୍କୁ କହିଛି। ଏ ନେଇ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଚିଠି ଲେଖିଛି। ସୂଚନାଯୋଗ୍ୟ, ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜର ପରିଚାଳନା କମିଟି ସଭାପତିଙ୍କୁ ମନୋନୀତ କରିବା ନିମନ୍ତେ ରାଜ୍ୟ ସରକାର ୨୦୨୦ ସେପ୍ଟେମ୍ବର ୧ରେ ଓଡ଼ିଶା ଶିକ୍ଷା ଆଇନରେ ଆବଶ୍ୟକ ସଂଶୋଧନ ଆଣିଥିଲେ।

# ଏମର୍ଜେନ୍ସି ସେବା ଲାଗି ନଂ. ୧୧୨

**ଭୁବନେଶ୍ୱର, ୧୫।୭(ବ୍ୟୁରୋ):** ରାଜ୍ୟରେ ଏମର୍ଜେନ୍ସି ରେସପନ୍ସ ସପୋର୍ଟ ସିଷ୍ଟମ୍ (ଇଆରଏସ୍ଏସ୍) ଲାଗି ଏକକ କଲ ନମ୍ବର ୧୧୨ କାର୍ଯ୍ୟକ୍ଷମ ହୋଇଛି। ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରୁ ଡିଜିଟାଲ୍ ମୋଡ୍‌ରେ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା ଆଲୋଚନା ନିମନ୍ତେ ପ୍ରଶାସନିକ ଏବଂ ଆର୍ଥିକ ସମସ୍ୟା ତଥ୍ୟ ଉପସ୍ଥାପନ କରିଛନ୍ତି। ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରି ମୁଖ୍ୟ ସଚିବ ଇଆରଏସ୍ଏସ୍‌କୁ ଅଧିକ ଉତ୍ତରଦାୟୀ ଓ ସକ୍ରିୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜରୁରି କଲ୍ ନମ୍ବର ୧୦୦ ଏବଂ ୧୦୧ ନମ୍ବରକୁ ଏକକ ନମ୍ବର ୧୧୨ ସହ ସମନ୍ୱିତ କରାଯାଇଛି। ଏନେଇ ଲୋକଙ୍କୁ ସଚେତନତା କରିବାକୁ ମୁଖ୍ୟ ସଚିବ ଗୃହ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ବିଭିନ୍ନ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ଜରୁରିକାଳୀନ ସେବାକୁ ପୂର୍ଣ୍ଣମାତ୍ରାରେ ଏହାସହ ସମନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୦୦ ଏବଂ ୧୦୧ ନମ୍ବର ଛଡ଼ା ୧୦୨ (ଜନନୀ ଏକ୍ସପ୍ରେସ୍), ୧୦୪ (କୋଭିଡ୍ ହେଲ୍ପ ଡେସ୍କ) ଏବଂ ୧୦୮ (ଜରୁରୀକାଳୀନ ଆମ୍ବୁଲାନ୍ସ), ୧୮୧ (ମହିଳା ହେଲ୍ପ ଲାଇନ୍) ଏବଂ ୧୦୯୮ (ଶିଶୁ ହେଲ୍ପ ଲାଇନ୍) ଲାଗି ରହିଛି।


## ODISHA PUBLIC SERVICE COMMISSION
## CUTTACK
### NOTICE

**No. 4783/PSC, (1R-30-21-22) (DR-V),** **Dt. 15.7.21**

**No. D-57:-** It is for information of all concerned that, pursuant to the advertisement No. 08 of 2020-2021, 10 (Ten) candidates, bearing the following **PPSAN** have been shortlisted for the physical verification of original documents and interview to determine their eligibility and suitability for recruitment to the post of Assistant Professor.

The physical verification of original certificates / documents etc. and the interview in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **29.7.2021 & 30.07.2021** as per the programme mentioned below.

**PROGRAMME OF VERIFICATION & INTERVIEW**

| Date | Time of Verification | Time of Interview | Subject | PPSAN number of candidates |
|---|---|---|---|---|
| 29.07.2021 | 10.00 AM | 02.00 PM | Life Science (Botany) | 00094334OD000820APU-00011726, 00091274OD000820APU-00010586, 00094805OD000820APU-00008924, 00097157OD000820APU-00008904 & 00099038OD000820APU-00010322 = 05 Candidates |
| 30.07.2021 | 10.00 AM | 02.00 PM | Life Science (Botany) | 00086485OD000820APU-00008294, 00087075OD000820APU-00011702, 00094913OD000820APU-00009937, 00088342OD000820APU-00002488 & 00077880OD000820APU-00011851 = 05 Candidates |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. 04 sets of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process. **COVID-19 test report (RT-PCR) showing negative** obtained from authorized laboratories of ICMR within 48 hours of the date of document verification to be brought by all candidates.

**NOTE:- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0035/2122 **Sd./- Secretary**

## ODISHA PUBLIC SERVICE COMMISSION
## CUTTACK
### NOTICE

**No. 4790/PSC, (1R-34-21-22) (DR-V),** **Dt. 15.7.21**

**No. D-58:-** It is for information of all concerned that, pursuant to the advertisement No. 08 of 2020-2021, 10 (Ten) candidates, bearing the following **PPSAN** have been shortlisted for the physical verification of original documents to determine their eligibility and suitability for recruitment to the post of Assistant Professor.

The physical verification of original certificates / documents etc in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **22.07.2021** as per the programme mentioned below.

**PROGRAMME OF VERIFICATION**

| Date | Time of Verification | Subject | PPSAN number of candidates |
|---|---|---|---|
| 22.07.2021 | 10.30 AM | Material Science | 00088334OD000820APU00007039, 00091889OD000820APU-00011862, 00088703OD000820APU-00008530, 00096279OD000820APU-00011964, 00085979OD000820APU-00011578, 00092161OD000820APU-00010060, 00096993OD000820APU-00006836, 00092437OD000820APU-00008803, 00076913OD000820APU-00012279 & 00090836OD000820APU-00008808 = 10 Candidates |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. 04 sets of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process. **COVID-19 test report (RT-PCR) showing negative** obtained from authorized laboratories of ICMR within 48 hours of the date of document verification to be brought by all candidates.

OIPR-12002/11/0036/2122 **Sd./- Secretary**

**ଜଷ୍ଟ ଡାଏଲକୁ କିଣିପାରେ ରିଲାଏନ୍ସ**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଶୀଘ୍ର ଜଷ୍ଟ ଡାଏଲକୁ କିଣିପାରେ। ରିଲାଏନ୍ସ ଏହାର ରିଟେଲ କାରବାରକୁ ଦୃଢ଼ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରିବ ବୋଲି କୁହାଯାଉଛି। ଜଷ୍ଟ ଡାଏଲ ଦ୍ୱାରା ମର୍ଚ୍ଚାଣ୍ଟ ଡାଟାବେସ୍‌ର ଫାଇଦା ରିଲାଏନ୍ସକୁ ମିଳିପାରିବ। ଏହି ଡିଲ୍ ପ୍ରାୟ ୬ ହଜାର କୋଟି ଟଙ୍କାରେ ହୋଇପାରେ। ଏହି ଖବର ଶୁଣାଯିବା ପରେ ଜଷ୍ଟ ଡାଏଲ ଶେୟାର ପ୍ରାୟ ୩% ବଢ଼ିଥିବା ଜଣାପଡିଛି।

# ଆଇଟି କମ୍ପାନୀଙ୍କ ଆୟ ବଢ଼ିଲା

- ଟିସିଏସ୍, ୱିପ୍ରୋ, ଇନ୍‌ଫୋସିସ୍‌ର ଲାଭ ୧୭,୪୪୬ କୋଟି
- ପ୍ରମୁଖ କମ୍ପାନୀ ଦେବେ ୧ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି



ନୂଆଦିଲ୍ଲୀ, ୧୫।୭

କରୋନା ଯୋଗୁ ସାରା ବିଶ୍ୱ ବଜାର ପ୍ରଭାବିତ ହୋଇଛି। ଭାରତରେ ମଧ୍ୟ କମ୍ପାନୀଗୁଡିକ କାରବାର କ୍ଷତି ସହିଛନ୍ତି। ଏଭଳି ସ୍ଥିତିରେ ଆଇଟି କମ୍ପାନୀଗୁଡିକର ରାଜସ୍ୱରେ ଅଭିବୃଦ୍ଧି ବଜାୟ ରଖିଛନ୍ତି। ଦେଶର ପ୍ରମୁଖ ଆଇଟି କମ୍ପାନୀଗୁଡିକ ଚଳିତ ଆର୍ଥିକ ବର୍ଷ ଏପ୍ରିଲ- ଜୁନ ତ୍ରୈମାସର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରିଛନ୍ତି। ଜୁଲାଇ ୮ରେ ଟାଟା କନସ୍‌ଲଟାନ୍ସି ସର୍ଭିସେସ୍(ଟିସିଏସ୍) ଏହାର ଆର୍ଥିକ ଫଳାଫଳ ଘୋଷଣା କରିଥିଲା। ଜୁନ୍ ତ୍ରୈମାସରେ ଏହି କମ୍ପାନୀ ୯ ହଜାର କୋଟି ଟଙ୍କାର ଲାଭ ହାସଲ କରିବାକୁ ସକ୍ଷମ ହୋଇଛି। ଗୁରୁବାର ୱିପ୍ରୋ ମଧ୍ୟ ଏହାର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀ ୩୨୪୩ କୋଟି ଟଙ୍କାର ଲାଭ ହାସଲ କରିଥିବା ଜଣାପଡିଛି। ଏହା ଗତବର୍ଷ ସମାନ ତ୍ରୈମାସରେ ୨,୩୯୦ କୋଟି ଟଙ୍କା ରହିଥିଲା। କମ୍ପାନୀଗୁଡିକ ଏହି ୩ ମାସରେ ୧୭,୪୪୬ କୋଟି ଟଙ୍କା ଲାଭ ହାସଲ କରିଛନ୍ତି। ଫଳରେ ଆଗାମୀ ଗୋଟିଏ ବର୍ଷରେ ଏହି କମ୍ପାନୀଗୁଡିକ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ନୂଆ ନିଯୁକ୍ତି ଦେବେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଇନ୍‌ଫୋସିସ୍ ପ୍ରଥମ ତ୍ରୈମାସରେ ରାଜସ୍ୱ ହାସଲରେ ଗତ ୧୦ ବର୍ଷର ରେକର୍ଡ ଭାଙ୍ଗିଛି। କମ୍ପାନୀ ୫୧୯୫ କୋଟି ଟଙ୍କାର ଲାଭ ହାସଲ କରିଛି। ଇନ୍‌ଫୋସିସ୍‌ର ସିଇଓ ଏବଂ ଏମ୍‌ଡି ସଲିଲ ପାରେଖ କହିଛନ୍ତି, ଗୋଟିଏ ଦଶନ୍ଧି ମଧ୍ୟରେ ଏହା ସବୁଠାରୁ ବଡ ଅଭିବୃଦ୍ଧି। ୱିପ୍ରୋ ଏହାର ତ୍ରୈମାସ ଫଳାଫଳ ସମ୍ପର୍କରେ ଘୋଷଣା କରି କହିଛି, ରାଜସ୍ୱ ୧୨% ବୃଦ୍ଧି ଘଟି ୧୮,୨୫୨ କୋଟି ରହିଛି, ଯାହା ଗତ ବର୍ଷ ୧୪,୯୧୩ କୋଟି ଟଙ୍କା ରହିଥିଲା। କମ୍ପାନୀ ୧୨୯ ନୂଆ କଷ୍ଟମର ଯୋଡିଛି। ଏହା ଜୁଲାଇ-ସେପ୍ଟେମ୍ବର ସମୟ ଅବଧିରେ ୬ ହଜାର ନୂଆ ନିଯୁକ୍ତି ଦେବ। ସେହିଭଳି ୨୦୨୧-୨୨ରେ ୩୦ ହଜାର ଫ୍ରେସର୍ସଙ୍କୁ ନିଯୁକ୍ତି ଦେବା ଲାଗି ଏହା ଲକ୍ଷ୍ୟ ରଖିଛି।

ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଆଇଟି କମ୍ପାନୀଗୁଡିକର ଲାଭ ବଢିଛି। ୱାର୍କ ଫ୍ରମ୍ ହୋମ୍ ଚାହିଦା ବଢିଥିବା ମଧ୍ୟ ନଜରକୁ ଆସିଛି। କମ୍ପାନୀଗୁଡିକ ହାତରେ ବଡ଼ ବଡ଼ ଡିଲ୍ ଲାଗିଛି। ସେହିଭଳି ମୋଟାମୋଟି ଭାବେ ବାଣିଜ୍ୟ କ୍ଷେତ୍ରରେ ଅଭିବୃଦ୍ଧି ଦେଖାଯାଇଛି। ରିଲାଏନ୍ସ ସିକ୍ୟୁରିଟିଜର ସିନିୟର ରିସର୍ଚ୍ଚ ଆନାଲିଷ୍ଟ ସୁଯୋଗ କୁଲକର୍ଣ୍ଣି କହିଛନ୍ତି, ଆଗାମୀ ଦିନରେ ଆଇଟି କ୍ଷେତ୍ର ଲାଗି କ୍ଲାଉଡ୍, ଡାଟା ଆନାଲିଟିକ୍ସ, କଷ୍ଟମର ଏକ୍ସପେରିଏନ୍ସ ଏବଂ ସାଇବର ଭଳି କ୍ଷେତ୍ରଗୁଡିକ ଅଭିବୃଦ୍ଧିର କାରକ ହେବେ। ଏହାବାଦ ୟୁରୋପରେ ଆଉଟସୋର୍ସିଂ ବୃଦ୍ଧି, କନ୍‌ସଲଟାନ୍ସି, ଇଞ୍ଜିନିୟରିଂ ଏବଂ ଆର୍ ଆଣ୍ଡ ଡି ଭଳି କ୍ଷେତ୍ର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଜଣାପଡିଛି।

## ବିଗ୍ ବଜାରର ଫ୍ୟାଶନ ହୋମ୍ ଡେଲିଭରି




ନୂଆଦିଲ୍ଲୀ, ୧୫।୭

ବିଗ୍ ବଜାର ଏବଂ ଏଫ୍‌ବିବି ପକ୍ଷରୁ ଏନେଇ ହୋମ୍ ଡେଲିଭରି ସେବାର ଆରମ୍ଭ କରାଯାଇଛି। ବିଗ୍ ବଜାର ଏବଂ ଏଫ୍‌ବିବି ପକ୍ଷର ପ୍ରଥମ କରି ଫ୍ୟାଶନ୍ ସାମଗ୍ରୀର ୨ ଘଣ୍ଟିଆ ହୋମ୍ ଡେଲିଭରି ସେବା ଆରମ୍ଭ କରାଯାଇଛି। ଫଳରେ ଗ୍ରାହକମାନେ ବର୍ତ୍ତମାନ 'ଷ୍ଟେପ୍ ଆଉଟ୍ ଇନ୍ ଷ୍ଟାଇଲ୍' ଫେଶନ କଲେକ୍ସନ୍‌ର ସାମଗ୍ରୀ ଦୁଇଘଣ୍ଟା ମଧ୍ୟରେ ଘରେ ବସି ପାଇପାରିବେ। ସମ୍ପ୍ରତି ଦେଶରେ ଟିକାକରଣ ଅଭିଯାନ ଜାରି ରହିଥିବାରୁ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପରିସ୍ଥିଳେ ଲୋକେ ଘରୁ ବାହାରି ଏସବୁ ଫ୍ୟାଶନ ସାମଗ୍ରୀ ଏହି ନୂତନ ଫ୍ୟାଶନ କଲେକ୍ସନ ସାରା ଦେଶର ୧୪୪ଟି ସହରର ୩୨୫ ଷ୍ଟୋରରୁ କ୍ରୟ କରିପାରିବେ। ଏହି ଅବସରରେ ଫ୍ୟୁଚର ଗ୍ରୁପ୍‌ର ଡିଜିଟାଲ ମାର୍କେଟିଂ ଆଣ୍ଡ ଇ-କମର୍ସର ସିଇଓ ପଵନ ସାରଦ କହିଲେ, ଗ୍ରାହକମାନେ ଘରେ ସୁରକ୍ଷିତ ରହି ଚୟନ କରିଥିବା ଫ୍ୟାଶନ ଉତ୍ପାଦଗୁଡିକ ବଟନ୍ ଟଚ୍ କରି ପାଇପାରିବେ। ସେମାନଙ୍କ ଘରେ ମାତ୍ର ୨ ଘଣ୍ଟା ମଧ୍ୟରେ ଡେଲିଭରି କରାଯିବ। ପକେଟକୁ ସୁହାଇଲା ଭଳି ମୂଲ୍ୟରେ ବିସ୍ତୃତ ବର୍ଗର ସାମଗ୍ରୀ ଲାଟେଷ୍ଟ ଗ୍ଲୋବାଲ ଟ୍ରେଣ୍ଡ ଆଧାରରେ ଯୋଗାଇ ଦେଉଛୁ। ନୂଆ ଫ୍ୟାଶନ କଲେକଶନ ମଧ୍ୟରେ ପ୍ଲାଜୋ, ଟପ୍, ପୋଲୋ ଟି, ଶାର୍ଟ ଏବଂ ଶର୍ଟସ୍ ଉପଲବ୍ଧ ହେଉଛି। ଏହାର ମୂଲ୍ୟ ୨୯୯ ଟଙ୍କାରୁ ଆରମ୍ଭ ହେଉଛି।

ଜନ୍ମଦିନ ଶୁଭେଚ୍ଛା



ରଚିତା ପ୍ରଧାନ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
:ଶୁଭେଚ୍ଛା ସହ:
ମାଆ, ଜେଜ, ଜେଜେମାଆ, ଭାଇ, ଲିପ୍ସିତା, ଗଗନ, ଜଗନ, ଅଭି, ମୁନା।
ଧ-୭୦୪୬୦

## ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରାଥମିକତା: ଶକ୍ତିକାନ୍ତ



ନୂଆଦିଲ୍ଲୀ, ୧୫।୭

ମହାମାରୀ ପରେ ଦେଶର ସୁଧାର ପ୍ରକ୍ରିୟାକୁ ନିରନ୍ତର ଏବଂ ସମନ୍ୱିତ କରିବା ଲାଗି ଆର୍ଥିକ ଅନ୍ତର୍ଭୁକ୍ତିକୁ ନୀତିଗତ ଭାବେ ପ୍ରାଥମିକତା ଦିଆଯିବ ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଶୀଘ୍ର ଏକ ଆର୍ଥିକ ଅନ୍ତର୍ଭୁକ୍ତି ସୂଚକାଙ୍କ ଜାରି କରାଯିବ। ଆର୍ଥିକ ଅନ୍ତର୍ଭୁକ୍ତର ପହଞ୍ଚ ଏବଂ ଗୁଣବତ୍ତା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଏହା ଫୋକସ କରିବ ବୋଲି ଆର୍ଥିକ ଅନ୍ତର୍ଭୁକ୍ତ ସଂକ୍ରାନ୍ତ ଏକ କର୍ମଶାଳାରେ ଶକ୍ତିକାନ୍ତ ଗୁରୁତ୍ୱାରୋପ କରିଛନ୍ତି। ଦେଶର ଫାଇନାନ୍ସିଆଲ ଇକୋସିଷ୍ଟମରେ କାମ କରୁଥିବା ଅଂଶୀଦାରମାନେ ବେଆଇନ ବିକ୍ରୟ, ସାଇବର ନିରାପତ୍ତା, ଡାଟା ସୁରକ୍ଷା ଏବଂ ଭରସାକୁ ବଜାୟ ଭଳି ଦିଗକୁ ଧ୍ୟାନରେ ରଖିବାକୁ ସେ ଆହ୍ୱାନ ଜଣାଇଛନ୍ତି। ସେହିଭଳି ଲୋକଙ୍କ ମଧ୍ୟରେ ଠିକ୍ ଭାବେ ଫାଇନାନ୍ସ ସଂକ୍ରାନ୍ତ ଶିକ୍ଷା ଏବଂ ସଚେତନତା ପହଞ୍ଚିବାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଛନ୍ତି।

## ଆକ୍ସିସ୍ ଫ୍ଲୋଟର ଫଣ୍ଡ ଉନ୍ମୋଚିତ

**ନୂଆଦିଲ୍ଲୀ, ୧୫।୭:** ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆକ୍ସିସ୍ ଫ୍ଲୋଟର ଫଣ୍ଡ୍‌କୁ ଉନ୍ମୋଚନ କରାଯାଇଛି। ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଡେବ୍ଟ ସ୍କିମ୍ ଯେଉଁଥିରେ ଫ୍ଲୋଟିଂ ରେଟ୍‌ର ଆର୍ଥିକ ଉପକରଣରେ ନିବେଶ କରାଯାଏ। ଏହି ଫଣ୍ଡରେ ସର୍ବନିମ୍ନ ନିବେଶ ଅବଧି ହେଉଛି ୧୨-୧୮ ମାସ। ହାରାହାରି ମାଚ୍ୟୁରିଟି ଅବଧି ହେଉଛି ୬ରୁ୧୮ ମାସ। ସର୍ବନିମ୍ନ ଏନ୍ଏଫ୍‌ଓ ରାଶି ପରିମାଣ ହେଉଛି ୫ ହଜାର ଟଙ୍କା ଏବଂ ଏହା ପରେ ଏକ ଟଙ୍କା ଗୁଣିତକ ହିସାବରେ ରାଶି ବଢ଼ିବ। ଆକ୍ସିସ୍ ଫ୍ଲୋଟର ଫଣ୍ଡର ଏନ୍ଏଫ୍‌ଓ ତାରିଖ ହେଉଛି ଚଳିତ ୧୨। ଏଥିରେ ସୁଧ ହାର ବିପଦକୁ ଉଚିତ ଢଙ୍ଗରେ ପରିଚାଳନା କରାଯିବ ବୋଲି ଆକ୍ସିସ ଏଏମ୍‌ସିର ଏମ୍‌ଡି ତଥା ସିଇଓ ଚନ୍ଦ୍ରେଶ ନିଗମ କହିଛନ୍ତି।

# ଜିଏସ୍‌ଟିରେ ସ୍ୱଚ୍ଛତାକୁ ଗୁରୁତ୍ୱ

**ସଂସ୍ଥାର ସତ୍ୟତା ଜାଣିବା ପାଇଁ ସ୍ୱତନ୍ତ୍ର ଅଭିଯାନ**

କଟକ,୧୫।୭

ରାଜ୍ୟ ବାଣିଜ୍ୟକର ଓ ଜିଏସ୍‌ଟି ସଂସ୍ଥା ପକ୍ଷରୁ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ବହୁ ଅସାଧୁ ଟିକସଦାତାଙ୍କ ସମ୍ପର୍କରେ ସଂସ୍ଥା ଜାଣିବାକୁ ପାଇଥିଲା। ରାଜ୍ୟରେ ବିଭିନ୍ନ ସ୍ଥାନରେ ଏପରି କିଛି ବ୍ୟବସାୟୀ ରହିଛନ୍ତି ଯେଉଁମାନେ ଜାଲ୍ ବିଲ୍ ଜରିଆରେ ବିଭିନ୍ନ ପ୍ରକାର ଅସାଧୁ ଉପାୟରେ ଜାଲ୍ କ୍ରେଡିଟ୍ ହାସଲ କିମ୍ବା ଅନ୍ୟକୁ ହସ୍ତାନ୍ତର କରୁଥିଲେ। ବର୍ତ୍ତମାନ ସୁଦ୍ଧା ଏନ୍‌ଫୋର୍ସମେଣ୍ଟ ୱିଙ୍ଗ ଦ୍ୱାରା ୧୮ ଜଣ ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରାଯାଇଛି। ସେମାନେ ପ୍ରାୟ ୧୨୯ଟି ଜାଲ୍ ବ୍ୟବସାୟ ପ୍ରତିଷ୍ଠାନ ସୃଷ୍ଟି କରି ସେଗୁଡିକ ଜରିଆରେ ପ୍ରାୟ ୯୦୦ କୋଟି ଟଙ୍କାର ଜାଲ୍ ଆଇଟିସି ହାସଲ କିମ୍ବା ହସ୍ତାନ୍ତର କରିଛନ୍ତି। ଏ ସମସ୍ତ ଦିଗ ଉପରେ ରାଜ୍ୟ ବାଣିଜ୍ୟକର ଓ ଜିଏସ୍‌ଟି ସଂସ୍ଥା ସମ୍ପୂର୍ଣ୍ଣ ସଜାଗ ରହିବା ସହିତ ସନ୍ଦେହଜାତ ଟିକସଦାତାଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ ସହ ଅନୁସନ୍ଧାନ ଜାରି ରଖିଛି। ସେହିଭଳି ଯେଉଁ ବ୍ୟବସାୟୀ ପଞ୍ଜୀକରଣ ସମୟରେ ଆଧାର କାର୍ଡ ଦାଖଲ କରିନାହାନ୍ତି ସେମାନଙ୍କ ସମ୍ପର୍କରେ ପ୍ରାକ୍- ପଞ୍ଜୀକରଣ ଅନୁସନ୍ଧାନ କରାଯାଉଛି। ସେହିପରି ଗତ ଆର୍ଥିକ ବର୍ଷରେ କ୍ଷେତ୍ରୀୟ ଅନୁସନ୍ଧାନ କରାଯାଇ ପ୍ରାୟ ୨୪ ହଜାର ଜାଲ୍ କିମ୍ବା ଅନିୟମିତ ଟିକସଦାତାଙ୍କ ପଞ୍ଜୀକରଣକୁ ରଦ୍ଦ କରାଯାଇଛି। ୨୦୨୧-୨୨ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୧୪୦୦ ପଞ୍ଜୀକରଣ ରଦ୍ଦ କରାଯାଇଥିବା ଜଣାପଡିଛି। ଅପରପକ୍ଷରେ କ୍ଷେତ୍ରୀୟ ଅନୁସନ୍ଧାନ କାର୍ଯ୍ୟକଳାପକୁ ଅଧିକ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୨୦୨୧ ଜୁଲାଇ ୧୬ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ସଂସ୍ଥା ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ହାତକୁ ନିଆଯାଇଛି। ଏହି ଅଭିଯାନ ସମ୍ପର୍କରେ ରାଜ୍ୟ ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ଏକ ଭିଡିଓ କନ୍‌ଫରେନ୍ସ ସହ କ୍ଷେତ୍ରୀୟ ଅଧିକାରୀମାନଙ୍କର ଏକ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଅଭିଯାନ ପାଇଁ ପ୍ରତ୍ୟେକ ସର୍କଲ ପକ୍ଷରୁ ଏକ ପୂର୍ଣ୍ଣାଙ୍ଗ ଯୋଜନା ପ୍ରସ୍ତୁତ କରାଯାଇ ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ କରାଯାଇଛି।

# ୭୫ ହଜାର କୋଟିର ଜିଏସ୍‌ଟି କ୍ଷତିପୂରଣ ଜାରି

ନୂଆଦିଲ୍ଲୀ, ୧୫।୭

ଜିଏସ୍‌ଟି ରାଜସ୍ୱ କ୍ଷତି ଭରଣା ଲାଗି କେନ୍ଦ୍ର ସରକାର ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ୭୫ ହଜାର କୋଟି ଟଙ୍କାର କ୍ଷତିପୂରଣ ରାଶି ଜାରି କରିଛନ୍ତି। କେନ୍ଦ୍ର ୧.୫୯ ଲକ୍ଷ କୋଟି ଟଙ୍କା ଋଣ କରି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ପ୍ରଦାନ କରିବା ନେଇ ମେ ୨୮ରେ ବସିଥିବା ଜିଏସ୍‌ଟି ପରିଷଦ ବୈଠକରେ ସହମତି ପ୍ରକାଶ ପାଇଥିଲା। ଜିଏସ୍‌ଟି କ୍ଷତିପୂରଣ ପାଣ୍ଠିରେ ଅର୍ଥ ଅଭାବ ଯୋଗୁ କେନ୍ଦ୍ରକୁ ଏଭଳି ଋଣ ଉଠାଇବାକୁ ପଡ଼ିଛି। ବିଧାନସଭା ରହିଥିବା ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ଗୁରୁବାର ଏହି ରାଶି ପ୍ରଦାନ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଓଡ଼ିଶାକୁ ଏହି ରାଶିରୁ ମୋଟ ୩୦୩୦.୧୦ କୋଟି ଟଙ୍କା ମିଳିଥିବା ଜଣାପଡିଛି। କ୍ଷତିପୂରଣ ପାଣ୍ଠି ଲାଗି ସଂଗ୍ରହ ହେଉଥିବା ରାଶିକୁ କେନ୍ଦ୍ର ସରକାର ପ୍ରତି ୨ ମାସରେ ନିୟମିତ ଭିତ୍ତିରେ ରାଜ୍ୟଗୁଡିକୁ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ଅତିରିକ୍ତ ଭାବେ ସରକାର ଏଭଳି ରାଶି ଯୋଗାଇ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରେ ବଳକା ଅର୍ଥ ଯୋଗାଣ ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ଗୋଟିଏ ବର୍ଷ ଲାଗି ମୋଟ ନିଅଣ୍ଟ ରାଶିର ବର୍ତ୍ତମାନ ୫୦% ଅର୍ଥ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୦-୨୧ ଆର୍ଥିକ ବର୍ଷରେ ଏଭଳି ବ୍ୟବସ୍ଥାରେ ୧.୧୦ ଲକ୍ଷ କୋଟି ଟଙ୍କା ରାଜ୍ୟଗୁଡିକୁ ଯୋଗାଇ ଦିଆଯାଇଥିଲା।

**ଫୁରସତ୍**

# ମୃତକଙ୍କ ଦାନ୍ତରୁ ଜୁଏଲେରି

**ଦାନ୍ତରୁ ଜୁଏଲେରି। ଏହି ଦାନ୍ତ କୌଣସି ଜୀବଜନ୍ତୁ କି ଜୀବନ୍ତ ମଣିଷର ନୁହେଁ, ବରଂ ମୃତବ୍ୟକ୍ତିଙ୍କର। ତାହା ବି କବର ଭିତରୁ ସଂଗୃହୀତ। ଆତ୍ମୀୟଙ୍କୁ ହରାଇ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବା ନିକଟ ସମ୍ପର୍କୀୟମାନେ ମୃତବ୍ୟକ୍ତିଙ୍କ ସ୍ମୃତିକୁ ଜୀବନ୍ତ କରି ରଖିବା ପାଇଁ ଏଭଳି ଅଳଙ୍କାର ପିନ୍ଧିବାକୁ ବେଶ୍ ପସନ୍ଦ କରୁଛନ୍ତି। କବରରୁ ଦାନ୍ତ ସଂଗ୍ରହଠାରୁ ଆରମ୍ଭ କରି ଜୁଏଲେରି ପ୍ରସ୍ତୁତ ଯାଏ କାମକୁ ଅତି ନିଖୁଣ ଭାବେ କରି ଗ୍ରାହକଙ୍କ ମନ କିଣୁଛନ୍ତି ୨୯ ବର୍ଷୀୟା ଅଷ୍ଟ୍ରେଲୀୟ ଲଳନା ଜ୍ୟାକି ୱିଲିୟମ୍‌ସ୍।**





**କାନବେରା:** ପୃଥିବୀରେ ଏମିତି ଅନେକ ମଣିଷ ଅଛନ୍ତି, ଯେଉଁମାନେ ନିଜର ଅଦ୍ଭୁତପୂର୍ବ ନିଶା ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି। ଅଷ୍ଟ୍ରେଲିଆର ଜ୍ୟାକି ୱିଲିୟମସ୍ ସେମାନଙ୍କ ଭିତରୁ ଜଣେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଗ୍ରେଭ୍ ମେଟଲାମ୍ ଜୁଏଲର୍ସ'ରେ ମୃତବ୍ୟକ୍ତିଙ୍କ ଦାନ୍ତରୁ ନିର୍ମିତ ସୁନ୍ଦର ରିଙ୍ଗ୍, ଇୟର ରିଙ୍ଗ୍, ପେଣ୍ଡେଣ୍ଟ, ବ୍ରେସ୍‌ଲେଟ୍, ନେକ୍‌ଲେସ୍ ଆଦି ମିଳୁଛି, ଯାହାକୁ ନେଇ ଏବେ ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ଚର୍ଚ୍ଚା।

ଅସ୍ଥିରୁ ଅଳଙ୍କାର ନିର୍ମାଣ କରିବା ଏବେକାର କଳା ନୁହେଁ। ପ୍ରାଚୀନ ନଗର ସଭ୍ୟତାର ଧ୍ୱଂସାବଶେଷରୁ ଏଭଳି ଅନେକ ଅଳଙ୍କାର ମିଳିଛି, ଯାହା ଅସ୍ଥି ଅଳଙ୍କାର ପ୍ରାଚୀନତା ସମ୍ପର୍କରେ ପ୍ରମାଣ ଦିଏ। ଏଥିରୁ ଅନୁପ୍ରାଣିତ ହୋଇଥିଲେ ୱିଲିୟମ୍‌ସ। ତେବେ ପାରମ୍ପରିକ ପଦ୍ଧତିକୁ ଅନୁକରଣ କରିଥିଲେ ମଧ୍ୟ ଏଥିରେ ସେ ଭରିଥିଲେ ନୂତନତ୍ୱ। ପ୍ରାରମ୍ଭରେ ଅସ୍ଥିରୁ ପ୍ରସ୍ତୁତ ଅଳଙ୍କାରକୁ ନେଇ ଦ୍ୱିମତ ସୃଷ୍ଟି ହୋଇଥିଲା। କିଛି ଲୋକ ଏହାକୁ ସକାରାତ୍ମକ ଦୃଷ୍ଟିକୋଣରୁ ବିଚାର କରୁଥିବାବେଳେ ଅନ୍ୟ କେତେକେ ଏହାକୁ ନାପସନ୍ଦ କରୁଥିଲେ। ହେଲେ ଏବେ ସେହି ଧାରଣା ବଦଳୁଥିବା ୱିଲିୟମ୍‌ସ କହିଛନ୍ତି।

ଏଭଳି ଏକ ଭିନ୍ନ ଧରଣର ବୃତ୍ତିରେ ପାଦ ରଖିବାର ଅନୁଭୂତି ସମ୍ପର୍କରେ ୱିଲିୟମ୍‌ସ କହିଛନ୍ତି, ସ୍ଥାନୀୟ ଏକ କବରସ୍ଥଳରେ ସେ ମାଳୀ ଭାବେ କାର୍ଯ୍ୟ କରୁଥିବାବେଳେ ଏଭଳି ଏକ ଜୁଏଲେରି ସମ୍ପର୍କରେ ତାଙ୍କର ବୁଦ୍ଧି ଜୁଟିଥିଲା। ସେ ସ୍ମିତହାସ୍ୟ ଦେଇ ଆହୁରି ମଧ୍ୟ କହିଛନ୍ତି, ହୁଏତ ତାଙ୍କ ମାନସିକ ସ୍ଥିତି ଠିକ୍ ନୁହେଁ। ଏମିତି ବି କହିହେବ, ତାଙ୍କ ମାନସିକତା ଅନ୍ୟମାନଙ୍କଠାରୁ ଭିନ୍ନ। ନ ହେଲେ ଏଭଳି ଏକ ବୃତ୍ତି ଆରମ୍ଭ କରିବା ପୂର୍ବରୁ ଜଣେ ହଜାରେ ଥର ଭାବିବ। ସେ ଆହୁରି ମଧ୍ୟ କହିଛନ୍ତି, ମୃତବ୍ୟକ୍ତିଙ୍କ ଅବଶେଷରୁ ଅଳଙ୍କାର ପ୍ରସ୍ତୁତି କରିବାକୁ ସାଧାରଣତଃ ଅଧିକାଂଶ ଲୋକେ ପସନ୍ଦ କରି ନ ଥାନ୍ତି। କହିବାକୁ ଗଲେ ସେମାନେ ଏଭଳି ଜୁଏଲେରିର ଉଦ୍ଦେଶ୍ୟ ବିଷୟରେ ଅନଭିଜ୍ଞ। ହେଲେ ଏକଥା ସତ୍ୟ ଯେ, 'ଗ୍ରେଭ୍ ମେଟଲାମ୍ ଜୁଏଲର୍ସ' ମୃତବ୍ୟକ୍ତିଙ୍କ ପରିଜନଙ୍କୁ ଆଶ୍ୱାସନା ଦେଉଛି। ପୃଥିବୀରେ ଦିନେ ନା ଦିନେ ସମସ୍ତେ ମରିବେ। ତେବେ ମୃତକଙ୍କ ଅବଶେଷରୁ ନିର୍ମିତ ଅଳଙ୍କାର ପିନ୍ଧି ଦିବଂଗତ ବ୍ୟକ୍ତିଙ୍କୁ ନିକଟରୁ ଅନୁଭବ କରିବାର ଅନୁଭୂତି ବାସ୍ତବରେ ନିଆରା।

ୱିଲିୟମସ୍ ଆହୁରି ମଧ୍ୟ କହିଛନ୍ତି, ଏଭଳି ଅଳଙ୍କାର ତିଆରି କରିବା ପୂର୍ବରୁ ଗ୍ରାହକଙ୍କ ଇଚ୍ଛାକୁ ଅଗ୍ରାଧିକାର ଦିଆଯାଏ। ସେମାନଙ୍କଠାରୁ ଅନୁମତି ମିଳିବା ପରେ ଏହି କାର୍ଯ୍ୟ ଆରମ୍ଭ ହୋଇଥାଏ। ଅନେକ ସମୟରେ ତାଙ୍କ ପାଖକୁ ସ୍ପେଶାଲ ଅର୍ଡର ମଧ୍ୟ ଆସିଥାଏ। ଦାନ୍ତକୁ ଅଳଙ୍କାର ରୂପ ଦେବାକୁ ପାଖାପାଖି ୬ରୁ ୮ ସପ୍ତାହ ସମୟ ଲାଗିଥାଏ। ପ୍ରତି ପିସ୍ ଅଳଙ୍କାର ୩୫୦ ଡଲାରରୁ ଆରମ୍ଭ କରି ୧୦ ହଜାର ଡଲାର ଯାଏ ବିକ୍ରି ହୋଇଥାଏ। ତେବେ ଗ୍ରାହକ ନିଜ ପସନ୍ଦ ଅନୁଯାୟୀ, ସୁନା, ରୁପା ଏବଂ ଅନ୍ୟ ଧାତୁ ଦେଇଥାଆନ୍ତି। ୱିଲିୟମସ୍ ମେଲବୋର୍ନସ୍ଥିତ ପଲିଟେକନିକ୍ସରୁ ଜୁଏଲେରି ଏବଂ ଅବ୍‌ଜେକ୍ଟ ଡିଜାଇନ ପାଠ୍ୟକ୍ରମରେ ଡିପ୍ଲୋମା କରିଛନ୍ତି। ଶିକ୍ଷା ଶେଷ ପରେ ସେ ଏକ୍ଷେତ୍ରକୁ ବୃତ୍ତି ଭାବେ ବାଛିଥିଲେ। ପରେ ସ୍ୱତନ୍ତ୍ର ଭାବେ ନିଜର ଜୁଏଲେରି ବ୍ୟବସାୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ।

# ଝାଳରୁ ବାହାରିବ ବିଦ୍ୟୁତ୍



**ୱାଶିଂଟନ୍:** ଏଣିକି ଝାଳରୁ ସୃଷ୍ଟି ହେବ ବିଦ୍ୟୁତ୍ ଶକ୍ତି। ଏଥିରୁ ଜଣେ ନିଜର ଫୋନ୍ ଚାର୍ଜ ମଧ୍ୟ କରିପାରିବ। ନିକଟରେ ବୈଜ୍ଞାନିକମାନେ ଏଭଳି ଏକ ଯନ୍ତ୍ର ବାହାର କରିଛନ୍ତି ଯାହାକୁ ଜଣେ ବ୍ୟକ୍ତି ଅଙ୍ଗୁଳିରେ ପିନ୍ଧିବା ଦ୍ୱାରା ସେଥିରୁ ବିଦ୍ୟତ୍ ଶକ୍ତି ବାହାରିପାରିବ ବୋଲି ଗବେଷକମାନେ ଦାବି କରିଛନ୍ତି। କାଲିଫର୍ନିଆର ୟୁସି ସାନ୍ ଡିଏଗୋ ଜାକୋବ ଇଞ୍ଜିନିୟରିଂ ସ୍କୁଲ ଏକ ଅତ୍ୟନ୍ତ ପତଳା ଏବଂ ନମନୀୟ ଷ୍ଟ୍ରିପ୍ ତିଆରି କରିଛନ୍ତି, ଯାହାକୁ ଅଙ୍ଗୁଳି ଅଗରେ ପିନ୍ଧାଯାଇପାରିବ। ଏହି ଉପକରଣଟି ଅଙ୍ଗୁଳିର ଆର୍ଦ୍ରତାକୁ ବ୍ୟବହାର କରିବ। ଝାଳକୁ ସ୍ମାର୍ଟ ମ୍ୟାଟେରିଆଲ ଜରିଆରେ ଏକାଠି କରାଯିବା ପରେ ତାହାକୁ ପ୍ରୋସେସ୍ କରାଯିବ। ପରେ ସେଥିରୁ ବିଦ୍ୟୁତ୍ ଉତ୍ପାଦନ ହୋଇପାରିବ। ଛୋଟ ବୈଦ୍ୟୁତିକ ଉପକରଣ ଏହା ଦ୍ୱାରା ଚାର୍ଜ କରିହେବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଏହି ପ୍ରୋଟୋଟାଇପ୍ ଡିଭାଇସ୍‌କୁ ତିନି ସପ୍ତାହ ପର୍ଯ୍ୟନ୍ତ ହାତରେ ପିନ୍ଧିବା ପରେ ଏକ ସ୍ମାର୍ଟଫୋନକୁ ଚାର୍ଜ କରିବା ପାଇଁ ବିଜୁଳି ଉତ୍ପନ୍ନ କରାଯାଇପାରିବ। ନିଦ୍ରାରେ ଥିବା ଅବସ୍ଥାରେ ୧୦ ଘଣ୍ଟା ଧରି ଏହି ଷ୍ଟ୍ରିପ୍‌କୁ ପିନ୍ଧିବା ଦ୍ୱାରା ୪ ଶହ ମିଲିଜୁଲ୍‌ସ ଶକ୍ତି ସୃଷ୍ଟି ହେବ। ୧୦ଟି ଯାକ ଅଙ୍ଗୁଳିରେ ଏହାକୁ ପିନ୍ଧିବା ଦ୍ୱାରା ୧୦ ଗୁଣା ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇପାରିବ ବୋଲି ଜର୍ନାଲ ଜୁଲ୍‌ରେ ଏ ବାବଦରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

## ମଦ ପିଉଛି ମାଙ୍କଡ଼



**ମାଣ୍ଡଲା:** ମଦ ପିଉଛି ମାଙ୍କଡ଼। ଏଭଳି ଦୃଶ୍ୟ ଦେଖିଲେ ଯେ କେହି ବି ଆଶ୍ଚର୍ଯ୍ୟ ହେବ। ତେବେ ମଧ୍ୟପ୍ରଦେଶର ମାଣ୍ଡଲା ଜିଲାରେ ଏକ ମାଙ୍କଡ଼ ଦୋକାନରେ ମଦ ପିଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମାଙ୍କଡ଼ଟି ଗୋଟିଏ ଜାଗାରେ ବସି ବୋତଲ ଠିପି ଖୋଲିବା ସହ ତାହାକୁ ପିଇଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ମାଙ୍କଡ଼ଟି ମଦ ଦୋକାନରେ ଥିବା ଏକ ପେଟିରୁ ବୋତଲ ବାହାର କରି ତାହାର ଠିପିକୁ ଦାନ୍ତରେ ଖୋଲି ଦେଇଥିଲା। ପରେ ସେଠାରେ ହିଁ ବସି ମଦ ପିଇବାରେ ଲାଗିଥିଲା। ଏହି ଦୃଶ୍ୟକୁ ସେଠାକାର ଲୋକେ ମୋବାଇଲରେ ଶୁଟିଂ କରିଦେଇଥିଲେ। ଭିଡିଓଟି ସୁଧାଂଶୁ ମହେଶ୍ୱରୀ ନାମକ ଜଣେ ୟୁଜର ଶେୟାର କରିଛନ୍ତି।

# ବିଦେଶୀ ଟିକା ନେଇ ଟ୍ରୋଲ୍



ପରିଣିତି ଚୋପ୍ରା

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ପରିଣିତି ଚୋପ୍ରା ଲଣ୍ଡନରେ ଫାଇଜର କରୋନା ଟିକା ନେଇଛନ୍ତି। ଏ ନେଇ ସେ ତାଙ୍କ ପ୍ରଶଂସକଙ୍କୁ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରି ଜଣାଇଛନ୍ତି। ଏହି ଫଟୋ ଭଉଣୀ ପ୍ରିୟଙ୍କା ଚୋପ୍ରା ଉଠାଇଛନ୍ତି। 'ମୁଁ ଟିକା ନେଇ ସାରିଛି, ହାଶ୍‌ଟ୍ୟାଗ୍ ଫାଇଜର' ବୋଲି ସେ କ୍ୟାପ୍‌ଶନରେ ଲେଖିଛନ୍ତି। ଏହି ପୋଷ୍ଟ ପରେ ତାଙ୍କୁ ଟ୍ରୋଲର ଶିକାର ହେବାକୁ ପଡ଼ିଛି। ବିଦେଶରେ କରୋନା ଟିକା ନେବାକୁ ନେଇ କେତେଜଣ ଲୋକ ତାଙ୍କୁ ସମାଲୋଚନା କରି ମନ୍ତବ୍ୟ ଦେଇଛନ୍ତି। ଟିକା ପାଇଁ ବିଦେଶ ଯିବା କ'ଣ ଆବଶ୍ୟକ ଥିଲା ବୋଲି କେତେଜଣ ତାଙ୍କୁ ପ୍ରଶ୍ନ କରିଛନ୍ତି। ଭାରତ ଭାକ୍ସିନ ଉପରେ ତାଙ୍କର ଭରସା ନ ଥିବା କେତେଜଣ ମନ୍ତବ୍ୟ ରଖିଛନ୍ତି। ନିକଟରେ ପରିଣିତିଙ୍କ ୩ଟି ଫିଲ୍ମ 'ସନ୍ଦୀପ ଔର ପିଙ୍କି ଫରାର', ଦି ଗର୍ଲ ଅନ୍ ଦି ଟ୍ରେନ୍' ଏବଂ 'ସାଇନା' ରିଲିଜ ହୋଇଛି। ପ୍ରିୟଙ୍କା ମଧ୍ୟ ଗତବର୍ଷଠାରୁ ଲଣ୍ଡନରେ ଅଛନ୍ତି। ସେ 'ଟେକ୍ସ୍ଟ ଫର୍ ୟୁ'ର ଶୁଟିଂ କରିବା ପରେ ଏବେ ଆମାଜନ ପ୍ରାଇମ ୱେବ୍‌ସିରିଜ୍ ସିଟାଡେଲ ପାଇଁ କାମ କରୁଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER COMPANY
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
7589604782
8004034927

BANSAL TOWER COMPANY
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ।
FAKE COMPANY ଠାରୁ ସାବଧାନ ରୁହନ୍ତୁ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ।
Contact- 7376459854 / 9518817448

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବ୍ୟସ୍ତ ବହୁଳ ସିରିଜ

**ଭାରତୀୟ କ୍ରିକେଟ ଦଳ ପାଇଁ ଆଗକୁ ରହିଛି ବ୍ୟସ୍ତବହୁଳ କାର୍ଯ୍ୟସୂଚୀ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲର ବିଫଳତା ପରେ ଟିମ୍ ଇଣ୍ଡିଆର ଦୁଇଟି ଦଳ ଏବେ ଭିନ୍ନ ସିରିଜ ଖେଳିବେ। ଇଂଲଣ୍ଡ ଗସ୍ତରେ ଯାଇଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ଏକ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ସେପଟେ ଶିଖର ଧାୱନଙ୍କ ନେତୃତ୍ୱରେ ଆଉ ଏକ ଭାରତୀୟ ଦଳ ଦିନିକିଆ ଓ ଟି୨୦ ସିରିଜ ଖେଳିବାକୁ ଶ୍ରୀଲଙ୍କା ଗସ୍ତ କରିଛି...**



ନିର୍ମଳ କୁମାର ମିଶ୍ର




ଟିମ୍ ଇଣ୍ଡିଆର ବ୍ୟସ୍ତବହୁଳ କ୍ରିକେଟ ସିରିଜ ଆରମ୍ଭ ହେବାକୁ ଯାଉଛି। ଜୁଲାଇ ଏବଂ ଅଗଷ୍ଟରେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଟେଷ୍ଟ ଚାମ୍ପିୟନଶିପ୍‌ର ଦ୍ୱିତୀୟ ସଂସ୍କରଣ ପାଇଁ ଏବଂ ଆଇସିସି ଏକଦିବସୀୟ ସୁପର ସିରିଜ ପାଇଁ ଅଭିଯାନ ଆରମ୍ଭ କରିବ ଟିମ୍ ଇଣ୍ଡିଆ।

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲ୍ୟୁଟିସି)ର ପ୍ରଥମ ସଂସ୍କରଣରେ ନ୍ୟୁଜିଲାଣ୍ଡ ଚାମ୍ପିୟନ ହେବା ପରେ ଟିମ୍ ଇଣ୍ଡିଆ ଏକ ବଡ଼ ସୁଯୋଗ ହାତଛଡ଼ା କରିବା ଫଳରେ ସବୁ ଦିଗରୁ ସମାଲୋଚିତ ହୋଇଛି। ଯାହା ଆଶା କରା ଯାଉଥିଲା ଟିମ୍ ଇଣ୍ଡିଆ ଭଲ ପ୍ରଦର୍ଶନ ମାଧ୍ୟମରେ ଏହି ସମ୍ମାନଜନକ ଟ୍ରଫି ହାସଲ କରିବ ତାହା ପାଣି ଫୋଟକା ପରି ମିଳାଇ ଯାଇଛି। ଦୀର୍ଘ ୯୧ ବର୍ଷ ପରେ ନ୍ୟୁଜିଲାଣ୍ଡ ଦଳ ପ୍ରଥମ ଥର ପାଇଁ କୌଣସି ଆଇସିସି ବିଶ୍ୱକପ ଟାଇଟଲ ହାସଲ କରି ଐତିହାସିକ ସଫଳତା ପାଇଛି। ପୂର୍ବରୁ ନ୍ୟୁଜିଲାଣ୍ଡ ଦଳ ଇଂଲଣ୍ଡକୁ ଟେଷ୍ଟ ସିରିଜରେ ପରାସ୍ତ କରି ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ହାସଲ କରିଥିଲା। ଯେଉଁ ଭଳି ଭାବରେ ଟିମ୍ ଇଣ୍ଡିଆ ହାରିଲା ତାହା ଆଦୌ ଗ୍ରହଣୀୟ ନୁହେଁ।

ବର୍ତ୍ତମାନ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଇଂଲଣ୍ଡ ଗସ୍ତରେ ରହିଛି। ଇଂଲଣ୍ଡ ସହିତ ଟିମ୍ ଇଣ୍ଡିଆ ୫ଟିକିଆ ଟେଷ୍ଟ ସିରିଜ ଆରମ୍ଭ କରିବାକୁ ବାକିଥିବା ବେଳେ ଭାରତୀୟ ଦଳରେ ଏକାଧିକ ସମସ୍ୟା ରହିଛି। ଏହି ସିରିଜରୁ ଟିମ୍ ଇଣ୍ଡିଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଦ୍ୱିତୀୟ ସଂସ୍କରଣର ଅଭିଯାନ ଆରମ୍ଭ କରିବ। ଅଗଷ୍ଟ ୪ତାରିଖରୁ ନଟିଂହାମରେ ଟେଷ୍ଟ ସିରିଜ ଆରମ୍ଭ ହେବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଏହି ହାଇପ୍ରୋଫାଇଲ ଟେଷ୍ଟ ସିରିଜ ପୂର୍ବରୁ କୌଣସି ପ୍ରଥମ ଶ୍ରେଣୀ ଅଭ୍ୟାସ ମ୍ୟାଚ ଖେଳିବାର ସୁଯୋଗ ନ ଥିବାରୁ ବିରାଟ କୋହଲି ଏବଂ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ପ୍ରଶ୍ନ ଉଠାଇବା ସହିତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଆଶ୍ଚର୍ଯ୍ୟ ହୋଇଛି। କୋଭିଡ୍ କଟକଣା ଏବଂ ବାୟୋ ବବଲ୍‌ର ସମସ୍ୟା ଯୋଗୁ ଇଂଲଣ୍ଡ ଏବଂ ୱେଲ୍‌ସ କ୍ରିକେଟ ବୋର୍ଡ ଏହାର ସ୍ପଷ୍ଟୀକରଣ ଦେଇଛି।

ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ଆରମ୍ଭ ହେବା ପୂର୍ବରୁ ଟିମ୍ ଇଣ୍ଡିଆର ଆଉ ଏକ ଦଳ ୩ଟି ଏକଦିବସୀୟ ଏବଂ ୩ଟି ଟି୨୦ ମ୍ୟାଚ୍ ପାଇଁ ଶ୍ରୀଲଙ୍କା ଗସ୍ତ କରିଛି। ଏଥିପାଇଁ ଶିଖର ଧାୱନ ଅଧିନାୟକ ଏବଂ ଭୁବନେଶ୍ୱର କୁମାର ଉପ ଅଧିନାୟକ ରୂପେ ମନୋନୀତ ହୋଇଛନ୍ତି। ଏହି ସିରିଜ ୨୦୨୦ରୁ ୨୦୨୩ ମଧ୍ୟରେ ଖେଳାଯିବାକୁ ଥିବା ଆଇସିସି ଏକଦିବସୀୟ ୱାର୍ଲଡ କପ୍ ସୁପରଲିଗ୍‌ର ଅଂଶ ବିଶେଷ। ପ୍ରଥମ ଏକଦିବସୀୟ ମ୍ୟାଚ ୧୮ ଜୁଲାଇ, ଦ୍ୱିତୀୟ ଏକଦିବସୀୟ ମ୍ୟାଚ ୨୦ ଜୁଲାଇ ଏବଂ ୩ୟ ଏକଦିବସୀୟ ମ୍ୟାଚ୍ ୨୩ ଜୁଲାଇରେ ଖେଳାଯିବାକୁ ଥିବା ବେଳେ ଟି ୨୦ ମ୍ୟାଚଗୁଡିକ ୨୫, ୨୭ ଏବଂ ୨୯ ଜୁଲାଇରେ ପ୍ରେମଦାସ ଷ୍ଟାଡିୟମ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଏହି ଶ୍ରୀଲଙ୍କା ଟୁର୍ ପାଇଁ ରାହୁଲ ଦ୍ରାବିଡଙ୍କୁ ମୁଖ୍ୟ କୋଚରୂପେ ବିସିସିଆଇ ମନୋନୀତ କରିଛି। ଆଇପିଏଲ୍ ୧୫ର ସମସ୍ତ ଉଦୀୟମାନ ଖେଳାଳିଙ୍କୁ ସୁଯୋଗ ମିଳିଛି। ଇଶାନ କିଶନଙ୍କୁ ଉଇକେଟ କିପିଙ୍ଗ ଦାୟିତ୍ୱ ଦିଆଯାଇଛି। ଏହି ଦୁଇଟି ଫର୍ମାଟ୍ ପାଇଁ ୨୦ ଜଣିଆ ଟିମ୍ ବିସିସିଆଇ ଘୋଷଣା କରିଛି। ଏକଦିବସୀୟ ମ୍ୟାଚରେ ପ୍ରଥମ ଦ୍ୱିପାକ୍ଷିକ ସିରିଜ ୧୯୮୨-୮୩ରେ ଆରମ୍ଭ ହୋଇଥିବା ବେଳେ ଶେଷ ଦ୍ୱିପାକ୍ଷିକ ସିରିଜ ୨୦୧୭-୧୮ରେ ଖେଳାଯାଇଥିଲା। ଉଭୟ ଦ୍ୱିପାକ୍ଷିକ ସିରିଜରେ ଟିମ୍ ଇଣ୍ଡିଆ ବିଜୟୀ ହୋଇଥିଲା। ପ୍ରଥମ ଏକଦିବସୀୟ ମ୍ୟାଚ ୧୯୭୯ରେ ଖେଳାଯାଇଥିଲା। ସେଥିରେ ଶ୍ରୀଲଙ୍କା ବିଜୟୀ ହୋଇଥିବା ବେଳେ ଶେଷ ଏକଦିବସୀୟ ମ୍ୟାଚ ୨୦୧୯ରେ ଟିମ୍ ଇଣ୍ଡିଆ ବିଜୟୀ ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ବାଇଲାଟେରାଲ ଏବଂ ନନ୍ ବାଇଲାଟେରାଲ ସିରିଜ ୭୮ଟି ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୩୨ଟିରେ ଏବଂ ଶ୍ରୀଲଙ୍କା ୧୬ଟିରେ ବିଜୟୀ ଏବଂ ୩ଟି ସିରିଜ ଡ୍ର ରହିଥିବା ବେଳେ ୨୭ଟି ସିରିଜରେ ଅନ୍ୟ ଟିମ୍ ବିଜୟୀ ହୋଇଛି। ଉଭୟ ପକ୍ଷ ମଧ୍ୟରେ ଏପର୍ଯ୍ୟନ୍ତ ୧୬୫ଟି ଏକଦିବସୀୟ ମ୍ୟାଚ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୯୧ଟି ମ୍ୟାଚରେ ଏବଂ ଶ୍ରୀଲଙ୍କା ୫୬ଟି ମ୍ୟାଚରେ ବିଜୟୀ ହେବା ସହିତ ୧୧ଟି ମ୍ୟାଚରୁ କୌଣସି ଫଳାଫଳ ମିଳିନାହିଁ। ୭ଟି ମ୍ୟାଚ ବାତିଲ ହୋଇଛି।

ସେହିପରି ୨୦୦୮-୦୯ ଉଭୟ ପକ୍ଷ ମଧ୍ୟରେ ପ୍ରଥମଟି ଟି୨୦ ସିରିଜ ଖେଳାଯାଇଥିବା ବେଳେ ଏଥିରେ ଟିମ୍ ଇଣ୍ଡିଆ ବିଜୟୀ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଉଭୟ ଦେଶ ମଧ୍ୟରେ ୧୫ଟି ଟି୨୦ ସିରିଜ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୯ଟିରେ ବିଜୟୀ ହୋଇଥିବା ବେଳେ ଶ୍ରୀଲଙ୍କା ଗୋଟିଏ ସିରିଜ ଜିତିଛି ଏବଂ ୫ଟି ସିରିଜ ବିନା ଫଳାଫଳରେ ସମାପ୍ତ ହୋଇଛି। ସେହିପରି ଉଭୟ ଟିମ୍ ମଧ୍ୟରେ ୧୯ଟି ଟି୨୦ ମ୍ୟାଚ୍ ଖେଳାଯାଇଥିବା ବେଳେ ୧୩ଟି ମ୍ୟାଚ୍ ଟିମ୍ ଇଣ୍ଡିଆ ଜିତିଛି ଏବଂ ୫ଟି ମ୍ୟାଚ୍‌ରେ ଶ୍ରୀଲଙ୍କା ବିଜୟୀ ହୋଇଥିବା ବେଳେ ୧ଟି ମ୍ୟାଚ୍ ଡ୍ର ରହିଛି।

ଏକଦିବସୀୟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୪୧୪ ରହିଥିବା ବେଳେ ଶ୍ରୀଲଙ୍କାର ୪୧୧ ରହିଛି। ସର୍ବନିମ୍ନ ସ୍କୋର ଟିମ୍ ଇଣ୍ଡିଆର ୫୪ରନ୍ ୨୦୦୦ ମସିହାରେ ସାରଜା ଗ୍ରାଉଣ୍ଡରେ ରହିଥିବା ବେଳେ ଶ୍ରୀଲଙ୍କାର ମଧ୍ୟ ସେହି ସାରଜା ଗ୍ରାଉଣ୍ଡରେ ୯୬ ରନ୍ ରହିଛି। ବିରାଟ କୋହଲି, ରୋହିତ ଶର୍ମା ଏହି ସିରିଜରେ ଖେଳୁ ନ ଥିବା ବେଳେ ଭାରତ ପକ୍ଷରୁ ଏହି ଦୁଇ ବ୍ୟାଟ୍ସମ୍ୟାନ ବେଶ୍ ସଫଳତା ପାଇଛନ୍ତି। ଶ୍ରୀଲଙ୍କା ପକ୍ଷରୁ ଆଲୋ ମାଥ୍ୟୁସ ସଫଳ ବ୍ୟାଟ୍ସମ୍ୟାନ ରହିଛନ୍ତି। ବୋଲର ରୂପେ ଏକମାତ୍ର ଖେଳାଳି ରୂପେ ଭୁବନେଶ୍ୱର କୁମାର ଏହି ଗସ୍ତ କରୁଥିବା ବେଳେ ୧୩ମ୍ୟାଚରୁ ୧୭ ଉଇକେଟ ନେଇଛନ୍ତି। ସର୍ବାଧିକ ସଫଳ ବୋଲର ରୂପେ ରବୀନ୍ଦ୍ର ଜାଡେଜା ଏବଂ ଯଶପ୍ରୀତ ବୁମରା ସଫଳ ହୋଇଥିଲେ ମଧ୍ୟ ଏହି ଟୁର୍ ପାଇଁ ଟିମ୍‌ରେ ସ୍ଥାନ ପାଇନାହାନ୍ତି। ସେହିପରି ଟି୨୦ରେ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୨୬୦ ଇନ୍ଦୋର ଷ୍ଟାଡିୟମ୍‌ରେ ୨୦୧୭ରେ ରହିଥିବା ବେଳେ ଶ୍ରୀଲଙ୍କାର ୨୧୫ ନାଗପୁର ଷ୍ଟାଡିୟମ୍‌ରେ ରହିଛି। ସେହିପରି ଶ୍ରୀଲଙ୍କାର ସର୍ବନିମ୍ନ ସ୍କୋର ୨୦୧୬ରେ ବିଶାଖାପାଟଣାରେ ୮୨ ରହିଥିବା ବେଳେ ଟିମ୍ ଇଣ୍ଡିଆର ୧୦୧ ପୁଣେରେ ରହିଛି। ଟି୨୦ ମ୍ୟାଚରେ ବର୍ତ୍ତମାନ ଘୋଷିତ ଦଳର ଅଧିନାୟକ ଶିଖର ଧାୱନ ୯ଟି ମ୍ୟାଚରୁ ୩ଟି ଅର୍ଦ୍ଧଶତକ ସହିତ ମୋଟ ୨୮୯ ରନ୍ ସଂଗ୍ରହ କରିଛନ୍ତି। ଅନ୍ୟ ସଫଳ ବ୍ୟାଟ୍ସମ୍ୟାନ ରୂପେ ମନୀଷ ପାଣ୍ଡେ ଏବଂ ଶ୍ରେୟସ ଆୟର ରହିଛନ୍ତି। ଶ୍ରୀଲଙ୍କା ପକ୍ଷରୁ ଥିସାରା ପେରେରା ୯ଟି ମ୍ୟାଚରୁ ୨୧୫ରନ୍ ଏବଂ ମାଥ୍ୟୁସ ୧୦ଟି ମ୍ୟାଚରୁ ୧୭୫ ରନ୍ ଏବଂ ଏମ୍.ଡି. ସନକ ୧୨ଟି ମ୍ୟାଚରୁ ୧୩୦ ରନ୍ ସଂଗ୍ରହ କରିଛନ୍ତି। ଟି୨୦ ବୋଲିଂରେ ଯୁଜବେନ୍ଦ୍ର ଚହଲ ୬ଟି ମ୍ୟାଚରୁ ୧୪ଟି ଉଇକେଟ ନେଇଥିବା ବେଳେ ଶ୍ରୀଲଙ୍କା ପକ୍ଷରୁ ଏମ୍.ଡି. ସନକ ସଫଳ ବୋଲର ରହିଛନ୍ତି।




ଆଗକୁ ରହିଛି ଆଇସିସି ଏକଦିବସୀୟ ବିଶ୍ୱକପ୍। ଆଇପିଏଲ୍‌ରେ ବେଶ୍ ସଫଳତା ଅର୍ଜନ କରିଥିବା ଯୁବ ଖେଳାଳିମାନଙ୍କୁ ନେଇ ଗଠିତ ଦଳ ଶ୍ରୀଲଙ୍କା ସହିତ ଏହି ସିରିଜରେ କିପରି ପ୍ରଦର୍ଶନ କରୁଛି ତାହା ଦେଖିବାର କଥା। ଅନ୍ୟ ପକ୍ଷରେ ଦଳର ଅଭିଜ୍ଞ ଏବଂ ଦକ୍ଷତାସମ୍ପନ୍ନ ଖେଳାଳିମାନେ ଇଂଲଣ୍ଡ ସହିତ ୫ଟି ଟେଷ୍ଟ ମ୍ୟାଚ୍ ଖେଳିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ କ୍ରିକେଟରଙ୍କ ଉପରେ ଅତ୍ୟଧିକ ଚାପ ପକାଇବାର ବେଶ୍ ସମ୍ଭାବନା ରହିଛି।

## ଉଦ୍‌ଘାଟନୀରେ ହଜାରେରୁ କମ୍ ଭିଆଇପି



**ଟୋକିଓ, ୧୫।୭ (ପି.ଟି.):** ଟୋକିଓ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବରେ ଏଥର ୧୦୦୦ରୁ କମ୍ ସଂଖ୍ୟକ ଭିଆଇପି ଓ ବିଦେଶୀ ମାନ୍ୟଗଣ୍ୟ ଅତିଥି ଯୋଗଦେବେ। ଏ ନେଇ ଏକ ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ପ୍ରକାଶ କରିଛି। ଜୁଲାଇ ୨୩ ତାରିଖରେ ନ୍ୟାଶନାଲ ଷ୍ଟାଡିୟମରେ ଆୟୋଜନ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସଂଖ୍ୟା କମ୍ କରିବାକୁ ଆୟୋଜକମାନେ ପ୍ରୟାସ କରିଛନ୍ତି।

କୋଭିଡ୍-୧୯ କାରଣରୁ ଟୋକିଓ ଓ ଆଖପାଖ ପ୍ରାନ୍ତରେ ଷ୍ଟେଟ ଇମର୍ଜେନ୍ସି ବଳବତ୍ତର ରହିଛି। ଜାପାନ ସମ୍ରାଟ ନରୁହିଟୋ ଏଥିରେ ଯୋଗ ଦେଇ ଅଲିମ୍ପିକ୍ସ ଆରମ୍ଭ ହେବା ନେଇ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି। ବିଦେଶୀ ଅତିଥିଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସ୍ତ୍ରୀ ଜିଲ ଏହି ଉତ୍ସବରେ ଯୋଗ ଦେବାର ସମ୍ଭାବନା ରହିଛି। ନ୍ୟାଶନାଲ ଷ୍ଟାଡିୟମରେ ୬୮,୦୦୦ ଲୋକ ବସିବାର ସୁବିଧା ରହିଛି। ତେବେ କରୋନ କାରଣରୁ ସୀମିତ ସଂଖ୍ୟକ ବ୍ୟକ୍ତି ଉପସ୍ଥିତ ରହିବେ। ଅଲିମ୍ପିକ୍ସ ବିନା ଦର୍ଶକରେ ଆୟୋଜନ ହେବ।

### କେନିଆ ଅଲିମ୍ପିକ୍ ଦଳରୁ ୨ ଧାବକ ବାଦ୍ ପଡ଼ିଲେ

**ନାଇରୋବି, ୧୫।୭:** ଆବଶ୍ୟକ ସଂଖ୍ୟାରେ ଡୋପିଂ ଟେଷ୍ଟରେ ସାମିଲ ନ ହେବା କାରଣରୁ କେନିଆର ଦୁଇଜଣ ଧାବକ ଅଲିମ୍ପିକ୍ସରେ ସାମିଲ ହେବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ୧,୫୦୦ ମିଟର ଚାମ୍ପିୟନ ଟିମୋଥି ଚେରୁଇୟୋଟ ଅଲିମ୍ପିକ ଦଳରେ ସାମିଲ ହେବାର ସୁଯୋଗ ପାଇଛନ୍ତି। ଷ୍ଟିପଲ ଚେଜ୍ ବିଶ୍ୱ ଓ ଅଲିମ୍ପିକ ଚାମ୍ପିୟନ କନ୍‌ସେଲୁସ୍ କିପ୍ରୁଟୋ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ନେଇ କେନିଆ ଏ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହିଁ।

୧୮ ବର୍ଷୀୟ କମାର ଇଟିଆଙ୍ଗଙ୍କ ବଦଳରେ ଚେରୁଇୟୋଟ ଦଳରେ ସାମିଲ ହେବେ। ଇଟିଆଙ୍ଗ ଆବଶ୍ୟକ ସଂଖ୍ୟାରେ ଟେଷ୍ଟରେ ସାମିଲ ହୋଇ ନ ଥିଲେ। ସେହିପରି ସମକାରଣ ଯୋଗୁ ୪୦୦ ମିଟର ହର୍ଡଲର ମୋଇଟାଏଲ ଏମ୍‌ପୋକ ନାଡୋକିଲାଙ୍କୁ ମଧ୍ୟ କେନିଆ ଅଲିମ୍ପିକ ଦଳରୁ ବାଦ୍ ଦିଆଯାଇଛି।

## ପଦକ ଉତ୍ସବ ପାଇଁ ଆଇଓସି ଗାଇଡ୍‌ଲାଇନ




**ଟୋକିଓ, ୧୫।୭ (ପି.ଟି.):** ଟୋକିଓ ଅଲିମ୍ପିକ୍ସ ପଦକ ବିତରଣ ଉତ୍ସବ ପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ପକ୍ଷରୁ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଛି। କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ସୁରକ୍ଷା ଉପାୟରେ ଏକ ନିୟମାବଳୀ ଗୁରୁବାର ଘୋଷଣା କରାଯାଇଛି। ଆଥ୍‌ଲେଟ, ପଦକ ପ୍ରଦାନକାରୀ ଓ ଭଲ୍ୟୁଣ୍ଟିୟରମାନଙ୍କୁ ମାସ୍କ ପରିଧାନ କରିବାକୁ ହେବ। ସେମାନେ ଗ୍ରୁପ୍ ଫଟୋ ଉଠାଇପାରିବେ ନାହିଁ। ପୂର୍ବରୁ ଗତ ଜୁନ୍‌ରେ ଏକ ଗାଇଡ୍‌ଲାଇନ ପ୍ରକାଶ କରାଯାଇଥିଲା। ମାତ୍ର ନୂଆ ଗାଇଡ୍‌ଲାଇନ ଅନୁସାରେ ପୋଡିୟମରେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜେତାଙ୍କୁ ସୋସିଆଲ ଡିଷ୍ଟାନ୍ସ ବଜାୟ ରଖିବାକୁ ପଡ଼ିବ। ସମସ୍ତ ପଦକ ପ୍ରଦାନକାରୀ କରୋନା ଭାକ୍ସିନ ନେଇଥିବା ଜରୁରୀ। ପ୍ରତିଟି ଇଭେଣ୍ଟରେ କେବଳ ଆଇଓସିର ଜଣେ ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଜଣେ ପ୍ରତିନିଧି ଉପସ୍ଥିତ ରହିବେ। ଆଇଓସି ସଭାପତି ଥୋମାସ ବାକ୍ ବୁଧବାର ସୂଚନା ଦେଇଥିଲେ ଯେ, ଟୋକିଓ ଅଲିମ୍ପିକ୍ସ ବେଳେ ଆଥ୍‌ଲେଟମାନଙ୍କୁ ବ୍ୟକ୍ତିଗତ ଭାବେ ବେକରେ ପଦକ ଝୁଲାଇବାକୁ ପଡ଼ିବ। ଏହାଦ୍ୱାରା ସମ୍ଭାବ୍ୟ ସଂକ୍ରମଣରୁ ମଧ୍ୟ ରକ୍ଷା ମିଳିପାରିବ।



## ନେଥ୍ରା, ବିଷ୍ଣୁଙ୍କ ବୋଟ୍ ଟୋକିଓରେ ପହଞ୍ଚିଲା

**ଟୋକିଓ, ୧୫।୭ (ପି.ଟି.):** ଅଲିମ୍ପିକ୍ସ ସେଲିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଥିବା ଦୁଇ ଭାରତୀୟ ସେଲର ନେଥ୍ରା କୁମାନନ ଓ ବିଷ୍ଣୁ ସରଭାନନଙ୍କ ବୋଟ୍ ଇତିମଧ୍ୟରେ ଟୋକିଓରେ ପହଞ୍ଚିଛି। ଏହି ବୋଟ୍ ମାଧ୍ୟମରେ ଦୁଇ ପ୍ରତିଯୋଗୀ ଅଲିମ୍ପିକ୍ସ ସେଲିଂ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଜୁଲାଇ ୨୩ରୁ ଅଲିମ୍ପିକ୍ସ ଆରମ୍ଭ ହେବ।

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଏହି ଦୁଇ ବୋଟ୍‌ର ଫଟୋ ଶେୟାର କରିଛି। ନେଥ୍ରା ଲେଜର ରେଡିଆଲ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେ ସ୍ପେନ୍‌ରେ ଟ୍ରେନିଂ ନେଉଥିଲେ। ପ୍ରସ୍ତୁତି ପାଇଁ ସେ ମାଲଟାରେ ରହୁଥିଲେ। ବରୁଣ ଠାକର ଓ ଗଣପଥି ଚେଙ୍ଗାପ୍ପାଙ୍କ ସହ ସାଥି ହୋଇ ନେଥ୍ରା ଓ ବିଷ୍ଣୁ ୪୯ଇଆର କ୍ଲାସ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ମଙ୍ଗଳବାର ଭାରତର ସେଲରମାନେ ଟୋକିଓରେ ପହଞ୍ଚିଛନ୍ତି। ପ୍ରଥମ ଥର ପାଇଁ ଭାରତର ରେକର୍ଡ ୪ଜଣ ସେଲର ଅଲିମ୍ପିକ୍ସରେ ଭାଗନେବେ ଓ ୩ଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଜୁଲାଇ ୨୫ରୁ ସେଲିଂ ଇଭେଣ୍ଟ ଆରମ୍ଭ ହେବ।

## ଡୋପିଂ: ଅଲିମ୍ପିକ୍ସରୁ ୨ ରୁଷୀୟ ସନ୍ତରଣକାରୀ ବାସନ୍ଦ

**ଲାଉସେନ, ୧୫।୭:** ଟୋକିଓ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଥିବା ରୁଷିଆର ଦୁଇ ସନ୍ତରଣକାରୀଙ୍କୁ ବିଶ୍ୱ ସନ୍ତରଣର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିନା ସାମୟିକ ଭାବେ ବାସନ୍ଦ କରିଛି। ଡୋପିଂ ନିୟମ ଉଲ୍ଲଂଘନ କରିଥିବାରୁ ଫିନା ଏପରି କଡ଼ା ନିଷ୍ପତ୍ତି ନେଇଛି। ଆଲେକଜାଣ୍ଡର କୁଦାଶେଭ ଓ ଭେରୋନିକା ପୋପୋଭା ଆଣ୍ଡ୍ରୁସେଙ୍କୋଙ୍କ ବିରୋଧରେ ବିଶ୍ୱ ନିଶା ନିବାରଣ ସଂସ୍ଥା (ୱାଡା) ଡୋପିଂ ନେଇ ପ୍ରମାଣ ଦେଇଛି। ଫଳରେ ଏହି ଦୁଇ ଖେଳାଳିଙ୍କୁ ବାସନ୍ଦ କରିବାକୁ ପଡ଼ିଲା ବୋଲି ବୁଧବାର ଫିନା ତରଫରୁ କୁହାଯାଇଛି।

ମସ୍କୋସ୍ଥିତ ପୂର୍ବତନ ଆଣ୍ଟି- ଡୋପିଂ ଲାବୋରେଟୋରିରୁ ମିଳିଥିବା ପଦାର୍ଥକୁ ନେଇ ୱାଡା ପରୀକ୍ଷା କରିବା ପରେ ଏହି ପ୍ରମାଣ ମିଳିଥିଲା। ନନ୍ ଫେଡେରେଶନ ରୁଷିଆନ ଭାବେ ଏହି ଦୁଇ ସନ୍ତରଣକାରୀ ଅଲିମ୍ପିକ୍ସରେ ସାମିଲ ହୋଇଥାନ୍ତେ।

## ପରାଜୟ ଧାରା ଭାଙ୍ଗିଲା ଅଷ୍ଟ୍ରେଲିଆ

**ଗ୍ରସ୍‌ଆଇଲେଟ୍ (ସେଣ୍ଟ ଲୁସିଆ), ୧୫।୭ (ଏପି)**

ୱେଷ୍ଟଇଣ୍ଡିଜ ବିପକ୍ଷ ଚତୁର୍ଥ ଅନ୍ତର୍ଜାତୀୟ ଟି୨୦କୁ ଅଷ୍ଟ୍ରେଲିଆ ୪ ରନରେ ଜିତି ନେଇଛି। ଫଳରେ୫ ମ୍ୟାଚ ବିଶିଷ୍ଟ ସିରିଜରେ କ୍ରମାଗତ ୩ ପରାଜୟ ପରେ ଭ୍ରମଣକାରୀ ଦଳର ଏହା ହେଉଛି ପ୍ରଥମ ବିଜୟ। ଦଳକୁ ଜିତାଇବାରେ ମିଚେଲ ମାର୍ଶ ବିଶେଷ ଭୂମିକା ଗ୍ରହଣ କରିଥିଲେ। ସେ ୭୫ ରନ କରିବା ସହ ୩ ଉଇକେଟ ଅକ୍ତିଆର କରିଥିଲେ। ବୁଧବାର ଖେଳାଯାଇଥିବା ଏହି ମ୍ୟାଚର ଅନ୍ତିମ ଓଭରରେ ଆୟୋଜକ ଦଳ ବିଜୟ ପାଇଁ ୧୧ ରନ ଆବଶ୍ୟକ କରୁଥିଲା। ଷ୍ଟାର୍କ ଲଗାତର ୫ ଡଟ୍ ବଲ ବୋଲିଂ କରିଥିଲେ। ହେଲେ ଅନ୍ତିମ ବଲ୍‌ରେ ଏକ ଛକା ଯୋଗୁ ଅଷ୍ଟ୍ରେଲିଆ ୪ ରନରେ ବିଜୟ ଲାଭ କରିଥିଲା। ଦୁଇଥର ବର୍ଷାରେ ବାଧାପ୍ରାପ୍ତ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୬ ଉଇକେଟରେ ୧୮୯ କରିଥିଲା। ମାର୍ଶ ୪୪ବଲ୍‌ରୁ ୭୫ ରନ ସଂଗ୍ରହ କରିଥିଲେ। ସିରିଜରେ ଏହାଥିଲା ତାଙ୍କର ତୃତୀୟ ଅର୍ଦ୍ଧଶତକ। ସେ ଓ ଆରୋନ୍ ଫିଞ୍ଚ୍ (୫୩) ଦ୍ୱିତୀୟ ଉଇକେଟରେ ମହତ୍ୱପୂର୍ଣ୍ଣ ୧୧୪ ରନ ଯୋଗ କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଆକ୍ରମଣାତ୍ମକ ଆରମ୍ଭ କରିଥିଲେ ମଧ୍ୟ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୮୫ ରନ କରିପାରିଥିଲା। ଦଳର ଟପ୍ ସ୍କୋରର ଓପନର ଲେଣ୍ଡଲ ସିମନ୍ସ ୭୨ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ଓଭରରେ ୧୮୯/୬ (ମାର୍ଶ- ୭୫, ଫିଞ୍ଚ୍-୫୩, ଡାନିଏଲ କ୍ରିଷ୍ଟିଆନ୍- ୨୨*; ହେଡେନ ୱାଲ୍ସ-୩/୨୭)। ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୮୫/୬ (ସିମନ୍ସ-୭୨, ଏଭିନ ଲୁଇସ୍-୩୧, ଫାବିଏନ୍‌ଆଲେନ୍-୨୯ ; ମିଚେଲ ମାର୍ଶ- ୩/୨୪, ଆଡାମ ଜାମ୍ପା-୨/୨୦)।

## ପୂର୍ବତନ ଫୁଟବଲ ଖେଳାଳିଙ୍କ ପରଲୋକ



**ଭୁବନେଶ୍ୱର, ୧୫।୭ (କ୍ରୀଡ଼ା ପ୍ରତିନିଧି):** ପୂର୍ବତନ ଫୁଟବଲ ଖେଳାଳି ଦିଲୀପ କୁମାର ମଜୁମଦାରଙ୍କର ଗୁରୁବାର ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ସେ ସନ୍ତୋଷ ଟ୍ରଫି ଜାତୀୟ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଫୁଟବଲ ସହିତ ଜଣେ ହକି ଖେଳାଳିଭାବେ ମଧ୍ୟ ସେ ପରିଚିତ ଥିଲେ। ତାଙ୍କ ପରଲୋକରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## କାଉଣ୍ଟି ଏକାଦଶ ସହ ୱାର୍ମଅପ୍ ଖେଳିବ ଭାରତ

**ଡରହାମ, ୧୫।୭ (ପି.ଟି.):** ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ କାଉଣ୍ଟି ସିଲେକ୍ଟ ଏକାଦଶ ସହ ଏକ ୩ ଦିନିଆ ୱାର୍ମଅପ୍ ମ୍ୟାଚ ଖେଳିବ ଟିମ୍ ଇଣ୍ଡିଆ। ୱାରୱିକଶାୟାର ଅଧିନାୟକ ୱିଲଫ୍ରେଡ୍ ରୋଡ୍ସ ୧୪ ଜଣିଆ କାଉଣ୍ଟି ଦଳର ନେତୃତ୍ୱ ନେବେ। ସ୍ଥାନୀୟ ରିଭର୍ସ ସାଇଡ୍ ଗ୍ରାଉଣ୍ଡରେ ଏହି ମ୍ୟାଚ ଚଳିତମାସ ୨୦ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୂର୍ବତନ ଇଂଲଣ୍ଡ ବୋଲର ତଥା ବର୍ତ୍ତମାନ ୟଙ୍ଗ ଲାୟନ୍ସ (ଏ-ଟିମ୍) ମୁଖ୍ୟ କୋଚ୍ ରିଚାର୍ଡ ଡସନ କାଉଣ୍ଟି ଦଳର ଦାୟିତ୍ୱରେ ରହିବେ। ପୂର୍ବ ବର୍ଷ ମାନଙ୍କରେ ଏହି ଦଳର ନାମଥିଲା 'କମ୍ବାଇଣ୍ଡ କାଉଣ୍ଟିଜ''। ଏହି ଦଳ ଭ୍ରମଣକାରୀ ଟିମ୍ ବିପକ୍ଷରେ ପ୍ରଥମଶ୍ରେଣୀ କ୍ରିକେଟ ଖେଳିଥାଏ। ମ୍ୟାଚ ବିନା ଦର୍ଶକରେ ଅନୁଷ୍ଠିତ ହେବ।

## ଟି୨୦ ସିରିଜ ହାରିଲା ଭାରତୀୟ ମହିଳା ଦଳ

**ଚେଲମ୍ସଫର୍ଡ, ୧୫।୭**

ଭାରତ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଇଂଲଣ୍ଡ ୮ ଉଇକେଟରେ ବିଜୟୀ ହୋଇଛି। ଓପନର ଡ୍ୟାନି ହ୍ୱେଟ୍‌ଙ୍କ ଅପରାଜିତ ୮୯ ରନ (୫୬ ବଲ, ୧୨ ଚୌକା, ୧ ଛକା)ର ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ବଳରେ ଇଂଲଣ୍ଡ ୮ ବଲ ବାକି ରଖି ଅତି ସହଜରେ ବିଜୟ ହାସଲ କରିଛି। ଏଥିସହ ଇଂଲଣ୍ଡ ୨-୧ରେ ସିରିଜ ବିଜୟ ହାସଲ କରିଛି। ସାରା ସିରିଜରେ ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ନାତାଲି ସ୍କିଭର ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ସେହିପରି ମ୍ୟାଚ୍ ବିଜୟୀ ଇନିଂସ ପାଇଁ ହ୍ୱେଟ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।

ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୧୮.୪ ଓଭରରେ ୨ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ଇଂଲଣ୍ଡ ତରଫରୁ ଅନ୍ୟତମ ଖେଳାଳି ସ୍କିଭର ୪୨ ରନ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଓପନର ସ୍ମୃତି ମନ୍ଧାନା ସର୍ବାଧିକ ୭୦ (୫୧ ବଲ, ୮ ଚୌକା, ୨ ଛକା), ଅଧିନାୟିକା ହରମନପ୍ରୀତ କୌର ୩୬ ରନ କରିଥିଲେ। ଇଂଲଣ୍ଡ ତରଫରୁ ସୋଫି ଏକ୍କେଷ୍ଟୋନ ୩, କାଥେରାଇନ ବ୍ରଣ୍ଟ ୨ ଓ ସ୍କିଭର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଏହାପୂର୍ବରୁ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ମଧ୍ୟ ୧-୨ରେ ପରାସ୍ତ ହୋଇଥିଲା। ତେବେ ଏକମାତ୍ର ଟେଷ୍ଟରେ ଖରାପ ଆରମ୍ଭ କରିଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ଭାରତ ଡ୍ର ରଖି ମନସ୍ତାତ୍ତ୍ୱିକ ବିଜୟ ହାସଲ କରିଥିଲା। ଏବେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଗସ୍ତ କରି ଏକମାତ୍ର ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୫୩/୬ (ମାନ୍ଧନା- ୭୦, ହରମନପ୍ରୀତ- ୩୬, ରିଚା- ୨୦, ଏକ୍କେଷ୍ଟୋନ- ୩/୩୫, ବ୍ରଣ୍ଟ- ୨/୨୭, ସ୍କିଭର- ୧/୧୬)। ଇଂଲଣ୍ଡ ୧୮.୪ ଓଭରରେ ୧୫୪/୨ (ହ୍ୱେଟ- ୮୯*, ସ୍କିଭର- ୪୨, ଦୀପ୍ତି- ୧/୨୯, ରାଣା- ୧/୨୭)।



ସିରିଜ ବିଜୟୀ ଇଂଲଣ୍ଡ ମହିଳା କ୍ରିକେଟ ଦଳ।

# ଟିମ୍ ଇଣ୍ଡିଆକୁ ଝଟକା




**ନୂଆଦିଲ୍ଲୀ/ ଲଣ୍ଡନ, ୧୫।୭ (ପି.ଟି.):** ଇଂଲଣ୍ଡ ଟୁର୍‌ରେ ଥିବା ଭାରତୀୟ କ୍ରିକେଟ ଦଳରେ କରୋନା ସଂକ୍ରମଣ ଦେଖାଦେଇଛି। କୋଭିଡ୍ ଟେଷ୍ଟରେ ଉଇକେଟକିପର-ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଏବଂ ଥ୍ରୋଡାଉନ୍ ସ୍ପେଶାଲିଷ୍ଟ ଦୟାନନ୍ଦ ଗାରାନୀ ପଜିଟିଭ ଚିହ୍ନଟ ହୋଇଛନ୍ତି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅନ୍ୟ ୩ ଜଣଙ୍କୁ ଆଇସୋଲେଶନରେ ରଖାଯାଇଛି। ଆସନ୍ତା ମାସରେ ଭାରତ ଆୟୋଜକ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି।

ଗାରାନୀଙ୍କ ସହ ସଂସ୍ପର୍ଶରେ ଆସିଥିବାରୁ ବୋଲିଂ କୋଚ୍ ଭରତ ଅରୁଣ, ରିଜର୍ଭ ଉଇକେଟକିପର ରିଦ୍ଧିମାନ ଶାହା ଓ ଷ୍ଟାଣ୍ଡବାଇ ଓପନର ଅଭିମନ୍ୟୁ ଈଶ୍ୱରନଙ୍କୁ ଆଇସୋଲେଶନରେ ରଖାଯାଇଛି। ଖବର ଅନୁସାରେ କୋଭିଡ୍ ଟେଷ୍ଟରେ ଅରୁଣ, ଈଶ୍ୱରନ ଓ ଶାହାଙ୍କର ନେଗେଟିଭ ଆସିଛି। ମାତ୍ର ସେମାନଙ୍କୁ ୟୁନାଇଟେଡ୍ କିଙ୍ଗଡମ (ୟୁକେ) ସରକାରଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରୋଟୋକଲକୁ ମାନି ଚଳିବାକୁ ହେବ। ଏହି ୫ଜଣ ବର୍ତ୍ତମାନ ଲଣ୍ଡନରେ ଅଛନ୍ତି। ୨୦ ଦିନ ଛୁଟି ପରେ ଦଳର ଅବଶିଷ୍ଟ ସଦସ୍ୟ ସନ୍ଧ୍ୟାରେ ଡରହାମ୍‌ରେ ପହଞ୍ଚିଛନ୍ତି। ବସ୍‌ରେ ଲଣ୍ଡନରୁ ଡରହାମ୍ ପର୍ଯ୍ୟନ୍ତ ସେମାନଙ୍କୁ ୫ ଘଣ୍ଟା ଯାତ୍ରା କରିବାକୁ ପଡ଼ିଛି। ପନ୍ତ ଓ ଶାହା ଜୁଲାଇ ୨୦ରୁ ମିଳିତ କାଉଣ୍ଟି ଦଳ ବିପକ୍ଷ ଅଭ୍ୟାସ ମ୍ୟାଚ ଖେଳିପାରିବେ ନାହିଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ପ୍ରକାଶ ପନ୍ତ ଗତ ୮ ଦିନ ହେବ କ୍ୱାରାଣ୍ଟାଇନ୍‌ରେ

## ପନ୍ତ, ଗାରାନୀ ପଜିଟିଭ, ଅନ୍ୟ ୩ ଆଇସୋଲେଶନରେ

ରହି ଆସୁଛନ୍ତି। ବର୍ତ୍ତମାନ କିନ୍ତୁ ତାଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଉ ନାହିଁ। ହେଲେ ଏହି ୨୩ବର୍ଷୀୟ ଖେଳାଳି କେବେ ଦଳ ସହ ଯୋଗଦେବେ ତାହା ସ୍ପଷ୍ଟ କରାଯାଇ ନାହିଁ। ଆସନ୍ତା ୨ ଦିନ ମଧ୍ୟରେ ତାଙ୍କର କୋଭିଡ୍ ଟେଷ୍ଟ ହେବ। ପନ୍ତ ଏବଂ ଆଘାତପ୍ରାପ୍ତ ଶୁବମନ ଗିଲ୍‌ଙ୍କୁ ଛାଡ଼ି ଦଳର ଅନ୍ୟ ସମସ୍ତ ଖେଳାଳି ଗୁରୁବାର ଲଣ୍ଡନରୁ ଡରହାମ୍ ଗସ୍ତ କରିଛନ୍ତି। ଚଳିତମାସ ପ୍ରଥମ ଭାଗରେ ଗିଲ୍‌ଙ୍କ ଗୋଡ଼ରେ ଆଘାତ ଲାଗିଛି। ଏହି ବାମହାତୀ ଯୁବ ବ୍ୟାଟ୍ସମ୍ୟାନଙ୍କୁ ଟିମ୍‌ର ବାୟୋ-ବବଲ ଛାଡ଼ିବାକୁ ହୋଇଛି। ୟୁନାଇଟେଡ୍ କିଙ୍ଗଡମ୍‌ରେ କୋଭିଡ୍ ସଂଖ୍ୟା ବୃଦ୍ଧି ପାଉଥିବା ବିଷୟ ବିସିସିଆଇ ସମ୍ପାଦକ ଜୟ ଶାହା ଇ-ମେଲ୍ ଜରିଆରେ ଭାରତୀୟ ଦଳକୁ ଚେତାଇଦେବାର କିଛି ଦିନ ପରେ ଏହି ଖବର ଆସି ପହଞ୍ଚିଥିଲା। ଖେଳାଳିମାନଙ୍କୁ ପ୍ରୋଟୋକଲ୍‌କୁ କଡ଼ାକଡ଼ି ଭାବେ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଗତ ମାସରେ ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ମ୍ୟାଚ ଖେଳିସାରିବା ପରେ ଖେଳାଳିମାନଙ୍କୁ ଛୁଟି ଦିଆଯାଇଥିଲା। ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା ଏକ ସାକ୍ଷାତ୍‌କାରରେ କହିଛନ୍ତି, କେବଳ ଜଣେ ଖେଳାଳି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି, ଯିଏକି ଗତ ୮ ଦିନ ହେଲା ଆଇସୋଲେଶନରେ ଅଛନ୍ତି। ଖେଳାଳି ଜଣକ ଟିମ୍ ହୋଟେଲରେ ରହୁ ନ ଥିଲେ। ଅନ୍ୟ କୌଣସି ଖେଳାଳି ଏପର୍ଯ୍ୟନ୍ତ ପଜିଟିଭ ଚିହ୍ନଟ ହୋଇନାହାନ୍ତି। ଇଂଲଣ୍ଡରେ ଡେଲ୍‌ଟା ଭାଇରାଣ୍ଟ ସଂକ୍ରମଣ ବଢ଼ିବାରେ ଲାଗିଛି। ପନ୍ତ ଏଥିରେ ସଂକ୍ରମିତ ହୋଇଥିବା କୁହାଯାଉଛି। ଗତ ମାସରେ ସେ ୟୁରୋପିଆନ ଚାମ୍ପିୟନଶିପ୍‌ର ଏକ ମ୍ୟାଚ ଦେଖିଥିଲେ। ସେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ କେତେକ ଫଟୋ ମଧ୍ୟ ପୋଷ୍ଟ କରିଥିଲେ। ସେ ସାମାନ୍ୟ ଜ୍ୱର ଅନୁଭବ କରିବାରୁ ତାଙ୍କର କୋଭିଡ୍ ଟେଷ୍ଟ କରାଯାଇଥିଲା। ଶାହା ଇ-ମେଲ୍‌ରେ ଖେଳାଳିମାନଙ୍କୁ ତାଙ୍କ ଚିଠିରେ ଯଥାସମ୍ଭବ ଭିଡ଼କୁ ଏଡାଇଯିବାକୁ କହିଥିଲେ। ନିକଟରେ ଶେଷ ହୋଇଥିବା ୱିମ୍ବେଲଡନ ଓ ୟୁରୋ ଚାମ୍ପିୟନଶିପ୍ ଦେଖିବାକୁ ନ ଯିବା ଲାଗି ସେ ପରୋକ୍ଷରେ କହିଥିଲେ।

# ପୋଗାକାର ଟାଇଟଲ ନିକଟତର



**ଲୁଜ୍ ଆର୍ଡିଡେନ୍, ୧୫।୭**

ସ୍ଲୋଭେନିଆର ଟାଡେଜ ପୋଗାକାର (ୟୁଏଇ ଟିମ୍ ଏମିରେଟ୍ସ) ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ୧୮ତମ ବିଜେତା ହୋଇଛନ୍ତି। ଏଥିସହିତ ସେ ଟାଇଟଲ ନିକଟତର ହୋଇଛନ୍ତି। ଗୁରୁବାର ପାଉଠାରୁ ଲୁଜ୍ ଆର୍ଡିଡେନ୍ ୧୨୯.୭ କିଲୋମିଟର ବିଶିଷ୍ଟ ଚଳିତବର୍ଷର ଶେଷ ପାର୍ବତ୍ୟାଞ୍ଚଳ ରେସ୍‌କୁ ସେ ୩ ଘଣ୍ଟା ୩୩ ମିନିଟ ୨୫ ସେକେଣ୍ଡରେ ଶେଷ କରିଥିଲେ। ସେ ରେସ୍‌ର ଶେଷ ୫୦୦ ମିଟର ତାଙ୍କ ସ୍ପିଡ୍ ବଢାଇଥିଲେ। ସେ ଡେନ୍‌ମାର୍କର ଜୋନାସ ଭିଙ୍ଗେଗାର୍ଡ ଓ ଇକ୍ୱେଡରର ରିଚାର୍ଡ କାରାପାଜ୍‌ଙ୍କୁ ୨ ସେକେଣ୍ଡ ବ୍ୟବଧାନରେ ପଛରେ ପକାଇ ଦେଇଥିଲେ। ଆଉ ୩ଟି ରେସ୍ ବାକି ରହିଛି। ରବିବାର ଇଭେଣ୍ଟର ଫାଇନାଲ ରେସ୍ ହେବ। ପୋଗାକାର ଜେନେରାଲ କ୍ଲାସିଫିକେଶନରେ ଭିଙ୍ଗେଗାର୍ଡଙ୍କଠାରୁ ୫ ମିନିଟ ୪୫ ସେକେଣ୍ଡ ଏବଂ ତୃତୀୟ ସ୍ଥାନରେ ଥିବା କାରାପାଜ୍‌ଙ୍କଠାରୁ ଆହୁରି ୬ ସେକେଣ୍ଡ ଆଗରେ ରହିଛନ୍ତି। ଅଷ୍ଟ୍ରେଲିଆର ବେନ୍ ଓ'କନର ୮ମିନିଟ ୧୮ ସେକେଣ୍ଡ ବ୍ୟବଧାନରେ ଚତୁର୍ଥ ସ୍ଥାନରେ ରହିଛନ୍ତି।

# ଟିମ୍ ହୋଟେଲରେ ପୋଲିସ ଚଢ଼ାଉ

**ୱାଶିଂଟନ, ୧୫।୭:** ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ରେ ଭାଗ ନେଇଥିବା ବାହାରିନ୍ ଭିକ୍ଟୋରିଅସ୍ ଟିମ୍ ବିରୋଧରେ ଡୋପିଂ ଅଭିଯୋଗ ଆସିଛି। ଫଳରେ ଟିମ୍ ରହୁଥିବା ହୋଟେଲରେ ଫ୍ରାନ୍ସ ପୋଲିସ ଚଢାଉ କରିଛି। ଗୁରୁବାର ଇଭେଣ୍ଟର ୧୮ତମ ଷ୍ଟେଜ୍ ବେଳେ ବିଚାର ବିଭାଗର ନିର୍ଦ୍ଦେଶକ୍ରମେ ପୋଲିସ ଚଢାଉ କରିଥିଲେ। ମର୍ଶେଲି ପ୍ରୋସିକ୍ୟୁଟର ତଦନ୍ତ ଦାୟିତ୍ୱରେ ରହିଛନ୍ତି। ଫ୍ରେଞ୍ଚ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ସର୍ଚ ଅପରେଶନରେ ସ୍ପେସାଲ ପବ୍ଲିକ ୟୁନିଟ୍‌ର ପ୍ରାୟ ୨୫ଜଣ ଅଫିସର ସାମିଲ ହୋଇଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ତୈଳ ଦର ବୃଦ୍ଧି ପ୍ରତିବାଦରେ ରାସ୍ତାରୋକୋ

**ଖୁଣ୍ଟୁଣୀ,୧୫।୭(ଡି.ଏନ.ଏ.):** ତୈଳ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ପ୍ରତିବାଦରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଆଠଗଡ଼ ଜୋନାଲ କମିଟି ପକ୍ଷରୁ ଗୁରୁବାର ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଖୁଣ୍ଟୁଣୀ ଗୋଲେଇ ଛକଠାରେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଜିଲା ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ନେତୃତ୍ୱ ଏବଂ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଆଠଗଡ଼ ଜୋନାଲ କମିଟି ସମ୍ପାଦକ ଦୀପକ ନାଏକଙ୍କ ଆବାହକତ୍ୱରେ ବିଭୁପ୍ରସାଦ ଲେଙ୍କା, ପ୍ରଦୀପ ରଞ୍ଜନ ବେଉରା, ସନ୍ତୋଷ ବେହେରା, ଉପେନ୍ଦ୍ର ମହାନ୍ତି, ଟୁକୁନା ଦାସ, ଶଙ୍କର ସାହୁ, ଉଦ୍ଧବ ନାୟକ, ପ୍ରଫୁଲ୍ଲ ବେହେରାଙ୍କ ସମେତ କମିଟିର ସଦସ୍ୟମାନେ ପ୍ଲାକାର୍ଡ ଧରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ରାସ୍ତାରୋକୋ ଯୋଗୁ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। ଖୁଣ୍ଟୁଣୀ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଖୁଣ୍ଟୁଣୀ, ୧୫।୭(ଡି.ଏନ.ଏ.):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ବଳିପୁର ଗ୍ରାମର ଏକ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଳିପୁର ଗ୍ରାମର ସେନ୍ତେରା ପଧାନ। ଗୁରୁବାର ମଧାହ୍ନରେ ସେ ବିଲରୁ କାମ ସାରି ଉକ୍ତ ପୋଖରୀରେ ଗାଧୋଉଥିବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଖବରପାଇ ଗୁରୁଡିଝାଟିଆ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସେନ୍ତେରାଙ୍କୁ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନା ପଠାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୨/୨୧) ରୁଜୁ ହୋଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୧୫।୭(ଡି.ଏନ୍.ଏ.):** ଟିପିଏମ୍ ଫାଣ୍ଡି ଅଧୀନ ସିମିଳିହାଣ୍ଡ ଗ୍ରାମର ଏକ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ପ୍ରଦୀପ କୁମାର ରାଜ୍। ସେ ନିଜ ମାମୁଘର ସିମିଳିହାଣ୍ଡରେ ରହୁଥିଲେ। ଗୁରୁବାର ଶୋଇବା ଘର ଫ୍ୟାନରେ ତାଙ୍କ ମୃତଦେହ ଝୁଲୁଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ମୃତଦେହ ନିକଟରୁ ପୋଲିସ ଏକ ସୁଇସାଇଡ୍ ନୋଟ ଜବତ କରିଛି। ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ସେଥିରେ ଉଲ୍ଲେଖ ରହିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧୫/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ଦେଶୀ ମଦ ଜବତ: ୨ଗିରଫ
### ୧୨୦୦ ଲିଟର ପୋଚ ନଷ୍ଟ

**ବାଙ୍କୀ,୧୫।୭(ସ୍ୱ.ପ୍ର.):** ବାଙ୍କୀ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ରଣପୁର ଗ୍ରାମରେ ଚଢ଼ାଉ କରାଯାଇ କମଳ ଦଳେଇ ଓ ସୁକାନ୍ତ ଦଳେଇଙ୍କ ଠାରୁ ୨୭ ଲିଟର ଦେଶୀମଦ ଜବତ କରାଯାଇଛି। ଏହି ଘଟଣାରେ ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେହିପରି ବ୍ଲକ ଅନ୍ତର୍ଗତ ପଶାଣିଆ ଜଙ୍ଗଲରେ ଚଢ଼ାଉ କରାଯାଇ ମଦ ପ୍ରସ୍ତୁତ ନିମନ୍ତେ ଥିବା ୧୨୦୦ଲିଟର ଗୁଡ଼ପୋଚକୁ ନଷ୍ଟ କରିଦିଆଯାଇଛି। ଏଥିସହ ଚୁଲିକୁ ଭାଙ୍ଗି ଦିଆଯାଇଛି। ବାଙ୍କୀ ଅବକାରୀ ଏସ୍ଆଇ ତେଲେସ୍ପର ଲାକ୍ରାଙ୍କ ତତ୍ତ୍ୱାବଧାନ ଏହି ଚଢ଼ାଉ ହୋଇଥିଲା।

### ମହଙ୍ଗା ଭତ୍ତା ପ୍ରଦାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**କଟକ ଅଫିସ,୧୫।୭:** କୋଭିଡ୍ ମହାମାରୀ ଆଳରେ କେନ୍ଦ୍ର ଓ ରାଜ୍ୟ ସରକାର ୨୦୨୦ ଜାନୁୟାରୀ ଠାରୁ ୨୦୨୧ ଜୁଲାଇ ପର୍ଯ୍ୟନ୍ତ ୧୮ ମାସର ୩ କିସ୍ତି ମହଙ୍ଗା ଭତ୍ତା କର୍ମଚାରୀଙ୍କୁ ଦେଇନାହାନ୍ତି। ଏହି ସମୟ ମଧରେ ତୈଳ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି। ଏବେ ସରକାରଙ୍କ ସମସ୍ତ ଯୋଜନା ଓ କାର୍ଯ୍ୟ ଜାରି ରହିଛି। ତେଣୁ ବର୍ତ୍ତମାନ କର୍ମଚାରୀ ଓ ଶିକ୍ଷକମାନଙ୍କ କାର୍ଯ୍ୟର ଗୁରୁତ୍ୱକୁ ବିଚାର କରି ଅବିଳମ୍ବେ ୩ଟି କିସ୍ତି ମହଙ୍ଗା ଭତ୍ତା ପ୍ରଦାନ ଦାବିରେ ଗୁରୁବାର ବିଶ୍ୱ ମୋହନ ମହାପାତ୍ର, ବିଭୁତି ଭୂଷଣ ମିଶ୍ର, ବିକାଶ ଚନ୍ଦ୍ର ମହାପାତ୍ର, ଧ୍ରୁବ ଚରଣ ଦେହେରୁ, ବସନ୍ତ ବେହେରା, ବୀରେନ୍ ପଣ୍ଡା, ବିମଳ ରାଉତ, ଶାନ୍ତିଲତା ସାହୁ, ଭାନୁପ୍ରଭା ମହାନ୍ତି, ସନ୍ତୋଷ ତ୍ରିପାଠୀ ଓ ଗୋପୀନାଥ ବାରିକଙ୍କ ନେତୃତ୍ୱରେ କଟକ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।



ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ବାଦାମବାଡ଼ି ମୁଖ୍ୟ ରାସ୍ତା ଶୂନଶାନ୍।



ମାଲଗୋଦାମ ଅଞ୍ଚଳରେ ଦୋକାନ ଖୋଲା ରହିଛି।

# ରାସ୍ତା ଶୂନ୍‌ଶାନ, ଦୋକାନ ଖୋଲା

**କଟକ ଅଫିସ/ ଚୌଦ୍ୱାର/ ନିଶ୍ଚିନ୍ତକୋଇଲି, ୧୫।୭(ଡି.ଏନ.ଏ./ ସ୍ୱ.ପ୍ର.)**

ତୈଳ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ବୃଦ୍ଧି ପ୍ରତିବାଦରେ ରାଜ୍ୟର ବାମପନ୍ଥୀ ଦଳଗୁଡିକ ପକ୍ଷରୁ ଗୁରୁବାର ୬ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ତେବେ କଟକ ସହରରେ ଏହି ବନ୍ଦ ପ୍ରଭାବ ଆଂଶିକ ମାତ୍ରାରେ ଦେଖିବାକୁ ମିଳିଥିଲା। କିଛି ସମୟ ପାଇଁ ରାସ୍ତାଘାଟ ଶୂନ୍‌ଶାନ ହୋଇଥିବାବେଳେ ସହରରେ ସମସ୍ତ ଦୋକାନ ଖୋଲା ରହିଥିଲା। ବିଶେଷକରି ବ୍ୟବସାୟୀକ ପେଣ୍ଠସ୍ଥଳ ମାଲଗୋଦାମରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ସହରର ସମସ୍ତ ପେଟ୍ରୋଲ ଟାଙ୍କି ବନ୍ଦ ରହିଥିଲା। ସିପିଆଇ(ଏମ୍) ପକ୍ଷରୁ ଖପୁରିଆଠାରେ ପ୍ରତିବାଦସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ନଗର କମିଟି ସମ୍ପାଦକ ପ୍ରତାପ ମହାପାତ୍ର, ସିପିଆଇ(ଏମ୍)ର କଟକ ଜିଲା କମିଟି ସଭ୍ୟ ମଧୁସୂଦନ ପତି, ଅଭୟ ସ୍ୱାଇଁ, ସୁଭାଷ ଚନ୍ଦ୍ର ବେଜ୍, ଇଂ. ମନମୋହନ ପତି, ଭଞ୍ଜ କିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିପିଆଇ ଓ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ସିପିଆଇ କଟକ ନଗର ସମ୍ପାଦକ ବିନୋଦ ବେହେରା ଯୋଗଦେଇ ତୈଳଦର ହ୍ରାସ, ଆୟକର ଦେଉ ନ ଥିବା ବ୍ୟକ୍ତିଙ୍କୁ ମାସିକ ୭,୫୦୦ ଟଙ୍କା ୬ ମାସ ପର୍ଯ୍ୟନ୍ତ ପ୍ରଦାନ କରିବା ଭଳି ଦାବି କରିଥିଲେ। ଯଦି ଦାବି ପୂରଣ ନ ହୁଏ ଆଗାମୀ ସଂସଦ ଅଧିବେଶନ ସମୟରେ ବାମ ଦଳ ଓ ଗଣତାନ୍ତ୍ରିକ ଦଳ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏଥିସହ ଏସ୍‌ୟୁସିଆଇ(ସି) ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ସମ୍ପାଦକ ବିଶ୍ୱାବସୁ ଦାସ, ଜିଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ସସ୍ମିତା ମହାନ୍ତି, ସିଦ୍ଧାର୍ଥ ରଥ ପ୍ରମୁଖ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

ଚୌଦ୍ୱାର ଅଞ୍ଚଳରେ ବନ୍ଦ୍‌ର ପ୍ରଭାବ ଆଂଶିକ ମାତ୍ରାରେ ପଡିଛି। ଚୌଦ୍ୱାରର ସିପିଆଇ(ଏମ୍) ନେତା ଜୟ ସିଂ, ଡମ୍ବରୁଧର ସାହୁ, ବିଷ୍ଣୁଚରଣ ବେହେରା, ରମେଶ ବେହେରା, କୃପାସିନ୍ଧୁ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଓଟିଏମ୍ ବଜାର, ଗାନ୍ଧୀଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ନେଇ ୫୫ନଂ. ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡି ଚଳାଚଳ ବନ୍ଦ ରହିଥିବା ସହିତ କିଛି ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା ।

ତୈଳ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପ୍ରତିବାଦରେ ନିଶ୍ଚିନ୍ତକୋଇଲି ହାଇସ୍କୁଲ ପଡ଼ିଆରୁ ସିପିଆଇ କର୍ମୀମାନେ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ବସଷ୍ଟାଣ୍ଡ ନିକଟରେ ପ୍ରତିବାଦ କରିଥିଲେ। କଣ୍ଡୁରୀ ଚରଣ ପାତ୍ର ଓ ତ୍ରୈଲୋକ୍ୟ ନାଥ ଏହାର ନେତୃତ୍ୱ ନେଇଥିଲେ।

## ସହରରେ ବନ୍ଦର ଆଂଶିକ ପ୍ରଭାବ




ସିପିଆଇ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ।

# ତଦନ୍ତ ରିପୋର୍ଟ ଦାଖଲ ପାଇଁ ସରକାର ସମୟ ନେଲେ

**କଟକ ଅଫିସ,୧୫।୭**

## ପୁରୀ ହାଜତ ମୃତ୍ୟୁ ମାମଲା

ପୁରୀ ହାଜତ ମୃତ୍ୟୁକୁ ନେଇ ହାଇକୋର୍ଟରେ ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାର ତଦନ୍ତ ରିପୋର୍ଟ ଦାଖଲ କରି ନ ପାରି ଅଧିକ ସମୟ ନେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀଙ୍କ ମିଳିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆସନ୍ତା ଅଗଷ୍ଟ ୧୮ ତାରିଖ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପୁରୀର ଶରତ କୁମାର ରାୟଗୁରୁଙ୍କ ପକ୍ଷରୁ ଆଇନଜୀବୀ ଦୀପକ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

ଗତବର୍ଷ ନଭେମ୍ବରରେ ପୁରୀ ବାସେଳିସାହି ଥାନାରେ ଲୋକନାଥ ରୋଡ ଅଞ୍ଚଳର କେ. ରମେଶ(୩୩)ଙ୍କୁ ମାଡ ମରାଯାଇଥିଲା। ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ହାଜତରେ ରମେଶଙ୍କୁ ପୋଲିସ ପିଟି ପିଟି ମାରିଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏନେଇ ହାଇକୋର୍ଟରେ ରାୟଗୁରୁ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ହାଇକୋର୍ଟ ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। ବୁଧବାର ରାଜ୍ୟ ସରକାର ତଦନ୍ତ ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ କରିବାର ଥିଲେ ମଧ ତାହା କରିପାରିନାହାନ୍ତି। ରଥଯାତ୍ରା ଯୋଗୁ ତଦନ୍ତ ରିପୋର୍ଟ ପ୍ରସ୍ତୁତିରେ ବିଳମ୍ବ ହେବାରୁ ସରକାର ଏଥିପାଇଁ ଅଧିକ ସମୟ ମାଗିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୮ ତାରିଖକୁ ଧାର୍ଯ୍ୟ ହୋଇଛି। ଏହି ସମୟ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

# ଟିକାକରଣ ବନ୍ଦ ହେବାରୁ ଅସନ୍ତୋଷ

**ସାଲେପୁର,୧୫।୭(ଡି.ଏନ୍.ଏ.)**

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୯ ଦିନ ପରେ ଟିକାକରଣ ଆରମ୍ଭ ହୋଇଥିଲା। ବୁଧବାର ଗୋଟିଏ ଦିନ ଟିକା ଦିଆଯିବାପରେ ପୁନର୍ବାର ବନ୍ଦ ହୋଇଯାଇଛି। ଟିକା ପାଇଁ ପ୍ରବଳ ଭିଡ ଜମୁଥିବା ବେଳେ ଟିକା ମିଳୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସାଲେପୁର ବ୍ଲକକୁ ୮୦ହଜାର ଟିକାର ଆବଶ୍ୟକତା ଥିବାବେଳେ ଏପର୍ଯ୍ୟନ୍ତ କେବଳ ୨୩ହଜାରଙ୍କୁ ଟିକା ଦିଆଯାଇଛି। ଏହାଛଡା ୨ୟ ଡୋଜ ଟିକା ପାଇଁ ୪ହଜାର ଲୋକ ଅପେକ୍ଷାରେ ରହିଛନ୍ତି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବିଜୟ କୁମାର ପ୍ରଧାନ କହିଛନ୍ତି। ଟିକା ବନ୍ଦ ସମ୍ପର୍କରେ ସେ କହିଛନ୍ତି, ଆବଶ୍ୟକ ଅନୁସାରେ ଟିକା ମିଳୁ ନ ଥିବାରୁ ଅଧିକ ଲୋକଙ୍କ ଭିଡ଼ ଜମୁଛି। ବ୍ଲକକୁ ଆସିଥିବା ଟିକା ସବୁ ଶେଷ ହୋଇଯାଇଥିବାରୁ ଟିକାକରଣ ବନ୍ଦ ହୋଇଯାଇଛି। ଖୁବ୍‌ଶୀଘ୍ର ସମସ୍ତଙ୍କୁ ଟିକା ଦେବାକୁ ବ୍ୟବସ୍ଥା କରାଯିବ ବୋଲି ପ୍ରଧାନ କହିଛନ୍ତି।

# ନିଖୋଜ ବାଳକଙ୍କ ମୃତଦେହ ମିଳିଲା

**କଟକ ଅଫିସ,୧୫।୭**

## ଟ୍ରେନ୍ ଧକ୍କାରେ ନଦୀକୁ ଖସି ପଡ଼ିଥିଲେ

ଟ୍ରେନ୍ ଧକ୍କାରେ ନିଖୋଜ ହୋଇଥିବା ବାଳକଙ୍କ ମୃତଦେହ ଗୁରୁବାର କାଠଯୋଡ଼ି ନଦୀରୁ ଉଦ୍ଧାର କରାଯାଇଛି। ମୃତକ ହେଲେ ବିଶିନାବର ଅଞ୍ଚଳର ମିଟୁ ମହାନ୍ତିଙ୍କ ପୁଅ ମଙ୍ଗୁ ଓରଫ ସୁଜିତ। ବୁଧବାର ସନ୍ଧ୍ୟାରେ ସେ ସାଙ୍ଗମାନଙ୍କ ସହିତ ଖାନ୍‌ନଗରସ୍ଥିତ ମଣିମନ୍ଦିର ନିକଟରେ ମୋବାଇଲରେ ଫ୍ରି ଫାୟାର ଗେମ୍ ଖେଳୁଥିଲେ। ପରେ ସେମାନେ ମନ୍ଦିର ସମ୍ମୁଖ କାଠଯୋଡି ରେଳ ଧାରଣା ଉପରେ ଯାଇଥିଲେ। ମଙ୍ଗୁ କାନରେ ଇୟର ଫୋନ୍ ଦେଇ ଆଗରେ ଯାଉଥିବାବେଳେ ପଛରେ ଅନ୍ୟ ୩ ସାଙ୍ଗ ଯାଉଥିଲେ। ଏହି ସମୟରେ ଏକ ଟ୍ରେନ୍ ମଙ୍ଗୁଙ୍କୁ ଧକ୍କା ଦେବାରୁ ସେ କାଠଯୋଡି ନଦୀକୁ ଖସିପଡିଥିଲେ। ତେବେ ପଛରେ ଥିବା ତିନିଜଣ ସାଙ୍ଗ ରେଲୱେ ବାଡାକୁ ଧରି ପକାଇବାରୁ ଅଳ୍ପକେ ରକ୍ଷା ପାଇଯାଇଥିଲେ। ଏହାପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନଦୀରେ ଖୋଜା କରିଥିଲେ ମଧ ସନ୍ଧ୍ୟା ସୁଦ୍ଧା ମଙ୍ଗୁଙ୍କ ପତ୍ତା ପାଇ ନ ଥିଲେ। ଗୁରୁବାର ସକାଳେ ପୁଣି ଖୋଜାଖୋଜି କରିବା ପରେ ନଦୀରୁ ତାଙ୍କ ମୃତଦେହ ମିଳିଥିଲା। ଏନେଇ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପେନ୍‌ସନଭୋଗୀଙ୍କୁ ମାସିକ ୯ ହଜାର ଭତ୍ତା ପ୍ରଦାନ ଦାବି

**କଟକ ଅଫିସ, ୧୫।୭**

ଦେଶରେ ଥିବା ୬୭ ଲକ୍ଷ ଇପିଏଫ୍ ପେନ୍‌ସନ୍ ଭୋଗୀଙ୍କୁ ସାମାଜିକ ସୁରକ୍ଷା ଓ ନ୍ୟାୟ ପ୍ରଦାନ ପାଇଁ ଅଲ୍ ଇଣ୍ଡିଆ ଇପିଏଫ୍ ପେନ୍‌ସନର୍ସ ସଂଘ ପକ୍ଷରୁ ଗୁରୁବାର କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ଇପିଏଫ୍ ପେନ୍‌ସନ୍ ଭୋଗୀମାନେ ମାସିକ ୩୦୦ରୁ ୩୦୦୦ ଟଙ୍କା ଭତ୍ତା ପାଉଛନ୍ତି। ଫଳରେ ସେମାନଙ୍କ ଚଳିବା କଷ୍ଟକର ହୋଇପଡୁଛି। ଖୋସୟାରି କମିଟି ୨୦୧୩ ସୁପାରିସ ଆଧାରରେ ସର୍ବନିମ୍ନ ମାସିକ ଭତ୍ତା ୯ ହଜାର ଟଙ୍କା ଏବଂ ଦରଦାମ୍ ବୃଦ୍ଧି ଭରଣା ପାଇଁ ମହଙ୍ଗା ଭତ୍ତା ଦେବାକୁ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଛି। ଏନେଇ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା କହିଛନ୍ତି, ଆର୍ଥିକ ସମସ୍ୟାର ଆଳ ଦେଖାଇ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପେନ୍‌ସନ୍ ବୃଦ୍ଧିରେ ବିଳମ୍ବ କରୁଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷର ବିବରଣୀ ଅନୁଯାୟୀ ପେନ୍‌ସନ୍ ଭୋଗୀଙ୍କ ଗଚ୍ଛିତ ଅର୍ଥରୁ କେନ୍ଦ୍ର ସରକାରଙ୍କୁ ୩୯ ହଜାର କୋଟି ଟଙ୍କା ସୁଧ ଆକାରରେ ମିଳିଛି। ତନ୍ମଧ୍ୟରୁ କେନ୍ଦ୍ର ସରକାର ପେନସନ ବାବଦରେ ୧୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ବ୍ରହ୍ମା କହିଛନ୍ତି।

# ନଭେମ୍ବର ୧୫ ସୁଦ୍ଧା ନିଷ୍ପତ୍ତି ଜଣାଇବେ ରାଜ୍ୟପାଳ

**କଟକ ଅଫିସ,୧୫।୭**

## ବିଧାୟକଙ୍କ ଲାଭଜନକ ପଦବୀକୁ ଚ୍ୟାଲେଞ୍ଜ ମାମଲା

ବିଧାୟକମାନେ ଲାଭଜନକ ପଦବୀ(ଅଫିସ ଅଫ ପ୍ରଫିଟ୍)ରେ ରହିବା ଘଟଣାକୁ ଚ୍ୟାଲେଞ୍ଜ କରି ଆଗତ ମାମଲାରେ ହାଇକୋର୍ଟ ବୁଧବାର ଶୁଣାଣି କରିଛନ୍ତି। ଆସନ୍ତା ନଭେମ୍ବର ୮ ସୁଦ୍ଧା ଭାରତୀୟ ନିର୍ବାଚନ କମିଶନଙ୍କ ମତାମତ ନେଇ ନିଷ୍ପତ୍ତି ନେବେ। ଏହି ନିଷ୍ପତ୍ତି ସମ୍ପର୍କରେ ରାଜ୍ୟପାଳ ଆବେଦନକାରୀଙ୍କୁ ନଭେମ୍ବର ୧୫ ସୁଦ୍ଧା ଜଣାଇବାକୁ ହାଇକୋର୍ଟ ଶୁଣାଣିରେ ସ୍ପଷ୍ଟ କରିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀ ଏହି ମାମଲାର ଶୁଣାଣି କରିଛନ୍ତି। ଓଡ଼ିଶାର ନିର୍ବାଚିତ ବିଧାୟକମାନେ ସେମାନଙ୍କ ସଦସ୍ୟ ପଦ ନ ହରାଇ ବିଭିନ୍ନ ଲାଭଜନକ ପଦବୀରେ ରହିପାରିବେ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଗଠିତ ଏକ ପ୍ରସ୍ତାବ ରାଜ୍ୟ କ୍ୟାବିନେଟରେ ପାରିତ ହୋଇଥିଲା। ଉପରୋକ୍ତ ଲାଭଜନକ ପଦବୀ (ଓଡ଼ିଶା ଅଫିସ ଅଫ ପ୍ରଫିଟ ଆକ୍ଟ-୧୯୬୧) ନିୟମକୁ ରଦ୍ଦ କରିବା ପାଇଁ ଅମରେନ୍ଦ୍ର ବେଉରା ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ସେହିପରି ସେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ମଧ ପ୍ରଦାନ କରିଥିଲେ। କିନ୍ତୁ ସେ କିଛି ପଦକ୍ଷେପ ନେଇ ନ ଥିଲେ।



କଟକ ଚୌଧୁରୀ ବଜାର ଅଞ୍ଚଳର ଏକ ହୋଲସେଲ ଦୋକାନରୁ ଜଣେ ଖୁଚୁରା ବ୍ୟବସାୟୀ ରାକ୍ଷୀ ଚୟନ କରୁଛନ୍ତି।

# ଚୋରକୁ ଧରି ପୋଲିସ ଜିମା

**ନିଶ୍ଚିନ୍ତକୋଇଲି, ୧୫।୭(ସ୍ୱ.ପ୍ର.)**

ମରଣାନ୍ତକ ଆକ୍ରମଣ ଅଭିଯୋଗରେ ନିଶ୍ଚିନ୍ତକୋଇଲି ଥାନା ବୁହାଳ ପଞ୍ଚାୟତର ବରପଡା ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଚାଷୀ ପୋଲିସ ଜିମା ଦିଆଯାଇଛି। ସେ ହେଲେ ମାହାଙ୍ଗା ଥାନା ଅଧୀନ କୁମୁଡା ଜୟପୁରର ଦୀପ୍ତିକାନ୍ତ ପୃଷ୍ଟି(୩୦)। ଚାଷୀ ସନ୍ତୋଷ କୁମାର ସାହୁଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୮୫/୨୧)ହୋଇଛି। ଅନ୍ୟ ୨ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସନ୍ତୋଷ ବୁଧବାର ରାତିରେ ପରିବାର ଲୋକଙ୍କ ସହ ଘର ନିକଟ କ୍ଷେତରେ ମଟର ସାହାଯ୍ୟରେ ପାଣି ମଡ଼ାଉଥିଲେ। ଏହି ସମୟରେ ଦୀପ୍ତିକାନ୍ତ ଓ ଅନ୍ୟ ୨ ଅଭିଯୁକ୍ତ ଏକ ଟାଟାଏସିଇ ଗାଡ଼ିରେ ଉକ୍ତ ବାଟଦେଇ ଯାଉଥିଲେ। ରାସ୍ତାରେ ପାଣି ମୋଟର ଥିବା ଦେଖି ତାକୁ ଗାଡ଼ିରେ ଲଦି ନେଇଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସନ୍ତୋଷ ଓ ତାଙ୍କ ପରିବାର ଲୋକେ ଅଭିଯୁକ୍ତମାନଙ୍କୁ କାବୁ କରିନେଇଥିଲେ। ମାତ୍ର ଅଭିଯୁକ୍ତମାନେ ଖଣ୍ଡାରେ ସନ୍ତୋଷକୁ ମରଣାନ୍ତକ ଆକ୍ରମଣ କରି ଖସିଯାଉଥିବା ବେଳେ ସ୍ଥାନୀୟ ଚାଷୀ ଦୀପ୍ତିକାନ୍ତଙ୍କୁ ଧରିଥିଲେ।

# ସଂଜ୍ଞାହୀନ ଅବସ୍ଥାରେ ନିଖୋଜ ବ୍ୟବସାୟୀ ଉଦ୍ଧାର

**ସାଲେପୁର,୧୫।୭(ଡି.ଏନ୍.ଏ.)**

## ଥଣ୍ଡା ପାନୀୟରେ ନିଶାଦେଇ ଲୁଟ୍‌ର ଶିକାର ଅଭିଯୋଗ

ସାଲେପୁର ବ୍ଲକ ସଉରୀ ପଞ୍ଚାୟତ ଅନ୍ତର୍ଗତ ମହାସିଂହପୁର ଗ୍ରାମର ଫଳବ୍ୟବସାୟୀ ନାରାୟଣ ରାଉତ କଟକସ୍ଥିତ ମାଲ୍‌ଗୋଦାମ ବଜାରକୁ ବୁଧବାର ଫଳ କିଣିବାକୁ ଯାଇ ଆଉ ଫେରି ନ ଥିଲେ। ଏନେଇ ସାନଭାଇ ନରେନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର କଟକସ୍ଥିତ ବାଲିଯାତ୍ରା ପଡ଼ିଆ ନିକଟରୁ ପରିବାର ଲୋକେ ନାରାୟଣଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ବଡ ମେଡିକାଲରେ ଚିକିତ୍ସା କରାଇଛନ୍ତି। ଏହାପରେ ନାରାୟଣ ପରିବାର ଲୋକଙ୍କୁ ନିଖୋଜ ହେବାର କାରଣ କହିଛନ୍ତି। ଥଣ୍ଡାପାନୀୟରେ ନିଶାଦେଇ ଜଣେ ବ୍ୟକ୍ତି ୩୫ ହଜାର ଟଙ୍କା, ମୋବାଇଲ୍ ଓ ପ୍ୟାଣ୍ଟ ସାର୍ଟ ଖୋଲି ନେଇଯାଇଥିଲେ ବୋଲି ସେ ପରିବାର ଲୋକଙ୍କୁ ଜଣାଇବା ସହ ମାଲଗୋଦାମ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସେ ସାଲେପୁରସ୍ଥିତ ପାଗା ସାଇକେଲ୍ ଷ୍ଟାଣ୍ଡ୍‌ରେ ମୋଟର ସାଇକେଲ୍ ରଖି ଅନ୍ୟ ଏକ ଗାଡ଼ିରେ ଫଳ ଆଣିବାକୁ ମାଲଗୋଦାମ ଯାଇଥିଲେ। ସେଠାରେ ଜଣେ ଅଚିହ୍ନା ଲୋକ ବିଭିନ୍ନ ପ୍ରକାର କଥା କହି ସମ୍ପର୍କ ସୃଷ୍ଟି କରିବା ସହ ଔଷଧ କିଣିବାପାଇଁ ଟଙ୍କା ମାଗିଥିଲେ। ନାରାୟଣ ତାଙ୍କୁ ବିଶ୍ୱାସରେ କିଛି ଟଙ୍କା ଦେଲାପରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ଏକ ଥଣ୍ଡା ପିଇବାକୁ ଦେଇଥିଲେ। ଏହାକୁ ପିଇବା ପରେ ନାରାୟଣ ଆଉ କିଛି ଜାଣିପାରି ନ ଥିଲେ। ଏହାର ସୁଯୋଗ ନେଇ ସମ୍ପୃକ୍ତ ବ୍ୟକ୍ତି ନାରାୟଣଙ୍କୁ ଲୁଟି ରାସ୍ତାକଡ଼ରେ ଛାଡି ପଳାଇଥିଲେ। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ଧାନ ସଂଗ୍ରହ ପାଇଁ କଠୋର ନିୟମକୁ ବିରୋଧ

**କଟକ ସଦର, ୧୫।୭ (ଡି.ଏନ.ଏ.)**

## ନୂଆ ନିୟମରୁ ଫାଇଦା ଉଠାଇବେ ଆନ୍ଧ୍ର ବେପାରୀ

କଟକ ସଦର ବ୍ଲକ ସମେତ ଜିଲାର ଅନ୍ୟ ୧୩ଟି ବ୍ଲକରେ ଗୁରୁବାରଠାରୁ ଧାନ ସଂଗ୍ରହ ପାଇଁ ଚାଷୀଙ୍କ ନାମ ପଞ୍ଜୀକରଣ ଆରମ୍ଭ ହୋଇଛି। ଆଗୁଆ ନାମ ପଞ୍ଜୀକରଣ ପାଇଁ କଟକ ସଦର ବ୍ଲକର ୭ଟି ସେବା ସମବାୟ ସମିତି କାର୍ଯ୍ୟାଳୟରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। କୋଭିଡ୍ ନିୟମ ନ ମାନି ଆଗରେ ନାମ ପଞ୍ଜୀକରଣ ପାଇଁ ଯେପରି ଯୁବ, ବୃଦ୍ଧ ଚାଷୀଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିବା ଦେଖିବାକୁ ମିଳିଥିଲା। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭାଗଚାଷୀମାନଙ୍କ ପାଇଁ ଜମି ମାଲିକଙ୍କଠାରୁ ସମ୍ମତିପତ୍ର ସଂଗ୍ରହ କରିବା କଷ୍ଟକର ହୋଇପଡ଼ିଛି। କାରଣ ବହୁ ଅଞ୍ଚଳରେ ପଟ୍ଟାରେ ଥିବା ମାଲିକଙ୍କର ମୃତ୍ୟୁ ହୋଇସାରିଛି। ବନ୍ଦୋବସ୍ତ ହୋଇ ନ ଥିବାରୁ ଉତ୍ତରାଧିକାରୀଙ୍କ ନାମ ପଟ୍ଟାରେ ଦରଜ ହୋଇନାହିଁ। ଏଭଳି ପରିସ୍ଥିତିରେ ଆବଶ୍ୟକ ପ୍ରମାଣପତ୍ର ଯୋଗାଡ଼ କରିବା ସମୟସାପେକ୍ଷ। ଏହାଛଡ଼ା ଜମିଜମା କାଗଜପତ୍ରକୁ ସ୍ଥାନୀୟ ରାଜସ୍ୱ ଅଧିକାରୀ ଯାଞ୍ଚ କରିବାର ନିୟମ ରହିଛି। ମାତ୍ର ଆରଆଇ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଯାଞ୍ଚରେ ବିଳମ୍ବ ଘଟିବ ବୋଲି କୁଲସରିଚୁଆଁ ଗ୍ରାମର ବିଜୟ ରାଉତରାୟ କହିଛନ୍ତି। ଚଳିତବର୍ଷ ଧାନ ସଂଗ୍ରହ ପାଇଁ ନାମ ପଞ୍ଜୀକରଣବେଳେ କଠୋର ନିୟମ ପ୍ରଣୟନ କରାଯାଇଥିବାରୁ ସମସ୍ତ ବିଷୟ ତ୍ରିସ୍ତରୀୟ ଯାଞ୍ଚ ପରିସରଭୁକ୍ତ ହେବ। ଏହାକୁ ଚାଷୀମାନେ ବିରୋଧ କରିଛନ୍ତି। ପ୍ରତିବର୍ଷ ଜାନୁୟାରୀ ପ୍ରଥମ ସପ୍ତାହରେ କଟକ ଜିଲାରେ ଧାନମଣ୍ଡି ଖୋଲୁଛି। ସପ୍ତାହର ଗୋଟିଏ ଦିନ ଧାନ ସଂଗ୍ରହ କରାଯାଉଥିବାରୁ ମାର୍ଚ୍ଚ ସୁଦ୍ଧା ସବୁ ଚାଷୀଙ୍କଠାରୁ ଧାନ କିଣିବା ସମ୍ଭବପର ହେଉନାହିଁ। ଫଳରେ ରାଜ୍ୟସ୍ତରରେ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ହୋଇଯାଉଥିବାରୁ କଟକ ସଦର ବ୍ଲକ ଅଞ୍ଚଳର ଚାଷୀମାନେ ଟୋକନ ପାଇ ମଧ ସବୁ ବର୍ଷ ନିରାଶ ହେଉଛନ୍ତି ବୋଲି କଟକ ଜିଲା ଭାଜପା ଉପସଭାପତି ଗୋକୁଳ ଚନ୍ଦ୍ର ପ୍ରଧାନ କହିଛନ୍ତି। ୨୦୧୬-୧୭ରେ କଟକ ଜିଲାରୁ ୧ଲକ୍ଷ ୨୩ ହଜାର ୪୪୮ କୁଇଣ୍ଟାଲ, ୨୦୧୭-୨୦୧୮ ବର୍ଷରେ ୧୧ଲକ୍ଷ ୩୫ ହଜାର ୩୪ କୁଇଣ୍ଟାଲ, ୨୦୧୮-୧୯ରେ ୧୩ଲକ୍ଷ ୪୬ ହଜାର ୮୮୪ କୁଇଣ୍ଟାଲ, ୨୦୧୯-୨୦ରେ ୧୪ଲକ୍ଷ ୯୪ ହଜାର ୨୦୮ କୁଇଣ୍ଟାଲ, ୨୦୨୦-୨୧ରେ ୧୭ଲକ୍ଷ ୩୮ହଜାର ୩୭୪ କୁଇଣ୍ଟାଲ ଧାନ ସରକାର କିଣିଥିଲେ। ଅଧିକ ଅମଳକ୍ଷମ ଧାନର ଅମଳ ବଢିଥିବାରୁ ସେହି ଅନୁସାରେ ଧାନ ସଂଗ୍ରହଣ ପରିମାଣ ବୃଦ୍ଧି ସହ ଚାଷୀଙ୍କ ପାଇଁ ଯାଞ୍ଚ ପ୍ରକ୍ରିୟା ଦାୟିତ୍ୱରେ ଥିବା ସରକାରୀ ଅନୁଷ୍ଠାନର କର୍ମଚାରୀ ସଂଖ୍ୟା ବୃଦ୍ଧି ପାଇଁ ଦାବି ହେଉଛି। ନଚେତ୍ ଆମ ରାଜ୍ୟରେ ଧାନ ନ ଦେଇ ପଡ଼ୋଶୀ ଆନ୍ଧ୍ର ବେପାରୀଙ୍କୁ କମ୍ ଦରରେ ବିକିବା ପାଇଁ ଚାଷୀମାନେ ବାଧ୍ୟ ହେବେ। ଏହି ନୂଆ ନିୟମ ଦ୍ୱାରା ଆନ୍ଧ୍ର ବ୍ୟବସାୟୀମାନେ ଫାଇଦା ଉଠାଇବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

**ମଦ ଜବତ, ୨ ଗିରଫ**

**ବାଣପୁର,(ଡି.ଏନ୍.ଏ.):** ଲକ୍‌ଡାଉନ୍‌ରେ ବାଣପୁର ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ବାଣପୁର ପୋଲିସ ଦୁଇଟି ସ୍ଥାନରେ ଚଢ଼ାଉ କରି ୨୪.୧୬୦ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଣପୁର ନିକଟସ୍ଥ ପାରିନୂଆଗାଁର କେଦାର ବାରିକ ଓ ଗମ୍ଭାରୀମୁଣ୍ଡା ଅଞ୍ଚଳର ବଟୁ ବରାଳ।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

**ଜଟଣୀ,୧୫।୭(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ୧୦ନଂ. ୱାର୍ଡ ରଘୁନାଥନଗରରୁ ଗୁରୁବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ବାପି ପ୍ରଧାନ (୨୪)। ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ବାପି ଘରେ ଓଢ଼ଣୀରେ ଝୁଲୁଥିବା ନେଇ ପରିବାର ଲୋକେ ଦେଖିବାକୁ ପାଇଥିଲେ। ଏହା ପରେ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬/୧୧)ରୁଜୁକରି ତଦନ୍ତ ଚଳାଇଛି। ସୂଚନାଥାଉ କି, ଗତ ୨ବର୍ଷ ପୂର୍ବେ ବାପି ପ୍ରେମ ବିବାହ କରି ରଘୁନାଥନଗରରେ ସ୍ତ୍ରୀଙ୍କ ସହିତ ରହୁଥିଲେ।

### ୧୪୭ କଏଦୀଙ୍କୁ ଟିକା

**ଖୋର୍ଦ୍ଧା ଅଫିସ,୧୫।୭:** ଜେଲରେ ବିଚାରାଧୀନ କଏଦୀଙ୍କ ଲାଗି ସରକାର କୋଭିଡ୍ ଟିକାକରଣର ବ୍ୟବସ୍ଥା କରିଛନ୍ତି। ଗୁରୁବାର ଖୋର୍ଦ୍ଧା ସବ୍ ଜେଲରେ ୧୪୭ଜଣ ଟିକା ନେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଜେଲରେ କଏଦୀମାନଙ୍କୁ ଟିକା ଦେଇଥିଲେ। ଜେଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତ କହିଛନ୍ତି, ବର୍ତ୍ତମାନ ଜେଲରେ ୨୨୨ଜଣ କଏଦୀ ରହିଛନ୍ତି। ପୂର୍ବରୁ କେତେଜଣ କଏଦୀ ଟିକା ନେଇଥିଲେ। ସମସ୍ତ କଏଦୀ ଯେପରି ଟିକା ନେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି।

### ୧.୫ ଲକ୍ଷ ଟଙ୍କାର ମଦ ଜବତ, ବ୍ୟବସାୟୀ ଗିରଫ

**ଖୋର୍ଦ୍ଧା ଅଫିସ,୧୫।୭:** କରୋନା ପାଇଁ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଚୋରାମଦ କାରବାର ବୃଦ୍ଧି ପାଇଛି। ଗୁରୁବାର ସକାଳେ ଖୋର୍ଦ୍ଧା ଟାଉନ ପୋଲିସ ଜେମାଦେଈପୁରରୁ ୧୭୫୦ଟି ଆସ୍କା-୪୦ (୩୫୦ ଲିଟର ଦେଶୀ ମଦ) ଜବତ କରିଛି। ଏହି ଘଟଣାରେ ପୋଲିସ ପୁରୁଷୋତ୍ତମ ପାତ୍ରଙ୍କୁ ଗିରଫ କରିଛି। ଏନେଇ ଥାନାରେ ମାମଲା(ନଂ.୨୭୨/୨୧) ରୁଜୁ ହୋଇଛି। ଜବତ ମଦର ଆନୁମାନିକ ମୂଲ୍ୟ ୧ଲକ୍ଷ ୫୦ହଜାର ଟଙ୍କା ବୋଲି ପୋଲିସ କହିଛି। ପୁରୁଷୋତ୍ତମ ଘରେ ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିଲେ। ଖବରପାଇ ଟାଉନ ପୋଲିସର ଏକ ଟିମ ତାଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ମଦ ଜବତ କରିବା ସହ ତାଙ୍କୁ ଧରିଥିଲେ। ଥାନାଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏସ୍‌ଆଇ ଦିଗ୍‌ବିଜୟ ବିଶ୍ୱାଳ, ଆର.ଆର. ଦାଶ, ନିଲୁ ମଲିକ, ପି.କେ. ହରିଚନ୍ଦନ, ଏନ୍.ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ଦ୍ୱାରା ଚାରାରୋପଣ

**କୃଷ୍ଣପ୍ରସାଦ,୧୫।୭(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ଦ୍ୱାରା ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ଝାଡ଼ ପଞ୍ଚାୟତ ଅନ୍ତର୍ଗତ କମଳେଶ୍ୱର ବିଦ୍ୟାପୀଠ, ହରିଚନ୍ଦନପୁର ବିଜୁ ପଟ୍ଟନାୟକ ଗ୍ରାମ୍ୟ ଉଦ୍ୟାନ, ଝାରକଟା ଏବଂ ମା' ଜୟଦୁର୍ଗା ସଂସ୍କୃତ ବିଦ୍ୟାପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ହେମନ୍ତ ଜେନା, ଲକ୍ଷ୍ମୀଧର ସାହୁ, ପ୍ରଭାତୀ ପ୍ରଧାନ, ପ୍ରଫୁଲ୍ଲ ଜେନା, ସତ୍ୟବାନ୍ ତରେଇ, ସଞ୍ଜୁଲତା ଜେନା, ବିଜୟ ତରେଇ, ବ୍ରଜ କିଶୋର ଜେନା, କାଶୀନାଥ ଜେନା, ଭୀମସେନ ଦାସ, ନରେନ୍ଦ୍ର ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ତିତିପ ପଞ୍ଚାୟତ ମା' ରାମଚଣ୍ଡୀ ଚିଲିକା ମହିଳା ମହାବିଦ୍ୟାଳୟ, ଅଲଣ୍ଡା ପଞ୍ଚାୟତ ଅଲଣ୍ଡା ଓ ପାଟଣା ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା। ରମେଶ ଚନ୍ଦ୍ର ମହାପାତ୍ର, ମନୋଜ ସାହୁ, ମନୋହର ଜେନା, ପର୍ଶୁରାମ ତରେଇ, ଅଜୟ ସାହୁ, ସଞ୍ଜୟ ସାହୁ, ଅଭୟ ତରେଇ, ବସନ୍ତ ପଲେଇ ସାମିଲ ହୋଇଥିଲେ।

# ଚାକିରି ଛାଡ଼ି ସଫଳ ଚାଷୀ

**ଖୋର୍ଦ୍ଧା ଅଫିସ,୧୫।୭**

**ଯୁବପିଢ଼ିଙ୍କ ପାଇଁ ପ୍ରେରଣା ରବୀନ୍ଦ୍ର**

- ୪ଏକର ଜମିରେ କରିଛନ୍ତି ବିଭିନ୍ନ ଫସଲ
- ଶିକ୍ଷକ, ଅଜାଙ୍କ କଥା ଗତିପଥ ବଦଳାଇଦେଲା
- ୨୦୦୦ ମସିହାରେ ଚାକିରି ଚାଡ଼ି ଚାଷରେ ମନ ବଳାଇଥିଲେ



କଥାରେ ଅଛି, ନିଷ୍ଠା ଏବଂ ଏକାଗ୍ରତା ଥିଲେ ସଫଳତା ଆପେ ଆପେ ଆସିଥାଏ। ଏହାର ଚାକ୍ଷୁଷ ଉଦାହରଣ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବୋଲଗଡ଼ ଗ୍ରାମର ଚାଷୀ ରବୀନ୍ଦ୍ର କୁମାର ସାମନ୍ତରାୟ (୫୫)। ଚାକିରି ଛାଡ଼ି ୪ ଏକର ଜମିରେ ୫ ହଜାର ଟଙ୍କାରୁ ଚାଷ ଆରମ୍ଭ କରିଥିବା ରବୀନ୍ଦ୍ର ଏବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ବର୍ତ୍ତମାନ ସମୟରେ ଯୁବପିଢ଼ି ଚାଷକାର୍ଯ୍ୟରୁ ବିମୁଖ ହେଉଥିବା ବେଳେ ରବୀନ୍ଦ୍ର ଜଣେ ସଫଳ ଚାଷୀ ଭାବେ ଜିଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ନିଜେ ଆତ୍ମନିର୍ଭରଶୀଳ ହେବା ସହିତ ଅନ୍ୟମାନଙ୍କୁ ରୋଜଗାର ଯୋଗାଉଛନ୍ତି। ଯୁବସମାଜ ପାଇଁ ସେ ପ୍ରେରଣାର ଉତ୍ସ ପାଲଟିଛନ୍ତି।

ଏ ସମ୍ପର୍କରେ ରବୀନ୍ଦ୍ର କୁହନ୍ତି, ୧୯୯୦ ମସିହାରେ କଲେଜ ଶିକ୍ଷା ପରେ ପୁରୀସ୍ଥିତ ସୁରଜମଲ୍ଲ ସାହା କଲେଜରେ କର୍ମଚାରୀ ଭାବେ ଚାକିରି କରିଥିଲି। ଗାଁକୁ ଆସିଲେ, ବଗିଚାରେ ଫୁଲଚାରା ରୋପଣ ସହ ଜମିରେ ଚାଷ କରିବାକୁ ଭଲ ପାଉଥିଲି। ଚାଷକାର୍ଯ୍ୟ ପ୍ରତି ଆଗ୍ରହ ଦେଖି ତାଙ୍କ ଅଜା ଚାଷକାର୍ଯ୍ୟକୁ ଆପଣାଇବା ଲାଗି ତାଙ୍କୁ ଉତ୍ସାହିତ କରିଥିଲେ। ହାଇସ୍କୁଲରେ ପଢ଼ିବା ସମୟରେ ଜଣେ ଶିକ୍ଷକ ବନବିହାରୀ ପଟ୍ଟନାୟକଙ୍କ ଚାଷ କାର୍ଯ୍ୟକୁ ନେଇ ଏକ ଉକ୍ତି ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ହାଇସ୍କୁଲରୁ କଲେଜ ଶିକ୍ଷା ପର୍ଯ୍ୟନ୍ତ ପାଠପଢ଼ା ସହ ଚାରାରୋପଣ କରିବା, ଫୁଲ ବଗିଚା କାମ ଜାରି ରହିଥିଲା। ୨୦୦୦ ମସିହାରେ ଚାକିରି ଛାଡ଼ି ଚାଷକାର୍ଯ୍ୟରେ ମନ ବଳାଇଥିଲି। କ୍ଷେତରେ ଗୋଟିଏ ପ୍ରକାର ଚାଷ କରିବା ପରିବର୍ତ୍ତେ ସମନ୍ୱିତ ଚାଷ କରିବା ଲାଗି ସ୍ଥିର କରିଥିଲି। ୪ ଏକର ଜମିରେ ପ୍ରଥମେ ଫଳଗଛ ଲଗାଇବା ଆରମ୍ଭ କରିଥିଲି। ୩୫୦ରୁ ଊର୍ଦ୍ଧ୍ୱ ଆମ୍ବଗଛ, ୨୫୦ରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ, ୧୦୦ରୁ ଊର୍ଦ୍ଧ୍ୱ ଲେମ୍ବୁଗଛ ରହିଛି। ଏଥିସହ ବାଇଗଣ, ଭେଣ୍ଡି, କଖାରୁ, ଗୁଆଁର, କାକୁଡ଼ି, କଲରା, ଝୁଡ଼ୁଙ୍ଗ ଚାଷ କରିବା ସହ ଗେଣ୍ଡୁଫୁଲ ଚାଷ କରିଛନ୍ତି। ଛତୁ ଏବଂ ମାଛଚାଷ ମଧ୍ୟ ଆରମ୍ଭ କରିଛନ୍ତି। ଆଗକୁ ବିଭିନ୍ନ ପ୍ରକାର ଫୁଲଗଛ, ଡାଳିମ୍ବ ଆଦି ଆରମ୍ଭ କରିବା ପାଇଁ ଯୋଜନା ରଖିଥିବା ସେ କହିଛନ୍ତି। ରବୀନ୍ଦ୍ରଙ୍କ ପୁଅ ମୁକେଶ ମଧ୍ୟ ଏହି କାର୍ଯ୍ୟରେ ସହଯୋଗ କରିଥା'ନ୍ତି। ୬୦ବର୍ଷ ପରେ ଚାକିରିରୁ ଅବସର ନେବା ପରେ ପେନସନ ଟଙ୍କାରେ ଜୀବନ ଅତିବାହିତ କରିଥା'ନ୍ତି। କିନ୍ତୁ ୨୦ବର୍ଷ ତଳେ କରିଥିବା ପରିଶ୍ରମର ଫଳ ଏବେ ଫଳୁଛି। ପରିବେଶକୁ ମୁକ୍ତ ଅକ୍ସିଜେନ ଯୋଗାଇବା ସହ ରୋଜଗାରର ବୃଦ୍ଧି ଘଟିବ। ଦୀର୍ଘ ଦିନର ପରିଶ୍ରମ ଫଳ ଅନେକଙ୍କୁ ପ୍ରେରଣା ଯୋଗାଇଛି। ଏହି ସ୍ଥାନ ବୁଲି ଦେଖିବା ପରେ ବହୁ ଯୁବ ଚାଷୀ ଏଥିପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ଉଚ୍ଚ ଶିକ୍ଷିତ ଯୁବକମାନେ ଚାଷ କାର୍ଯ୍ୟକୁ ଆପଣାଇ ଜଣେ ସଫଳ ଉଦ୍ୟୋଗପତି ହୋଇପାରିବେ। ଏଥିରେ ବହୁ ବାଧାବିଘ୍ନ ଆସିବ। ଶେଷରେ ବହୁ ଆନନ୍ଦ ପାଇବେ ବୋଲି ରବୀନ୍ଦ୍ର କହିଛନ୍ତି।

# ନଭେମ୍ବର ୧୫ ସୁଦ୍ଧା ନିଷ୍ପତ୍ତି ଜଣାଇବେ ରାଜ୍ୟପାଳ

**କଟକ ଅଫିସ,୧୫।୭**

**ବିଧାୟକଙ୍କ ଲାଭଜନକ ପଦବୀକୁ ଚ୍ୟାଲେଞ୍ଜ ମାମଲା**

ବିଧାୟକମାନେ ଲାଭଜନକ ପଦବୀ (ଅଫିସ ଅଫ ପ୍ରଫିଟ)ରେ ରହିବା ଘଟଣାକୁ ଚ୍ୟାଲେଞ୍ଜ କରି ଆଗତ ମାମଲାରେ ହାଇକୋର୍ଟ ବୁଧବାର ଶୁଣାଣି କରିଛନ୍ତି। ଆସନ୍ତା ନଭେମ୍ବର ୮ ସୁଦ୍ଧା ଭାରତୀୟ ନିର୍ବାଚନ କମିଶନଙ୍କ ମତାମତ ନେଇ ନିଷ୍ପତ୍ତି ନେବେ। ଏହି ନିଷ୍ପତ୍ତି ସମ୍ପର୍କରେ ରାଜ୍ୟପାଳ ଆବେଦନକାରୀଙ୍କୁ ନଭେମ୍ବର ୧୫ ସୁଦ୍ଧା ଜଣାଇବାକୁ ହାଇକୋର୍ଟ ଶୁଣାଣିରେ ସ୍ପଷ୍ଟ କରିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀ ଏହି ମାମଲାର ଶୁଣାଣି କରିଛନ୍ତି।

ଓଡ଼ିଶାର ନିର୍ବାଚିତ ବିଧାୟକମାନେ ସେମାନଙ୍କ ସଦସ୍ୟ ପଦ ନ ହରାଇ ବିଭିନ୍ନ ଲାଭଜନକ ପଦବୀରେ ରହିପାରିବେ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ପ୍ରସ୍ତାବ ରାଜ୍ୟ କ୍ୟାବିନେଟରେ ପାରିତ ହୋଇଥିଲା। ଉପରୋକ୍ତ ଲାଭଜନକ ପଦବୀ (ଓଡ଼ିଶା ଅଫିସ ଅଫ ପ୍ରଫିଟ ଆକ୍ଟ-୧୯୬୧) ନିୟମକୁ ରଦ୍ଦ କରିବା ପାଇଁ ଅମରେନ୍ଦ୍ର ବେଉରା ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ସେହିପରି ସେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଥିଲେ। କିନ୍ତୁ ସେ କିଛି ପଦକ୍ଷେପ ନେଇ ନ ଥିଲେ।

# ତଦନ୍ତ ରିପୋର୍ଟ ଦାଖଲ ପାଇଁ ସମୟ ନେଲେ ସରକାର

**କଟକ ଅଫିସ,୧୫।୭**

**ପୁରୀ ହାଜତ ମୃତ୍ୟୁ ମାମଲା**

ପୁରୀ ହାଜତ ମୃତ୍ୟୁକୁ ନେଇ ହାଇକୋର୍ଟରେ ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାର ତଦନ୍ତ ରିପୋର୍ଟ ଦାଖଲ କରି ନ ପାରି ଅଧିକ ସମୟ ନେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀଙ୍କ ମିଳିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆସନ୍ତା ଅଗଷ୍ଟ ୧୮ ତାରିଖ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପୁରୀର ଶରତ କୁମାର ରାୟଗୁରୁଙ୍କ ପକ୍ଷରୁ ଆଇନଜୀବୀ ଦୀପକ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

ଗତବର୍ଷ ନଭେମ୍ବରରେ ପୁରୀ ବାସେଳିସାହି ଥାନାରେ ଲୋକନାଥ ରୋଡ ଅଞ୍ଚଳର କେ. ରମେଶ(୩୩)ଙ୍କୁ ମାଡ ମରାଯାଇଥିଲା। ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ହାଜତରେ ରମେଶଙ୍କୁ ପୋଲିସ ପିଟି ପିଟି ମାରିଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏନେଇ ହାଇକୋର୍ଟରେ ରାୟଗୁରୁ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ହାଇକୋର୍ଟ ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। ବୁଧବାର ରାଜ୍ୟ ସରକାର ତଦନ୍ତ ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ କରିବାର ଥିଲେ ମଧ୍ୟ ତାହା କରିପାରିନାହାନ୍ତି। ରଥଯାତ୍ରା ଯୋଗୁ ତଦନ୍ତ ରିପୋର୍ଟ ପ୍ରସ୍ତୁତିରେ ବିଳମ୍ବ ହେବାରୁ ସରକାର ଏଥିପାଇଁ ଅଧିକ ସମୟ ମାଗିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୮ ତାରିଖକୁ ଧାର୍ଯ୍ୟ ହୋଇଛି। ଏହି ସମୟ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ




ତୈଳ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ ବୃଦ୍ଧି ପ୍ରତିବାଦରେ ଗୁରୁବାର ଖୋର୍ଦ୍ଧାରେ ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**ଖୋର୍ଦ୍ଧା ଅଫିସ/ନିରାକାରପୁର/ବୋଲଗଡ଼/ ଜଟଣୀ/କୃଷ୍ଣପ୍ରସାଦ,୧୫।୭(ଡି.ଏନ୍.ଏ.)**

ତୈଳ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ ବୃଦ୍ଧି ପ୍ରତିବାଦରେ ଗୁରୁବାର ଓଡ଼ିଶାରେ ବାମଦଳ ପକ୍ଷରୁ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିଲା। ଖୋର୍ଦ୍ଧାରେ ଏହାର ପ୍ରଭାବ ଦେଖିବାକୁ ମିଳି ନ ଥିଲା। ସମସ୍ତ ଦୋକାନ ବଜାର ଖୋଲା ରହିଥିଲା। ବାମ ଦଳର ଏକାଧିକ କର୍ମୀ ବାଇକ୍ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ୧୬ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଏହି ସମୟରେ ରୋଗୀଙ୍କୁ ନେଇ ଆସୁଥିବା ଏକ ଆମ୍ବୁଲାନ୍ସ ଫସି ଯାଇଥିଲା। ୧୦ ମିନିଟ୍ ପରେ ପୋଲିସ ଗାଡିକୁ ସାଇଡ୍ କରି ଆମ୍ବୁଲାନ୍ସ ଯିବା ବ୍ୟବସ୍ଥା କରିଥିଲା। ଏହି ବନ୍ଦ ଡାକରାରେ ସିପିଆଇଏମ ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ସିଆଇଟିୟୁ ଜିଲା ସମ୍ପାଦକ ଶୈଳେଶ ବଳିଆରସିଂ, ଶିକ୍ଷକ ନେତା କିଶୋର ପରମଗୁରୁ, ଶଙ୍କର୍ଷଣ ପ୍ରଧାନଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ କରିଥିଲେ ମଧ୍ୟ ଖୋର୍ଦ୍ଧାରେ କୌଣସି କଂଗ୍ରେସ କର୍ମୀଙ୍କୁ ଦେଖିବାକୁ ମିଳିନଥିଲା।

ସେହିପରି ଜଟଣୀସ୍ଥିତ ଭୁବନେଶ୍ୱର ଇଣ୍ଡିଆନ୍ ଅଏଲ ସ୍ମାର୍ଟ ଟର୍ମିନାଲ ଡିପୋ ସମ୍ମୁଖରେ ସିଆଇଟିୟୁ ଏବଂ ଟ୍ୟାଙ୍କ ଲରି ସଂଘର ଶତାଧିକ କର୍ମଚାରୀ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ବିକ୍ଷୋଭକାରୀମାନେ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସିଆଇଟିୟୁ ଜଟଣୀ ଶାଖା ସମ୍ପାଦକ ନିରଞ୍ଜନ ବେହେରା, ଟ୍ୟାଙ୍କଲରି ସଂଘର ସମ୍ପାଦକ ହାଡିବନ୍ଧୁ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

ନିରାକାରପୁର ଅଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସିପିଏମ୍ ପକ୍ଷରୁ ସ୍ଥାନୀୟ ରେଳଷ୍ଟେସନ ନିକଟରୁ ଏକ ରାଲି ବାହାରି ଦୋକାନ, ବଜାର ବନ୍ଦ କରିବା ସହ କଲେଜ ଛକଠାରେ ନୂଆ ଜଗନ୍ନାଥ ସଡ଼କ ଅବରୋଧ କରିଥିଲେ। ଏହି ପ୍ରତିବାଦରେ ଚରଣ ଦଳେଇ, ବିଦ୍ୟୁଭୂଷଣ ମହାରଣା, ନୃସିଂହ ଦଳେଇ, ବାସୁଦେବ ଦଳେଇ, ଲକ୍ଷ୍ମଣ ପରିଡା, ବିଶ୍ୱନାଥ ଦାସ, ସୁଦର୍ଶନ ବେହେରା, ବଂଶୀଧର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଚୁକୁଳି ବଜାରରେ ସିପିଆଇ ନେତା ଲକ୍ଷ୍ମଣ ସେଠୀଙ୍କ ନେତୃତ୍ୱରେ ବିଜୟ ଗୁମାନସିଂହ, ମୁକୁନ୍ଦ ମାର୍ଥା, ବସନ୍ତ ସେଠୀ, ଅଜୟ ମଙ୍ଗରାଜ, ଧନେଶ୍ୱର ମାର୍ଥା, ଅନନ୍ତ ପ୍ରଧାନ ପ୍ରମୁଖ ୫୭ନଂ. ଜାତୀୟ ରାଜପଥ ଅବରୋଧ କରିବା ସହ ବଜାର ପରିକ୍ରମା କରିଥିଲେ। ଏଥିରେ କଂଗ୍ରେସ ନେତା ପ୍ରଦୀପ ସାହୁ, ବିଜୟ ପ୍ରଧାନ, ନବଘନ ମଲ୍ଲିକଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

କୃଷ୍ଣପ୍ରସାଦ ଅଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସିପିଆଇ(ଏମ୍) ପକ୍ଷରୁ ମା' ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରା ବାହାରି ସମସ୍ତ ଦୋକାନ ଓ ଅଫିସ ବନ୍ଦ କରାଯିବା ସହ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। କୃଷ୍ଣପ୍ରସାଦ କମ୍ୟୁନିଷ୍ଟ ପାର୍ଟି ସମ୍ପାଦକ ଉମାକାନ୍ତ ଜେନା, ସଞ୍ଜୟ ପ୍ରଧାନ, ଜଗବନ୍ଧୁ ସେନାପତି, ସୁଧୀର ପତି, କୈଳାସ ଚନ୍ଦ୍ର ନାୟକ, ଖଗେଶ୍ୱର ଜେନା, ଅଜୟ ବରାଳ, ଶଙ୍କର ମିସ୍ତ୍ରି, ଗାନ୍ଧୀ ଚରଣ ସାହୁ, ସୁକାନ୍ତ ପ୍ରଧାନ, ନଣ୍ଡା ମାଝୀ, ଦିବ୍ୟ ରଞ୍ଜନ ଜେନା, ସୁନିଲ ପାହାଣ, ରତିକାନ୍ତ ପାହାଣ, କିର୍ତ୍ତିରଞ୍ଜନ ଜାଲି, ପଞ୍ଚାନନ ତରେଇ ପ୍ରମୁଖ ସାମିଲ ହୋଇଥିଲେ।

### ଗଣ୍ଡଗୋଳ: ୨ ଗୁରୁତର

**ଜଟଣୀ,୧୫।୭(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ ନିରଞ୍ଜନପୁର ଗ୍ରାମରେ ରାସ୍ତା ଉପରୁ ଗାଡ଼ି ହଟାଇବାକୁ ନେଇ ଗୁରୁବାର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଅବିନାଶ ଭୁଜବଳ ଓ ନିତ୍ୟାନନ୍ଦ ଭୁଜବଳ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ଏମାନଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ଗତ ବୁଧବାର ଏହି ଗ୍ରାମର ଗଣେଶ ଭୁଜବଳଙ୍କ ପୁଅ ମୁନାଙ୍କ ଏକ ମନ୍ଦିରରେ ବିବାହ ହୋଇଥିଲା। ବରକନ୍ୟା ଘରକୁ ଫେରିବା ବେଳେ ଏହି ଗ୍ରାମରେ ରହୁଥିବା ପ୍ରହ୍ଲାଦ ଭୁଜବଳଙ୍କ ପରିବାରର କେହି ରାସ୍ତା ଉପରେ ଗାଡ଼ି ରଖିଥିଲେ। ରାସ୍ତାରୁ ଗାଡ଼ି ହଟାଇବାକୁ ନେଇ ଉଭୟ ପରିବାରଙ୍କ ମଧ୍ୟରେ ବଚସା ଓ ମାରପିଟ ହୋଇଥିଲା। ଏଥିରେ ୨ ଜଣ ଆହତ ହୋଇଥିଲେ। ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଗୁରୁବାର ସକାଳେ ଏହି ଘଟଣାକୁ ନେଇ ପୁଣି ଗଣ୍ଡଗୋଳ ହୋଇଥିଲା। ଏଥିରେ ପୁଣି ୨ଜଣ ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ଆହତଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

### ୮୫ ପଜିଟିଭ, ୧୪୧ ସୁସ୍ଥ

**ଖୋର୍ଦ୍ଧା ଅଫିସ,୧୫।୭**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ଖସୁଛି ବଢୁଛି। ଗୁରୁବାର ୮୫ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୪୧ ଜଣ ସୁସ୍ଥ ହୋଇଛନ୍ତି। ଏପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ମୋଟ ୪,୫୩,୭୦୯ ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୭,୪୬୪ ପଜିଟିଭ, ୨୬,୮୯୪ଜଣ ସୁସ୍ଥ ହୋଇଛନ୍ତି। ୧୪୧ଜଣଙ୍କ ମୃତ୍ୟୁ ଘଟିଛି। ୪୨୯ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

# ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ଉପଜିଲାପାଳ



ଉପଜିଲାପାଳ ଆଇ.ଜି. ଶିବାଜୀ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ବାଣପୁର,୧୫।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଉପଖଣ୍ଡର ନୂତନ ଉପଜିଲାପାଳ ଆଇଏଏସ୍ ଆଇ.ଜି.ଶିବାଜୀ ଗୁରୁବାର ବାଣପୁର ଗସ୍ତରେ ଯାଇ ବ୍ଲକ ଓ ତହସିଲର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ବନବାସପୁର ଠାରେ ନିର୍ମାଣ ହେବାକୁ ଥିବା ବାଣପୁର ଏନଏସିର ସେପ୍ଟେଜ୍‌ଟ୍ରିଟମେଣ୍ଟ ପ୍ଲାଣ୍ଟ ସମ୍ପର୍କରେ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ତହସିଲଦାର ପ୍ରମୋଦ କୁମାର ପାଢୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ହେବାକୁ ଥିବା ଉକ୍ତ ପ୍ଲାଣ୍ଟର ସ୍ଥାନ ପରିଦର୍ଶନ କରିଥିଲେ।

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବୋଲଗଡ,୧୫।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଭାରତୀୟ ମଜଦୂର ସଂଘର ସମ୍ପାଦକ ଅକ୍ଷୟ କୁମାର ରାଉତରାୟଙ୍କ ନେତୃତ୍ୱରେ ଏମ୍‌ଜିଏନଆରଇଜିଏସ ଜବକାର୍ଡ ଶ୍ରମିକଙ୍କ ୪ଦଫା ଦାବି ସମ୍ୱଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବୋଲଗଡ଼ ବିଡିଓ ଧୋବେଇ ନାୟକଙ୍କୁ ପ୍ରଦାନ କରାଯାଇଛି। ଶ୍ରମିକଙ୍କୁ ଦୈନିକ ମଜୁରୀ ବ୍ୟତୀତ ୫୦ଟଙ୍କା ବର୍ଦ୍ଧିତ ରାଶି ଚଳିତ ବର୍ଷ ଏପ୍ରିଲରୁ ଦିଆଯାଉ। ଏମଜିଏନଆରଇଜିଏସରେ ବର୍ଦ୍ଧିତ ୫୦ଟଙ୍କା ପାରିଶ୍ରମିକ ସମସ୍ତ ଶ୍ରମିକଙ୍କ ଅବଗତି ନିମନ୍ତେ ପଞ୍ଚାୟତ ମାଧ୍ୟମରେ ଢେଙ୍କୁରା ଦ୍ୱାରା ଜଣାଯାଉ, ପଞ୍ଚାୟତରେ ଶ୍ରମିକଙ୍କ ତାଲିକା ସାର୍ବଜନୀନ କରାଯାଉ ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ସନାତନ ସାହୁ, ରାକେଶ ବଳିୟାରସିଂହ, ଭାଗବତ ବେହେରା, ବୈକୁଣ୍ଠ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ।




ଜଟଣୀ ବଡ଼ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ଟିକାକରଣ କେନ୍ଦ୍ର ଆଗରେ ଗୁରୁବାର ଟିକା ପାଇଁ ଲୋକଙ୍କ ଗହଳି।

# ଦାରୁକ୍ଷେତ୍ରକୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ଦାବି

**ଖୋର୍ଦ୍ଧା ଅଫିସ,୧୫।୭**



ଖୋର୍ଦ୍ଧାଠାରୁ ୧୦ କିଲୋମିଟର ଦୂରରେ ରହିଛି ଦଧିମାଛଗାଡ଼ିଆ ଗ୍ରାମ। ମହାପ୍ରଭୁଙ୍କ ଦାରୁକ୍ଷେତ୍ର ଭାବେ ଏହି ଗ୍ରାମ ପରିଚିତ। ୧୯୯୬ ନବକଳେବରରେ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମ ନିମନ୍ତେ ଏହି କ୍ଷେତ୍ରରୁ ଦାରୁ ଚିହ୍ନଟ ହୋଇଥିବାରୁ ମହାପ୍ରଭୁଙ୍କ ଦାରୁକ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଛି। ଏଠାରେ ପତିତପାବନ ପୂଜା ପାଉଛନ୍ତି। ସବୁଜିମାଭରା ପରିବେଶ ମଧ୍ୟରେ ଏହି କ୍ଷେତ୍ରରେ ଆଧ୍ୟାତ୍ମିକ ବାତାବରଣ ରହିଛି। ବର୍ଷ ତମାମ ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଏଠାକୁ ଆସିଥା'ନ୍ତି। ଏଯାବତ୍ ସରକାରଙ୍କ ପକ୍ଷରୁ ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିନାହିଁ। ପର୍ଯ୍ୟଟକଙ୍କ ପାଇଁ ଆନୁଷଙ୍ଗିକ ବିକାଶ କରାଗଲେ ଏହି କ୍ଷେତ୍ରର ବିକାଶ ଘଟିବ। ଏଥିପ୍ରତି ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।

ସୂଚନାଥାଉ କି, ଦଧିମାଛଗାଡିଆ ଗ୍ରାମର ପ୍ରସନ୍ନ ପଟ୍ଟନାୟକଙ୍କ ବାରିପଟ ବିଲରେ ଥିବା ଏକ ନିମ୍ବଗଛକୁ ଦଇତାପତିମାନେ ଶ୍ରୀଜଗନ୍ନାଥଙ୍କ ନବକଳେବର ପାଇଁ ଦାରୁ ଚିହ୍ନଟ କରିଥିଲେ। ଏନେଇ ମାନସ ରଞ୍ଜନ ପଟ୍ଟନାୟକ (ପ୍ରସନ୍ନଙ୍କ ବଡ଼ ପୁଅ) କୁହନ୍ତି, ୧୯୯୬ ମେ' ୪ରେ ୨୧ଜଣ ଦଇତାଙ୍କ ସହ ବିଦ୍ୟାପତି, ବିଶ୍ୱାବସୁ, ବିଶ୍ୱକର୍ମା, ଚଢ଼ଉକରଣ, ଦେଉଳକରଣ, ରାଜ ପୁରୋହିତ ଗ୍ରାମରେ ପହଞ୍ଚିଥିଲେ। ଦାରୁବୃକ୍ଷ ନିକଟରେ ଯଜ୍ଞମଣ୍ଡପ, ଶବରପଲ୍ଲୀ ପ୍ରସ୍ତୁତ କରାଯାଇଥିଲା। ୫ରେ ପୂଜାବିଧି ଆରମ୍ଭ ହୋଇଥିଲା। ୮ରେ ବନଯାଗଯଜ୍ଞ ଓ ୯ ତାରିଖରେ ପୂର୍ଣ୍ଣାହୁତି ହୋଇଥିଲା। ଅପରାହ୍ନ ୨ଟାରେ ସୁନା ଓ ରୁପା କୁରାଢ଼ିରେ ଦାରୁଛେଦନ ଆରମ୍ଭ ହୋଇଥିଲା। ମେ' ୧୨ରେ ଦାରୁ ଚଉପଟ କରାଯାଇ ଏକ ଶଗଡ଼ିରେ ଶୋଭାଯାତ୍ରାରେ ପୁରୀ ଅଭିମୁଖେ ଯାତ୍ରା କରିଥିଲା। ଦାରୁଦର୍ଶନ ଲାଗି ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଦାରୁ ପ୍ରସ୍ଥାନ ପରେ ବି ଭକ୍ତଙ୍କ ଆଗମନ ସୁଅ ଛୁଟିଥିଲା। ପରବର୍ତ୍ତୀ ସମୟରେ ଏହି ସ୍ଥାନ କଣ୍ଟାଘାସ ପୂର୍ଣ୍ଣ ହୋଇଯାଇଥିଲା। ଜଣେ ବୃଦ୍ଧ ସନ୍ନ୍ୟାସୀ ଆସି ଏହି ସ୍ଥାନକୁ ପରିଷ୍କାର କରିଥିଲେ। ଏହି ଜାଗାରେ ଏକାଦଶୀ ଦିନ ଖେଚୁଡ଼ି ଭୋଗ ଅର୍ପଣ ଲାଗି ମା'ଙ୍କୁ ସ୍ୱପ୍ନାଦେଶ ଏବଂ ମନ୍ଦିର ନିର୍ମାଣ ଲାଗି ତାଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ପରେ ମନ୍ଦିର ନିର୍ମାଣ ପାଇଁ ଶ୍ରୀମନ୍ଦିର ମୁକ୍ତିମଣ୍ଡପରୁ ଅନୁମତି ଆଣିଥିଲେ। ଏ ସମ୍ପର୍କରେ ଗଜପତି ମହାରାଜାଙ୍କ ସହ ଆଲୋଚନା କରାଯାଇଥିଲା। ରାମେଶ୍ୱରରୁ କାରିଗର ଆସି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୯୯ରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଠାକୁରଙ୍କ ସେବାନୀତି ପାଇଁ ଜମିବାଡ଼ି, ମନ୍ଦିର ବେଢ଼ାରେ ତୁଳସୀ ଉଦ୍ୟାନ, ଯଜ୍ଞଶାଳା, ରୋଷଘର ନିର୍ମାଣ କରାଯାଇଛି। ଏଥିସହ ମନ୍ଦିର ଚତୁଃପାର୍ଶ୍ୱରେ ରଘୁନାଥ, ହନୁମାନ, ମା'ଲକ୍ଷ୍ମୀ, ବିମଳା, ଲକ୍ଷ୍ମୀନୃସିଂହଙ୍କ ସମେତ ଅନ୍ୟ ଠାକୁର ପୂଜା ପାଉଛନ୍ତି। ଶ୍ରୀକ୍ଷେତ୍ର ଭଳି ଏଠାରେ ବାରମାସରେ ତେର ପର୍ବ ଅନୁଷ୍ଠିତ ହୋଇଥାଏ। ରଥଯାତ୍ରା ମଧ୍ୟ ଆଡ଼ମ୍ବରରେ ପାଳିତ ହୋଇଥାଏ। ମନ୍ଦିର ପରିଚାଳନା ନିମନ୍ତେ ଶ୍ରୀଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ କମିଟି ଗଠନ କରାଯାଇଛି। ଗ୍ରାମବାସୀ ଏବଂ ମନ୍ଦିର ପରିଚାଳନା କମିଟି ସହଯୋଗରେ ପର୍ବପର୍ବାଣି ପାଳନ ହୋଇଥାଏ। ଦାରୁ ଚିହ୍ନଟ ପରେ ଦଧିମାଛଗାଡିଆ ତୀର୍ଥକ୍ଷେତ୍ର ପାଲଟି ଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ଶ୍ରଦ୍ଧାଳୁ ଆସିଥାନ୍ତି। ପ୍ରତିବର୍ଷ ଭକ୍ତଙ୍କ ଦ୍ୱାରା ୩ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ, ପ୍ରବଚନ, ଭଜନ କୀର୍ତ୍ତନ ହୋଇଥାଏ ବୋଲି ମାନସଙ୍କ ସାନଭାଇ ନୃସିଂହ ପଟ୍ଟନାୟକ କହିଛନ୍ତି।

## ବିଧାୟକଙ୍କ ଲାଭଜନକ ପଦବୀକୁ ଚ୍ୟାଲେଞ୍ଜ ମାମଲାର ଶୁଣାଣି

କଟକ ଅଫିସ: ବିଧାୟକମାନେ ଲାଭଜନକ ପଦବୀ(ଅଫିସ ଅଫ ପ୍ରଫିଟ)ରେ ରହିବା ଘଟଣାକୁ ଚ୍ୟାଲେଞ୍ଜ କରି ଆଗତ ମାମଲାରେ ହାଇକୋର୍ଟ ଗୁରୁବାର ଶୁଣାଣି କରିଛନ୍ତି। ନଭେମ୍ବର ୮ ସୁଦ୍ଧା ଭାରତୀୟ ନିର୍ବାଚନ କମିଶନଙ୍କ ମତାମତ ନେଇ ନିଷ୍ପତ୍ତି ନେବେ। ଏହି ନିଷ୍ପତ୍ତି ସମ୍ପର୍କରେ ରାଜ୍ୟପାଳ ଆବେଦନକାରୀଙ୍କୁ ନଭେମ୍ବର ୧୫ ସୁଦ୍ଧା ଜଣାଇବାକୁ ହାଇକୋର୍ଟ ଶୁଣାଣିରେ ସ୍ପଷ୍ଟ କରିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀ ଏହି ମାମଲାର ଶୁଣାଣି କରିଛନ୍ତି। ରାଜ୍ୟ କ୍ୟାବିନେଟରେ ପାରିତ ହୋଇଥିଲା। ଓଡ଼ିଶା ଅଫିସ ଅଫ ପ୍ରଫିଟ ଆକ୍ଟ-୧୯୬୧ ନିୟମକୁ ରଦ୍ଦ କରିବା ପାଇଁ ଅମରେନ୍ଦ୍ର ବେଉରା ହାଇକୋର୍ଟରେ ମାମଲା ରୁଜୁ କରିଥିଲେ।




୧୫।୦୭।୨୦୨୧
୨୪୯ ଟଙ୍କା

## ସଂକ୍ଷେପରେ

### ଜଙ୍ଘାର ଗ୍ରାମରେ ମାଙ୍କଡ଼ ଆତଙ୍କ

କଣାସ,୧୫।୭(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଅଣ୍ଡାଳିସଂହ ପଞ୍ଚାୟତର ଜଙ୍ଘାର ଗ୍ରାମରେ ୮ଦିନ ହେଲା ଗୋଟିଏ ହନୁମାଙ୍କଡ ଆତଙ୍କ ସୃଷ୍ଟି କରିଛି। ମାଙ୍କଡ଼ ଭୟରେ ଘରୁ କୌଣସି ପିଲା ବାହାରକୁ ବାହାରୁ ନାହାନ୍ତି। ଜଙ୍ଘାର ଗ୍ରାମର ସାଗର ବେହେରା, ପ୍ରଭାସ ବଡଜେନା, ଅଜୟ ସାହୁ, ତ୍ରିନାଥ ସ୍ୱାଇଁ, ରୁଢ଼ୁପୁର ଗ୍ରାମର ନିରଞ୍ଜନ ଜେନା ଏବଂ ରାସ୍ତାରେ ଯାଉଥିବା ଅନେକ ବାଟୋଇଙ୍କୁ କାମୁଡି ଦେଇଛି। ବନ ବିଭାଗ କର୍ମଚାରୀମାନଙ୍କୁ ମାଙ୍କଡ଼ ଉପଦ୍ରବ ବିଷୟରେ ଗ୍ରାମବାସୀ ବାରମ୍ବାର ଟେଲିଫୋନ୍‌ରେ ଜଣାଇଲେ ମଧ କେହି ଶୁଣୁ ନାହାନ୍ତି। ଫଳରେ ଗ୍ରାମରେ ମାଙ୍କଡକୁ ନେଇ କୋକୁଆଭୟ ସୃଷ୍ଟି ହୋଇଛି।

### 'ଗାଁର ବିକାଶରେ ସରକାରଙ୍କ ଉନ୍ନତି'

ଗୋପ,୧୫।୭(ଡି.ଏନ୍.ଏ.)- ଗ୍ରାମାଞ୍ଚଳର ବିକାଶ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯାଉଛି। ପିଇବା ପାଣିଠାରୁ ଆରମ୍ଭ କରି ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ସହିତ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ସରକାର ସବୁବେଳେ ଓ ସବୁ ସମୟରେ ଗାଁର ଉନ୍ନତି ପ୍ରତି ଗୁରୁତ୍ୱ ଦେଉଛନ୍ତି। ତେଣୁ ଗାଁର ଉନ୍ନତି ହେଲେ ଆମମାନଙ୍କର ନିଶ୍ଚିତ ଭାବରେ ବିକାଶ ହୋଇପାରିବ ବୋଲି ଗୁରୁବାର ଗୋପ ନିକଟସ୍ଥ କଳିଙ୍ଗ ଇଂଲିଶ ସ୍କୁଲ ପରିସରରେ ଆୟୋଜିତ ବିଜେଡି ଦଳର ଜୋନ ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ। ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଯୁବନେତା ପୂର୍ଣେଶ କୁମାର ସେନାପତି, ନିରଞ୍ଜନ ଶଗଡ଼ିଆ, ଧର୍ମେନ୍ଦ୍ର ସାହୁ, ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ, ଗୋପ ପଞ୍ଚାୟତର ପ୍ରତାପ ପରିଡ଼ା ପ୍ରମୁଖ ଯୋଗଦେଇ ଗାଁର ଉନ୍ନତି ସମ୍ପର୍କରେ ମତ ରଖିଥିଲେ। ପରେ ମନ୍ତ୍ରୀ ବ୍ଲକର କେଉଁ ପଞ୍ଚାୟତର କେଉଁ ଗାଁରେ କ'ଣ ସମସ୍ୟା ରହିଛି ସେ ନେଇ ଏକ ଚିଠା ଦେଲେ ସେ ସମ୍ପର୍କରେ ନିଶ୍ଚିତ ଦୃଷ୍ଟି ଦିଆଯିବ ବୋଲି କହିଥିଲେ।

### ବିଶ୍ୱ ଯୁବ କୌଶଳ ଦିବସ, ସ୍ୱଚ୍ଛତା ପକ୍ଷ ପାଳିତ

ପୁରୀ ଅଫିସ,୧୫।୭ - ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଜନଶିକ୍ଷଣ ସଂସ୍ଥାନ ପୁରୀ ତରଫରୁ ଗୁରୁବାର ବିଶ୍ୱ ଯୁବ କୌଶଳ ଦିବସ ଓ ସ୍ୱଚ୍ଛତା ପକ୍ଷ ପାଳନ ହୋଇଛି। ୧୫ ଦିନ ଧରି ପୁରୀ ଜିଲାର ବିଭିନ୍ନ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ପାଳନ କରାଯିବ। ଏହାର ଲକ୍ଷ୍ୟ ହେଉଛି ଦେଶର ଯୁବକ ଓ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ଓ ବିଭିନ୍ନ କୌଶଳ ସମ୍ପର୍କରେ ସ୍ୱେଚ୍ଛାକୃତ ତାଲିମ ମାଧ୍ୟମରେ ସଂଗଠିତ କରିବା। ଯାହାଦ୍ୱାରା ଦେଶର ଯୁବ ପ୍ରତିଭା ସୃଷ୍ଟି ହୋଇପାରିବ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ଅଧାପକ ପ୍ରଭାତ ରଞ୍ଜନ ପ୍ରଧାନ ଯୋଗଦେଇ କହିଥିଲେ, ଆମେ ନିଜେ ସ୍ୱଚ୍ଛ ହେବା ସହ ପରିବେଶ ପ୍ରତି ଯତ୍ନବାନ ହେବା ଆବଶ୍ୟକ। ସଂସ୍ଥାନର ନିର୍ଦ୍ଦେଶକ ଜ୍ଞାନ ବିକାଶ ଗଜେନ୍ଦ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଷ୍ଠାନର ଉପସ୍ଥିତ ସମସ୍ତ ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀ ମାନଙ୍କୁ ଶପଥପାଠ କରାଇଥିଲେ। ମହାତ୍ମା ଗାନ୍ଧୀଙ୍କ ଲକ୍ଷ୍ୟଥିଲା ଏକ ସ୍ୱଚ୍ଛ ମୁକ୍ତ ଭାରତ ଗଠନ କରିବା, ଯାହା ବର୍ତ୍ତମାନ କେନ୍ଦ୍ର ସରକାର ସ୍ୱଚ୍ଛତା ପକ୍ଷ ମାଧ୍ୟମରେ ଦେଶବାସୀଙ୍କୁ ଜାଗ୍ରତ କରିଛନ୍ତି ବୋଲି କହିଥିଲେ। ସହ-କାର୍ଯ୍ୟକ୍ରମ ଅଧିକାରୀ ପଦ୍ମଚରଣ ସେଠୀ, ଖବରଦାତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ଶ୍ରୀଧର ଦାଶ ଧନ୍ୟବାଦ ଦେଇଥିଲେ।

### ବନ ବିଭାଗ କାର୍ଯ୍ୟାଳୟ ଉଦ୍‌ଘାଟିତ

ଡେଲାଙ୍ଗ,୧୫।୭(ଡି.ଏନ୍.ଏ.)- ଡେଲାଙ୍ଗ ବନ ବିଭାଗ ପକ୍ଷରୁ ବନାଞ୍ଚଳ ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆରସିସିଏଫ ମନୋଜ ମହାପାତ୍ର, ଡିଏଫଓ ପୂର୍ଣ୍ଣିମା ପାଣ୍ଡିଆନ, ସିଏଫ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ ଓ ଡେଲାଙ୍ଗ ବନାଞ୍ଚଳ ଅଧିକାରୀ ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ୧୯ଲକ୍ଷ ୩୮ ହଜାର ଟଙ୍କା ବ୍ୟୟରେ ଏହି ଗୃହ ନିର୍ମିତ ହୋଇଛି। ରେଞ୍ଜର ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଭାକର ଦଳାଇ, ଫରେଷ୍ଟ ଗାର୍ଡ ଶର୍ମିଷ୍ଠା ନନ୍ଦ, ବାବୁଲି ରଣା, ପ୍ରକୃତି ବନ୍ଧୁ ଅପର୍ତ୍ତି ମହାପାତ୍ର, ରମଣୀରଞ୍ଜନ ଚମ୍ପତି, ଦେବରାଜ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଗଡ଼ିଲାନି ଗାଡ଼ି, ବନ୍ଦ ରହିଲା ବଜାର

ପୁରୀ ଅଫିସ/ ପିପିଲି/କାକଟପୁର/ କୋଣାର୍କ/ବ୍ରହ୍ମଗିରି/କଣାସ, ୧୫।୭(ଡି.ଏନ୍.ଏ./ସ୍ୱ.ପ୍ର.)

ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପ୍ରତିବାଦରେ ସମଗ୍ର ରାଜ୍ୟରେ ବିଭିନ୍ନ ଦଳ ପକ୍ଷରୁ ଗୁରୁବାର ୬ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏହି ଅବସରରେ ପୁରୀ ସହରରେ ସିପିଆଇଏମ୍, ସିପିଆଇ ଏବଂ ଫରୱାର୍ଡ ବ୍ଲକ୍ ପକ୍ଷରୁ କୋର୍ଟ, ବ୍ୟାଙ୍କ ଓ ବିଭିନ୍ନ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏଥିରେ ସିପିଆଇଏମ୍ ନେତା ଶରତ କୁମାର ରାୟଗୁରୁ, ଶ୍ରମିକ ନେତା ଜଗନ୍ନାଥ ଦେଓ, ସିପିଆଇ ନେତା ପ୍ରଦୀପ ମହାନ୍ତି, ଫରୱାର୍ଡ ବ୍ଲକ୍ ନେତା ଜୀତେନ୍ଦ୍ରିୟ ବେହେରା, ଗୋବିନ୍ଦ ନାୟକ, ପୂର୍ଣ୍ଣ ମୁଦୁଲି, ଟୁନା ନାୟକ, ବିଭୁତି ରାଉତରାୟ, ସତ୍ୟଭାମା ବେହେରା ଏବଂ କୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁରୀ ରେଳଷ୍ଟେଶନରେ ସିଆଇଟିୟୁ ପକ୍ଷରୁ ଜିଲା ସଭାପତି ଶ୍ରୀକାନ୍ତ ପରିଜାଙ୍କ ନେତୃତ୍ୱରେ ବସନ୍ତ ରାଉତ, ଏ. ବିଶ୍ୱ ରେଡ୍ଡୀ, ଜ୍ଞାନେନ୍ଦ୍ର ଦାଶ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପିପିଲିରେ ସିପିଆଇ(ଏମ୍ଏଲ) ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ସମର୍ଥକ ତାରାକାଜ ବାଇପାସ୍‌ଠାରୁ ଏକ ଶୋଭାଯାତ୍ରାରେ ବାହାରି ହାଟ ଛକରେ ପହଞ୍ଚି ଏକ ସଭା କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏଥିରେ ଦଳ ସମ୍ପାଦକ ସର୍ବେଶ୍ୱର ଭାରତୀ, ସୁନନ୍ଦ ଗଡ଼ନାୟକ, ରବୀନ୍ଦ୍ର ସାଇଁ, କାହ୍ନୁଚରଣ ବେହେରା, ବନ୍ଧୁ ପ୍ରଧାନ ଓ ରାଜୀବ ସାହୁ ପ୍ରମୁଖ ସାମିଲ ଥିଲେ। ସିପିଆଇ ଦଳର କାକଟପୁର ଜୋନ୍ ସମ୍ପାଦକ ବିପିନ ବିହାରୀ ରାଉତଙ୍କ ନେତୃତ୍ୱରେ କଲ୍ୟାଣ ସାହୁ, ବିପିନି ଜେନା,ଗଗନ ସାହୁ, ସୁର ବାରିକ, ପ୍ରଫୁଲ୍ଲ ପରିଡ଼ା ପ୍ରମୁଖ କାକଟପୁର କଲେଜ ଛକରେ ରାସ୍ତାରୋକୋ କରିଥିଲେ। କୋଣାର୍କ ସିପିଆଇ ନେତା ସୁକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ମାନସ ବେହେରା, ଅସିତ ସେଠୀଙ୍କ ସମେତ ଶତାଧିକ କର୍ମୀ ବଜାର ପରିକ୍ରମା କରି ସ୍ଲୋଗାନ ଦେଇଥିଲେ। କଂଗ୍ରେସ କର୍ମୀମାନେ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ କରିଥିଲେ। ବ୍ରହ୍ମଗିରିର ବିଭିନ୍ନ ଦଳର ଭୀମସେନ ସ୍ୱାଇଁ, ବନବାସିନୀ ମହାପାତ୍ର, ବଟକୃଷ୍ଣ ସ୍ୱାଇଁଙ୍କ ନେତୃତ୍ୱରେ ବିଭିନ୍ନ ଛକରେ ପ୍ରତିବାଦ ସଭା କରିଥିଲେ। କଣାସରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ ପ୍ରଧାନ, କିଷାନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ବାମପନ୍ଥୀ କର୍ମୀ ଗୋଲବଜାରଠାରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ସ୍ଲୋଗାନ ଦେଇଥିଲେ।



ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ପୁରୀ କଚେରି ଛକଠାରେ ଗୁରୁବାର ବାମପନ୍ଥୀ ଦଳଗୁଡିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ହେରା ପଞ୍ଚମୀ ଉପଲକ୍ଷେ ପୁରୀର ସୂର୍ଯ୍ୟକାନ୍ତ ଦାସଙ୍କ ଚିତ୍ରକଳା।

# ତଦନ୍ତ ରିପୋର୍ଟ ଦାଖଲ ପାଇଁ ସମୟ ନେଲେ ସରକାର

**ପୁରୀ ହାଜତ ମୃତ୍ୟୁ ମାମଲା**

କଟକ ଅଫିସ,୧୫।୭:

ପୁରୀ ହାଜତ ମୃତ୍ୟୁକୁ ନେଇ ହାଇକୋର୍ଟରେ ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାର ତଦନ୍ତ ରିପୋର୍ଟ ଦାଖଲ କରି ନ ପାରି ଅଧିକ ସମୟ ନେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀଙ୍କ ମିଳିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆସନ୍ତା ଅଗଷ୍ଟ ୧୮ ତାରିଖ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପୁରୀର ଶରତ କୁମାର ରାୟଗୁରୁଙ୍କ ପକ୍ଷରୁ ଆଇନଜୀବୀ ଦୀପକ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

ଗତବର୍ଷ ନଭେମ୍ବରରେ ପୁରୀ ବାସେଲିସାହି ଥାନାରେ ଲୋକନାଥ ରୋଡ ଅଞ୍ଚଳର କେ. ରମେଶ(୩୩)ଙ୍କୁ ମାଡ ମରାଯାଇଥିଲା। ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ହାଜତରେ ରମେଶଙ୍କୁ ପୋଲିସ ପିଟି ପିଟି ମାରିଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏନେଇ ହାଇକୋର୍ଟରେ ରାୟଗୁରୁ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ହାଇକୋର୍ଟ ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। ବୁଧବାର ରାଜ୍ୟ ସରକାର ତଦନ୍ତ ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ କରିବାର ଥିଲେ ମଧ ତାହା କରିପାରିନାହାନ୍ତି। ରଥଯାତ୍ରା ଯୋଗୁ ତଦନ୍ତ ରିପୋର୍ଟ ପ୍ରସ୍ତୁତିରେ ବିଳମ୍ବ ହେବାରୁ ସରକାର ଏଥିପାଇଁ ଅଧିକ ସମୟ ମାଗିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୮ ତାରିଖକୁ ଧାର୍ଯ୍ୟ ହୋଇଛି। ଏହି ସମୟ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

# ଏସ୍‌ଓପି ଉଲ୍ଲଂଘନ: ବିଲ୍‌ଡିଂ ସିଲ୍

**ପୋଲିସ ତାଲିକାରେ ୯ ନାମ**

ପୁରୀ ଅଫିସ,୧୫।୭:

ରଥଯାତ୍ରା ଏସ୍‌ଓପି ଓ କର୍ଫ୍ୟୁ ନିୟମ ଉଲ୍ଲଂଘନ ନେଇ ପୁରୀ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ବୁଧବାର ବଳଗଣ୍ଡି ଛକସ୍ଥିତ ଗଙ୍ଗା ଲଜ୍‌କୁ ସିଲ୍ କରାଯାଇ ଥିବାବେଳେ ଗୁରୁବାର ବଡ଼ଦାଣ୍ଡସ୍ଥିତ ଅକ୍ଷୟ ପାତ୍ର ଫାଉଣ୍ଡେଶନର ବିଲ୍‌ଡିଂକୁ ପ୍ରଶାସନ ସିଲ୍ କରିଛି। ଅକ୍ଷୟ ପାତ୍ର ଫାଉଣ୍ଡେଶନର ବିଲ୍‌ଡିଂରେ ଇସ୍କନ ଭକ୍ତଙ୍କୁ ରଖାଯାଇ ରଥଯାତ୍ରା ଦେଖିବାର ସୁଯୋଗ ଦିଆଯାଇଥିଲା ବୋଲି ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ସେହିପରି ଗଙ୍ଗା ଲଜ୍‌ର ଛାତ ଓ ବାଲ୍‌କୋନିରେ ଅନେକ ଲୋକ ରଥଯାତ୍ରା ଦେଖିବାର ଦୃଶ୍ୟ ସୋସିଆଲ୍ ମିଡିଆରେ ଘୂରିବୁଲିଥିଲା। ଅନ୍ୟପକ୍ଷରେ ନିୟମ ଉଲ୍ଲଂଘନ କରି ରଥଯାତ୍ରା ଦେଖିବା ସହ ଫଟୋ ଉଠାଇବା ଓ ଭିଡିଓ ଶୁଟ୍ କରିବା ଅଭିଯୋଗରେ ପ୍ରଥମ ପର୍ଯ୍ୟାୟରେ ଗୁରୁବାର ପୋଲିସ ପ୍ରଶାସନ ପକ୍ଷରୁ ଏକ ତାଲିକା ପ୍ରକାଶ ପାଇଛି। ଏଥିରେ ପ୍ରଥମେ ୧୦ ଜଣଙ୍କ ନାମ ରହିଥିଲା। ତେବେ ପରେ ଜଣେ ସେବାୟତଙ୍କ ନାମକୁ ବାଦ୍ ଦିଆଯାଇଛି। ଅନ୍ୟମାନେ ହେଲେ ପୁରୀ ସହରର ସୋମନାଥ ସାହୁ, ଭବାନୀ ଜେନା, ରାଜଦୀପ ହରିଚନ୍ଦନ, ରଘୁନାଥ ସରାଫ, ମନୋରଞ୍ଜନ ମିଶ୍ର ଓ ବିଶ୍ୱନାଥ ସାହୁ। ଏଥିସହ ହରିୟାଣା କୁରୁକ୍ଷେତ୍ରର ଗୋବିନ୍ଦକ୍ରିଷ୍ଣା ଦାସ ଏବଂ ଅତୁଲ କ୍ରିଷ୍ଣାଙ୍କ ନାମ ମଧ ରହିଛି। ଗୋବିନ୍ଦକ୍ରିଷ୍ଣା ଓ ଅତୁଲ ବଡ଼ଦାଣ୍ଡସ୍ଥିତ ଏକ ଲଜ୍‌ର ବାଲକୋନିରେ ରଥଯାତ୍ରାର ଭିଡିଓ ଶୁଟ୍ କରି ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରିଥିବା ଜଣାପଡ଼ିଛି। ଏହି ଘଟଣା ଚର୍ଚ୍ଚାକୁ ଆସିବା ପରେ ଉଭୟେ ପୁରୀ ଛାଡ଼ି ଚାଲିଯାଇଥିବା ସୂଚନା ମିଳିଛି। ବିନା ପାସ୍ କିମ୍ବା ନକଲି ପାସ୍‌ରେ ଯେଉଁ ବ୍ୟକ୍ତିମାନେ ରଥଯାତ୍ରାରେ ସାମିଲ ହୋଇଥିଲେ ସେମାନଙ୍କୁ ମଧ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଫଟୋ ଓ ସିସିଟିଭି ଫୁଟେଜ୍ ଯାଞ୍ଚ ସହ ଆବଶ୍ୟକ ପ୍ରମାଣ ସଂଗ୍ରହ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି।


ବଡ଼ଦାଣ୍ଡସ୍ଥିତ ଅକ୍ଷୟ ପାତ୍ର ଫାଉଣ୍ଡେଶନର କାର୍ଯ୍ୟାଳୟକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଉଛି।

## ଶ୍ରୀଗୁଣ୍ଡିଚା ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧୪୪ ଧାରା ବିଳମ୍ବରେ ସୂଚନା ଦେଲା ପ୍ରଶାସନ

ପୁରୀ ଅଫିସ,୧୫।୭:

ପୁରୀ ସହରରେ କଟକଣା ନେଇ ପ୍ରଶାସନ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ତେବେ ଏହି ବିଜ୍ଞପ୍ତି ୧୪ ତାରିଖ ଅତିକ୍ରାନ୍ତ ହେବା ପରେ ଗୁରୁବାର ପ୍ରକାଶ ପାଇଛି। ବିଜ୍ଞପ୍ତିରେ ଉଲ୍ଲେଖ ହୋଇଛିଯେ, ୧୪ ତାରିଖ ସକାଳ ୬ଟାରୁ ୧୯ ତାରିଖ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଲୋକଙ୍କ ଯାତାୟତ ସମ୍ପୃକ୍ତ ଅଞ୍ଚଳରେ ବନ୍ଦ ରହିବ। ୧୪ ତାରିଖ ଅତିକ୍ରାନ୍ତ ହୋଇଯାଇଛି ଓ ଲୋକେ ରଥ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଦେଇ ଯାତାୟାତ କରିଛନ୍ତି। ତେଣୁ ଏଭଳି କଟକଣା ଲଗାଇବାର ଅର୍ଥ ବୁଝାପଡୁନାହିଁ। ଅନ୍ୟପକ୍ଷରେ ଜିଲା ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଭୋଳାନାଥ ବିଦ୍ୟାପୀଠ ଓ ଖାକିମଠ ନୂଆସାହି ଛକଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର, ଶରଧାବାଲି ଓ ଏହାର ଚାରିପାଖରେ ୧୪୪ ଧାରା ବଳବତ୍ତର ରହିଛି। ତିନି ରଥର ସୁରକ୍ଷା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

## ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ଅପରାଜିତା

ପୁରୀ ଅଫିସ, ୧୫।୭:

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଗୁରୁବାର ପୁରୀ ଆସି ଗୋବର୍ଦ୍ଧନ ପୀଠରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟି ଆଶୀର୍ବାଦ ନେଇଛନ୍ତି। ନିଷ୍ଠାପର ଭାବେ ସେବା ମନୋଭାବ ରଖି କାର୍ଯ୍ୟ କରିବାକୁ ଅପରାଜିତାଙ୍କୁ ଶଙ୍କରାଚାର୍ଯ୍ୟ ପରାମର୍ଶ ଦେଇଛନ୍ତି। ଗଣମାଧ୍ୟମକୁ ଅପରାଜିତା କହିଛନ୍ତି, ସେ ଜଗଦ୍‌ଗୁରୁଙ୍କଠାରୁ ଆଶୀର୍ବାଦ ନେଇ ଖୁବ୍ ଖୁସି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ବିକାଶ ହେଉଥିବାବେଳେ ସେ ଆହୁରି ଭଲ ଭାବେ ଲୋକଙ୍କ ସେବା କରିବେ। ଏହି ଅବସରରେ ଯୁବନେତା ଭବାନୀ ଶଙ୍କର ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ତଦନ୍ତ ବେଳେ ଏବିଡିଓ, ୩ ବ୍ଲକ କର୍ମଚାରୀଙ୍କୁ ଆକ୍ରମଣ

ଡେଲାଙ୍ଗ,୧୫।୭(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଏବିଡିଓ ସମେତ ବ୍ଲକ କର୍ମଚାରୀ ତଦନ୍ତ ପାଇଁ ଗୁରୁବାର ବ୍ଲକ ଅଞ୍ଚଳକୁ ଯାଇଥିବାବେଳେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇଛନ୍ତି। ଫଳରେ ଏବିଡିଓ ଘଟଣା ସମ୍ପର୍କରେ ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୬୩ /୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଡେଲାଙ୍ଗ-କୋଠବାଡ ପଞ୍ଚାୟତର ଗୁଆଚଉକା ଗ୍ରାମରେ ଡେଲାଙ୍ଗର ୩ ବ୍ଲକ ଷ୍ଟାଫ୍‌ଙ୍କ ସହିତ ଅତିରିକ୍ତ ବିଡିଓ ପ୍ରଦୀପ୍ତ କୁମାର ନାୟକ ଉପସ୍ଥିତ ରହି ତଦନ୍ତ କରୁଥିଲେ। ହଠାତ ସେହି ଗ୍ରାମର ଜଣେ ଯୁବକ ମଦ୍ୟପାନ କରି ଅଧିକାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ପରେ ଆଉ ୩ ଜଣ ଯୁବକ ଆସି କଟୁରି ଓ ରଡ୍ ଧରି କର୍ମଚାରୀମାନଙ୍କୁ ମାଡ଼ମାରି ନାନା ଧମକ ଦେଇଥିଲେ। ଏହି ଆକ୍ରମଣରେ ୨ଜଣ କର୍ମଚାରୀ ଆହତ ହୋଇଛନ୍ତି। ପରେ ଏବିଡିଓ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ପୁରୀବାସୀଙ୍କୁ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ମିଳୁ

ପୁରୀ ଅଫିସ,୧୫।୭

ଚଳିତବର୍ଷ ଘୋଷଯାତ୍ରାରେ ପୁରୀବାସୀଙ୍କୁ ଦାରୁଦିଅଁଙ୍କ ଦର୍ଶନରୁ ବଞ୍ଚିତ ରଖାଯାଇଛି। ପୁରୀବାସୀ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ଦାବି ନେଇ ଗୁରୁବାର ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଆଲୋଚନା କରିଛି। ଏଥିସହ ଏକ ଦାବିପତ୍ର ଦେଇଛି। ଡବଲ ଡୋଜ୍ କୋଭିଡ୍ ଟିକା ନେଇଥିବା ଓ ନେଗେଟିଭ ଥିବା ବରିଷ୍ଠ ନାଗରିକଙ୍କୁ ଆଡ଼ପ ମଣ୍ଡପ ଏବଂ ସୁନାବେଶରେ ଦାରୁଦିଅଁଙ୍କ ଦର୍ଶନ ନିମନ୍ତେ ସୁଯୋଗ ଦିଆଯାଉ। ପ୍ରତ୍ୟେକ ୱାର୍ଡର ବ୍ୟକ୍ତିଙ୍କୁ ପର୍ଯ୍ୟାୟକ୍ରମେ ଏହି ସୁବିଧା ଦେବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛନ୍ତି। ସେହିପରି ପ୍ରଶାସନର କଟକଣା ମାନି ବଡ଼ଦାଣ୍ଡରେ ଥିବା ଘରଛାତ ଉପରେ ପୁରୀବାସିନ୍ଦା କେହି ରଥଯାତ୍ରା ଦେଖି ନ ଥିଲେ। କିନ୍ତୁ ବାହାର ରାଜ୍ୟର କେତେକ ଲୋକ ବଡ଼ଦାଣ୍ଡରେ ଥିବା ବିଭିନ୍ନ ଲଜ୍, ଘରୋଇ ଅଫିସ ଉପରେ ଠିଆହୋଇ ରଥଯାତ୍ରା ଦେଖିଥିବା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏତେ କଡ଼ା ବ୍ୟବସ୍ଥା ସତ୍ତ୍ୱେ କିଭଳି ଏହା ହେଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଧାୟକ ଦାବି କରିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ନିଷ୍ପତ୍ତି ଆଧାରରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସମର୍ଥ ବର୍ମା ପ୍ରତିଶ୍ରୁତି ଦେଇଥିବା ବିଧାୟକ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।


ପୁରୀ ବିଧାୟକଙ୍କ ନେତୃତ୍ୱରେ ଭାଜପା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

# ଆନ୍ଦୋଳନ ବେଳେ ଫସିଲା ଆମ୍ବୁଲାନ୍ସ

ନିମାପଡ଼ା,୧୫।୭(ଡି.ଏନ୍.ଏ.)

ତୈଳ ଦର ଓ ଜରୁରୀ ସାମଗ୍ରୀ ଦର ବଢ଼ିବା ପ୍ରତିବାଦରେ ନିମାପଡ଼ା ୟୁକୋ ବ୍ୟାଙ୍କ ଛକରେ ସିପିଆଇ, କୃଷକ ସଭା ସଂଘ, କଂଗ୍ରେସ ଦଳ ପକ୍ଷରୁ ୬ଘଣ୍ଟିଆ ଓଡ଼ିଶା ବନ୍ଦ ଆନ୍ଦୋଳନ ଡାକରାରେ ରାସ୍ତାରୋକୋ ହୋଇଥିଲା। ରାସ୍ତାରୋକୋ ଚାଲିଥିବାବେଳେ ଏକ ଆମ୍ବୁଲାନ୍ସ ଫସିରହିଥିଲା। ପରେ ପୋଲିସ ସହଯୋଗ କରିବାରୁ ଆମ୍ବୁଲାନ୍ସଟି ଆଗକୁ ବଢ଼ିଥିଲା। ସିପିଆଇ ଓ ଅଖିଳ ଭାରତ କୃଷକ ସଭା ନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ଦେବେନ୍ଦ୍ର ସାହୁ, ପ୍ରଫୁଲ୍ଲ ସାହୁ, କଂଗ୍ରେସ ନେତା ବିଜୟ ପ୍ରଧାନ, ପ୍ରଭାକର ପାଟଶାଣୀ, ନିରଞ୍ଜନ ସେଠୀ, ନବଘନ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ବ୍ୟାଙ୍କ ଛକ ନିକଟରେ ରାସ୍ତାରୋକୋ କରିଥିଲେ। ଏହି ସମୟରେ ଅହେତୁକ ଭାବେ ବୃଦ୍ଧି ପାଉଥିବା ଦରକୁ ନେଇ କର୍ମୀମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ହେଲେ ଆନ୍ଦୋଳନ ଯୋଗୁ ରାସ୍ତା ଉପରେ ବହୁ ଯାନବାହନ ଯାତାୟାତ କରି ନ ପାରି ଅଟକ ରହିଥିଲା। ଏହି ଜାମ୍ ମଧ୍ୟରେ ଗୁରୁତର ରୋଗୀଙ୍କୁ ନେଇ କ୍ୟାପିଟାଲ ହସ୍ପିଟାଲ ଯାଉଥିବା ଏକ ଆମ୍ବୁଲାନ୍ସ କିଛି ସମୟ ପାଇଁ ଅଟକି ରହିଥିଲା। ଏଥିଯୋଗୁ ପୋଲିସ ମଧ ରାସ୍ତାଜାମ୍‌କୁ ହଟାଇବାରେ ନାକେଦମ ହୋଇଥିଲା।


ଆନ୍ଦୋଳନ ସମୟରେ ଏକ ଆମ୍ବୁଲାନ୍ସ ଫସି ରହିଛି।

# ବାହାବା ପାଇଁ ତରବରିଆ କାର୍ଯ୍ୟାନୁଷ୍ଠାନ

ପୁରୀ ଅଫିସ,୧୫।୭:

ପୁରୀ ପ୍ରଶାସନର କଟକଣା ସତ୍ତ୍ୱେ ରଥଯାତ୍ରାରେ ଅନଧିକାର ପ୍ରବେଶ ହେଲା। ସେହିପରି ଲୋକେ ଏସ୍‌ଓପି ଉଲ୍ଲଂଘନ କରି ବଡ଼ଦାଣ୍ଡରେ ଥିବା ଘର, ଲଜ୍, ହୋଟେଲ ଛାତ ଓ ବାଲ୍‌କୋନିରେ ରଥଯାତ୍ରା ଦେଖିଲେ। ଏପରି କି ରଥଯାତ୍ରାର ଫଟୋ ଉଠାଇ ଓ ଭିଡିଓ ଶୁଟ୍ କରି ମୋବାଇଲ ଫୋନ୍, ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କଲେ। ଏ ନେଇ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ ସହ ସିଂହଦ୍ୱାର ଥାନାରେ ଏତଲା ଦିଆଯିବା ପରେ ପୁରୀ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ତେବେ ତରବରିଆ ଭାବେ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବା ଏକପ୍ରକାର ସ୍ପଷ୍ଟ ହେଉଛି। କାରଣ ପ୍ରଥମରୁ ହିଁ ପୋଲିସର ତ୍ରୁଟି ସାମ୍ନାକୁ ଆସିଛି। କଟକଣା ଉଲ୍ଲଂଘନକାରୀ ତାଲିକାରେ ରଞ୍ଜନ ପାତ୍ର ନାମକ ବ୍ୟକ୍ତିଙ୍କ ନାମ ଥିବାବେଳେ ସେ ଶ୍ରୀମନ୍ଦିର ସେବାୟତ ବୋଲି ଜଣାପଡ଼ିଛି। ତାଙ୍କ ପାଖରେ ଶ୍ରୀମନ୍ଦିର ସେବାୟତ ପରିଚୟପତ୍ର ଓ ରଥଯାତ୍ରା ପାଇଁ ମିଳିଥିବା ପାସ୍ ରହିଛି। ରଞ୍ଜନ ଅଭିଯୋଗ କରିଛନ୍ତି, ପୋଲିସ ତଦନ୍ତ ନ କରି କେବଳ ସାମାଜିକ ଗଣମାଧ୍ୟମରୁ ଫଟୋ ସଂଗ୍ରହ କରି ମୋତେ ଆଇନ ଉଲ୍ଲଂଘନକାରୀ ବୋଲି ଦର୍ଶାଇଛି। ଏପରି କି, ମୋ ପରିଚୟ ପାଇପାରିଥିବା ପୋଲିସ ଅଭିଯୋଗର ସତ୍ୟତା ଜାଣିବା ପାଇଁ ମୋ ସହ କୌଣସି ପ୍ରକାର ଯୋଗାଯୋଗ କରିବାକୁ ଚେଷ୍ଟା ମଧ କରି ନାହିଁ। ବିନା ତଦନ୍ତରେ ଏଭଳି ନିଷ୍ପତ୍ତି ନିଆଯାଇଛି, ଯାହା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ। ଏଭଳି ଘଟଣାରେ ମୋର ମାନହାନୀ ଘଟିଛି। ତେଣୁ ପୁରୀ ପୋଲିସ ମୋତେ କ୍ଷମା ମାଗିବା ଦରକାର। ନଚେତ ଆଇନର ଆଶ୍ରୟ ନେବାକୁ ବାଧ ହେବି ବୋଲି ରଞ୍ଜନ କହିଛନ୍ତି।

ଅନ୍ୟପକ୍ଷରେ ପ୍ରଶାସନ ଉପରେ ବିଭିନ୍ନ ବର୍ଗର ଲୋକଙ୍କ କ୍ରମାଗତ ଚାପ ପରେ ପୋଲିସ ପ୍ରଶାସନ ବାହାବା ନେବାକୁ ତରବରିଆ ଭାବେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସାଧାରଣରେ ଅଭିଯୋଗ ହେଉଛି। ପୁରୀ ପୋଲିସ ପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ଯେ, ଶୂନ୍ୟ ସହନଶୀଳତାକୁ ପ୍ରାଥମିକତା ଦେଇ ପୋଲିସ କେତେଜଣ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛି, ଯେଉଁମାନଙ୍କ ନାମରେ କର୍ଫ୍ୟୁ କଟକଣା ଭାଙ୍ଗିଥିବା ନେଇ ସୂଚନା ରହିଛି। ଯଥେଷ୍ଟ ପରିମାଣର ପ୍ରମାଣ ସଂଗ୍ରହ କରାଯିବା ପରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଏଠାରେ ପ୍ରଶ୍ନ ଉଠୁଛି, କେବଳ ସାମାଜିକ ଗଣମାଧ୍ୟମକୁ ଆଧାର କରି ପୋଲିସ ଏଭଳି ତାଲିକା ପ୍ରସ୍ତୁତ କରିବା କେତେ ଦୂର ଠିକ୍। ସେହିଭଳି ପୋଲିସ ଉକ୍ତ ପ୍ରେସ୍ ବିଜ୍ଞପ୍ତିରେ ସାମାଜିକ ଗଣମାଧ୍ୟମରୁ ଫଟୋ ସଂଗ୍ରହ ହୋଇଥିବା କିମ୍ବା ସମ୍ପୃକ୍ତ ବ୍ୟକ୍ତିମାନେ ତଦନ୍ତ ପରିସରଭୁକ୍ତ ବୋଲି ଉଲ୍ଲେଖ ନ କରି ସିଧାସଳଖ ଭାବେ ଆଇନ ଉଲ୍ଲଂଘନକାରୀ ବୋଲି ଦର୍ଶାଇବା ଉଚିତ ମନେହେଉନାହିଁ। ଏହାଦ୍ୱାରା ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠିଲାଣି। ତାଲିକାରେ ଜଣେ ସେବାୟତଙ୍କ ନାମ କିପରି ବିନା ତଦନ୍ତରେ ରହିଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ତେବେ ଏ ନେଇ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, ରଞ୍ଜନ ପାତ୍ରଙ୍କ ସମ୍ପର୍କରେ ପୋଲିସ ସୋସିଆଲ ମିଡିଆରୁ ଜାଣିବାକୁ ପାଇଥିଲା। ତେବେ ଗୁରୁବାର ତଦନ୍ତ ପରେ ସେ ଜଣେ ସେବାୟତ ଏବଂ କର୍ଫ୍ୟୁ କଟକଣା ଉଲ୍ଲଂଘନ କରି ନ ଥିବା ଜଣାପଡ଼ିଛି। ତେଣୁ ପୋଲିସ ତାଲିକାରୁ ତାଙ୍କ ନାମକୁ ବାଦ୍ ଦିଆଯାଇଛି।



ସେବାୟତ ରଞ୍ଜନ ପାତ୍ରଙ୍କ ପରିଚୟପତ୍ର।